


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

### ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି। କାଣ୍ଡ ଘଟାଇବା ପରେ ଦୁଇ ଅଭିଯୁକ୍ତ ମହିଳାଙ୍କୁ ଚୁପ୍ ରହିବାକୁ ଧମକ ଦେଇଥିଲେ। ଗୁରୁବାର ଏହି ଘଟଣା ଘଟିଥିଲା। କିନ୍ତୁ ଶୁକ୍ରବାର ରାତିରେ ଏହା ଜଣା ପଡ଼ିଥିଲା। ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ଭର୍ତ୍ତି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ। ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ବେହୋଶ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ଏକ ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିଆନ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲେ। ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଟେକନିସିଆନ ଜଣକ ମୁହଁକୁ ସ୍ପ୍ରେ ମାରିଥିଲେ ଓ ବେହୋଶ ହୋଇଯାଇଥିଲି ବୋଲି ▶ପୃଷ୍ଠା-୭

## ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରଠାରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ଘରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ। ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦)। ଚାଷ ଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ। ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ। ବିଷ ପିଇବା ପରେ ୪ ଜଣ ବାନ୍ତି କରିଥିଲେ। ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ ଓ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ବେଳେ ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହରଙ୍କ ଜୀବନ ଯାଇଥିଲା। ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା। ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ କଲେଜରେ ପ୍ରଥମ ବର୍ଷର ଛାତ୍ରୀଥିଲା। ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ।

## ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

### ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି। ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି। ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି। ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଜଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ଜଣାପଡ଼ିଛି। ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି। ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ମଧ୍ୟ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

# ଅବପାତ ଆଣିଲା ବନ୍ୟା

### ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା

■ **ଭୁବନେଶ୍ୱର, ୨୬।୭(ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବାବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୩୯.୧୬ ମିଟର ରହିଛି। ସେହିପରି ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସେଠାରେ ଜଳସ୍ତର ୬ଟା ସୁଦ୍ଧା ୧୮.୮୮ ମିଟର ରହିଛି। ରାତି ୧୦ଟା ସୁଦ୍ଧା ଏଠାରେ ଜଳସ୍ତର ୧୯.୧୦ ମିଟର ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମାନ ଭାବରେ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଜଳସ୍ତର ବର୍ତ୍ତମାନ ୭.୧୩ ମିଟର ରହିଛି। ଜାମଶୋଳାଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ସେଠାରେ ବର୍ତ୍ତମାନ ବିପଦ ସଙ୍କେତ ଉପରେ ଅର୍ଥାତ୍ ୫୦.୬୪ ମିଟର ଜଳ ପ୍ରବାହିତ ହେଉଛି। ଆସନ୍ତାକାଲି ଦିନ ୧୧ଟା ସୁଦ୍ଧା ସୁବର୍ଣ୍ଣରେଖା ବିପଦ ସଙ୍କେତ ଅତିକ୍ରମ କରିବା ସହ ପ୍ରାୟ ୧୧.୭ ମିଟରରେ ପ୍ରବାହିତ ହେବା ଆଶଙ୍କା ରହିଛି। ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ। ଆଭ୍ୟନ୍ତରିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

### ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ



**ଫୁଲୁଛି ମହାନଦୀ**

### ହୀରାକୁଦର ୨୦ ଗେଟ୍‌ରୁ ଜଳ ନିଷ୍କାସନ

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭(ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି। ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି। ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି। ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉପୁନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍। ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି। ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ। ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି। ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ। ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି। ▶ପୃଷ୍ଠା-୭

## କୁଶଭଦ୍ରାକୁ ଖସିପଡ଼ିଲା କାର୍

### ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ

■ **କୋଣାର୍କ, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର




କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମେରାଇନ୍ ଡ୍ରାଇଭ୍ ଜାତୀୟ ▶ପୃଷ୍ଠା-୭

## ଦେବଝରଣରେ ବୁଡ଼ିଗଲେ ଭିମ୍‌ସାର ଛାତ୍ରଛାତ୍ରୀ

■ **ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଦେବଝରଣଠାରେ ଆଜି ଏକ ଅଘଟଣ ଘଟିଛି। ବୁର୍ଲା ଭିମସାରର ୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଦେବଝରଣ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ଦୁଇଜଣ ଛାତ୍ରଛାତ୍ରୀ ବୁଡ଼ି ଯାଇଥିବା କୁହାଯାଉଛି। ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତର ଜଳସ୍ରୋତ ଅଧିକ ଥିଲା। ସେମାନେ ବାହାରି ନପାରି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ





ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଦୁଇଜଣ ଡାକ୍ତରୀ ଶେଷବର୍ଷ ଛାତ୍ରଛାତ୍ରୀ ସନ୍ଦିପ ପୁରୀ (୨୪) ଓ ମୋନିକା ମୀନା (୨୪) ବୋଲି ସୂଚନା ମିଳିଛି। ସହକାରୀ ଅଗ୍ନିଶମ ଅଧିକାରୀ ସୁଦାମ ଚନ୍ଦ୍ର କିସ୍‌କୋଙ୍କ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୧ଟା ୪୦ ମିନିଟ ସମୟରେ ଯୁଯୋମୁରା ଅଗ୍ନିଶମ କେନ୍ଦ୍ରକୁ ଏନେଇ ଖବର ଆସିଥିଲା। ଏହାପରେ ଯୁଯୋମୁରା କେନ୍ଦ୍ରାଧିକାରୀ ଲକ୍ଷ୍ମୀକାନ୍ତ ଥାପାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣିରେ ଖୋଜାଖୋଜି କରି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ଦୁଇଜଣ ରାଜସ୍ଥାନ ଓ ଦିଲ୍ଲୀର ବୋଲି ସୂଚନା ମିଳିଛି। ଭିମସାରର ଅଧୀକ୍ଷକ ଡା. ଲାଲମୋହନ ନାୟକ ଓ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କ ସହ ଏକ ଡାକ୍ତରୀ ଟିମ୍ ▶ପୃଷ୍ଠା-୭

**ବ୍ରେନଷ୍ଟିନ ରିପୋର୍ଟ**

## ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ

### ୧ ପ୍ରତିଶତ ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାରର ସମ୍ପତ୍ତି

### ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବାବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି। ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି। ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି।



ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍‌ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି। ଏହା ଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି। ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି। ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି। ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଂସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି। ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି। ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି। ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ହାଇ ନେଟୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି।

ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋର୍ଟଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି। ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି। ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି।

**ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର**

## ମଉଳିଲା ମେଟ୍ରୋ ସ୍ୱପ୍ନ



### ସମସ୍ତ ଟେଣ୍ଡର ରଦ୍ଦ

■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି। ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ। ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର। ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ। ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପ୍ରୁଫ୍ ବ୍ଲୁ ପ୍ରିଣ୍ଟ। ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ▶ପୃଷ୍ଠା-୭

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ

### ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି।



ଆମେ ସବୁସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା। ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ ▶ପୃଷ୍ଠା-୭

# ଭୁଲ ରାସ୍ତା ଦେଖାଇଲା ଗୁଗଲ ମ୍ୟାପ୍

**● ପୋଲ ତଳକୁ ଖସିଲା ଅଡି କାର୍**

ମୁମ୍ବଇ, ୨୬।୭ (ଏଜେନ୍ସି): ପୁଣିଥରେ ଗୁଗଲ ମ୍ୟାପ ଭୁଲ ରାସ୍ତା ଦେଖାଇବା ଫଳରେ ଏକ ଦୁର୍ଘଟଣା ହୋଇଛି। ନବି ମୁମ୍ବଇର ବେଲପୁରରେ ଗୁଗଲ ମ୍ୟାପ୍ ଭୁଲ ରାସ୍ତ ଦେଖାଇବାରୁ ଏକ ଅଡି କାର ପୋଲ ତଳକୁ ଖସି ପାଣିରେ ପଡ଼ିଛି। ଜଣେ ମହିଳା ତାଙ୍କ ଅଡି କାର ଚଳାଇ ବେଲାପୁରରୁ ଉଲୱେ ଯାଉଥିଲେ। ଗୁଗଲ ଭୁଲ ରାସ୍ତକୁ ଅନୁସରଣ କରିବା ଫଳରେ କାରଟି ବେଲାପୁର ପୋଲ ତଳକୁ ଖସିପଡ଼ିଥିଲା। ଏହି ଘଟଣା ଶୁକ୍ରବାର ରାତି ୧ଟାରେ ଘଟିଥିଲା। ଗୁଗଲ ମ୍ୟାପ ମହିଳାଙ୍କୁ ପୋଲ ତଳର ଏକ ରାସ୍ତାକୁ ସୂଚାଇଥିଲା। ଫଳରେ ମହିଳା ଜଣକ ପୋଲ ଉପରେ ଯିବା ବଦଳରେ ତଳେ ଥିବା ରାସ୍ତାରେ ଯାଇଥିଲେ। ତାଙ୍କ କାର ସିଧା ୫୦ ଫୁଟ୍ ତଳକୁ ଯାଇ ତଳକୁ ଖସିପଡ଼ିଥିଲା। ସମୁଦ୍ର ସୁରକ୍ଷା ପୁଲିସ କାରକୁ ଖାଇରେ ପଡୁଥିବାର ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ପୂର୍ବରୁ ମଧ ଗୁଗଲ ମ୍ୟାପ ପାଇଁ ଏକାଧିକ ଦୁର୍ଘଟଣା ଘଟିଛି। ଗତ ଜାନୁଆରୀରେ ଫ୍ରାନ୍ସର ଏକ ଦମ୍ପତି ଗୁଗଲ ମ୍ୟାପ୍ କାରଣରୁ ସର୍ଟକର୍ଟ ରାସ୍ତାରେ ଯାଇ ଏକ ଶୂନଶାନ ରାସ୍ତାରେ ବାଟବଣା ହୋଇଥିଲେ। ଏହି ଦମ୍ପତି ଦିଲ୍ଲୀରୁ ନେପାଳ କାଣ୍ଡମାଣ୍ଡୁ ଯାଉଥିଲେ ଓ ୟୁପିର ବରେଲିରେ ବାଟବଣା ହୋଇଥିଲେ।

# ମୁଖ୍ୟମନ୍ତ୍ରୀ ଅଫିସ, ଏୟାରପୋର୍ଟ ଉଡ଼ାଇବାକୁ ଧମକ

ଜୟପୁର, ୨୬।୭(ଏଜେନ୍ସି): ରାଜସ୍ଥାନ ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦର ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି। ଏହାପରେ ପୁଲିସ ପ୍ରଶାସନ ଏହି ଧମକକୁ ଗମ୍ଭୀରତାର ସହ ଗ୍ରହଣ କରି ସକ୍ରିୟ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦରରେ ଚେକିଂ ଆରମ୍ଭ କରାଯାଇଥିଲା। କିନ୍ତୁ ଏକ ଘଣ୍ଟାର ଛାନ୍‌ଭିନ୍ ପରେ ପୁଲିସ କୌଣସି ସନ୍ଦିଗ୍ଧ ବସ୍ତୁ ପାଇ ନଥିଲା। ଶନିବାର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଫିସିଆଲ ଇମେଲ୍ ଆଇଡିକୁ ଏହି ଧମକ ମିଳିଥିଲା। ଗୋଟିଏ କିମ୍ବା ଦୁଇଘଣ୍ଟା ପରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ଉଡାଇ ଦିଆଯିବ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ଏୟାରପୋର୍ଟ ପୁଲିସ, ଫାୟାର ବ୍ରିଗେଡ୍, ବମ୍ ସ୍କ୍ୱାଡ ଓ ସିଭିଲ ଡିଫେନ୍ସ ଚେକିଂ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମଧ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚିଥିଲା। ସେଠାରେ ମଧ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନଥିଲା।

# ୟୁପିରେ ଛାତ୍ରୀଙ୍କୁ ଗୁଳି ମାରିଲା ପ୍ରେମିକ

ମନପୁରୀ, ୨୬।୭(ଏଜେନ୍ସି): ୟୁପିର ମେନପୁରୀରେ ଏକ ଶିବ ମନ୍ଦିରରେ ପୂଜା କରୁଥିବାବେଳେ ବିଏସ୍‌ସି ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ଭାବେ ଭଲ ପାଉଥିବା ଜଣେ ପ୍ରେମିକ ଗୁଳି ମାରିଛନ୍ତି। ଛାତ୍ରୀ ଜଣକ ଯେତେବେଳେ ପୂଜା ଆରମ୍ଭ କରିଥିଲେ ପ୍ରେମିକ ଜଣକ ଗେଟ୍ ବନ୍ଦ କରି ତାଙ୍କୁ ବାଡିଅରେ ଆକ୍ରମଣ କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ୪ଟି ଗୁଳି ମାରିଥିଲେ। ଦୁଇଟି ଗୁଳି ଛାତ୍ରୀଙ୍କ ହାତରେ ଓ ଆଉ ଦୁଇଟି ଗୁଳି ତାଙ୍କ ପେଟରେ ବାଜିଥିଲା। ଫଳରେ ଛାତ୍ରୀ ଜଣକ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ଛାତ୍ରୀଜଣଙ୍କୁ ତାଙ୍କ ମା ଓ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କୁ ସଇଫାଇ ମେଡିକାଲକୁ ରେଫର କରାଯାଇଥିଲା। ଏହି ଘଟଣାର ୩ ଘଣ୍ଟା ପରେ ଏନକାଉଣ୍ଟର କରି ପୁଲିସ ଅଭିଯୁକ୍ତ ପ୍ରେମୀକକୁ ଗିରଫ କରିଥିଲା। କିନ୍ତୁ ଗୁଳି ଖାଇବା ପରେ ପ୍ରେମିକ ଜଣକ ହସୁଥିବାର ଦେଖାଯାଇଥିଲା। ଯୁବକ ଜଣକ ଏକତରଫା ପ୍ରେମ କରୁଥିଲା ଓ ଛାତ୍ରୀଙ୍କୁ ବିବାହ କରିବାକୁ ଚାପ ପକାଉଥିଲା। କିନ୍ତୁ ବିବାହ କରିବାକୁ ଛାତ୍ରୀ ମନା କରିବା ପରେ ସେ ଏହି କାଣ୍ଡ ଘଟାଇଥିଲା।

# ପାକିସ୍ତାନ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସଲାମାବାଦ୍, ୨୬।୭(ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଘୋଟକ ଜିଲ୍ଲାରେ ଜଣେ ମହିଳା ଟିକ୍‌ଟକ୍ ତାରକାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି। ଏହି ଟିକଟକ କ୍ରିଏଟରଙ୍କ ନାମ ସୁମୀରା ରାଜପୁତ। ଶନିବାର ସେ ନିଜ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବାର ଦେଖାଯାଇଥିଲା। ସୁମୀରାଙ୍କୁ ଜବରଦସ୍ତ ବିବାହ କରିବାକୁ ଚାପ ପକାଯାଉଥିଲା ବୋଲି ତାଙ୍କ ୧୫ ବର୍ଷୀୟ ଝିଅ ଦାବି କରିଛନ୍ତି। ସୁମୀରା ମନା କରିବା ଫଳରେ ତାଙ୍କୁ ବିଷ ଦେଇ ମାରିଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ତାଙ୍କୁ ବିଷ ଟାବଲେଟ ଦିଆଯାଇଥିଲା ବୋଲି ଝିଅ କହିଛନ୍ତି। ସୁମୀରା ଜଣେ ଜଣାଶୁଣା ଡିଜଟାଲ କଣ୍ଟେଟ କ୍ରିଏଟର ଥିଲେ। ଟିକ୍‌ଟକ୍‌ରେ ତାଙ୍କର ୫୮, ୦୦୦ ଫଲୋଅର ରହିଥିଲେ ଓ ତାଙ୍କର ୧୦ ଲକ୍ଷରୁ ଅଧିକ ଲାଇକ୍ ଥିଲା। ତାଙ୍କ ଝିଅ ମଧ ଟିକ୍‌ଟକ୍‌ରେ ସକ୍ରିୟ ଥିଲେ। ଝିଅର ମଧ ବହୁ ସଂଖ୍ୟାରେ ଫଲୋଅର ରହିଛନ୍ତି। ଏ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗରିଫ କରିଛି। କିନ୍ତୁ ଏପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ।

# ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଇଟାଲୀ ଅରାଜି

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ନେଇ ଫ୍ରାନ୍ସ ଘୋଷଣା କରିବାର ଗୋଟିଏ ଦିନ ପରେ ଇଟାଲୀ ଏହାକୁ ବିରୋଧ କରିଛି। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଶନିବାର ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଖୋଲା ଖୋଲି ଭାବେ ବିରୋଧ କରିଛନ୍ତି। ୟୁରୋପରେ ଏବେ ପାଲେଷ୍ଟାଇନକୁ ମାନ୍ୟତା ଦେବା ନେଇ ଅଭିଯାନ ଜୋର ଧରିଥିବା ବେଳେ ମିଲୋନୀ ଏହାର ଫଳ ଓଲଟା ହେବ ବୋଲି କହିଛନ୍ତି। ପାଲେଷ୍ଟାଇନ ଦେଶ ସପକ୍ଷରେ ରହିଛି। କିନ୍ତୁ ଦେଶ ଗଠନ ହେବା ପୂର୍ବରୁ ମାନ୍ୟତା ଦେବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେବଳ କାଗଜରେ ଏଭଳି ମାନ୍ୟତାର କିଛି ମୂଲ୍ୟ ନାହିଁ। ତେଣୁ ପ୍ରଥମେ ବାସ୍ତବରେ ପାଲେଷ୍ଟାଇନ ଦେଶ ଗଠନ ହେବା ଜରୁରି। ନହେଲ ସମସ୍ୟାର ସମାଧାନ ନହୋଇ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବୃଦ୍ଧି ପାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଫ୍ରାନ୍ସ ଭଳି ଜର୍ମାନୀ ମଧ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ସପକ୍ଷରେ ମନ୍ତବ୍ୟ ଦେଇଛି।



# ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ: ମୃତ୍ୟୁସଂଖ୍ୟା ୩୩

ବ୍ୟାଙ୍କକ୍/ନୋମ ପେନ୍ହ, ୨୬।୭(ଏଜେନ୍ସି): ଏକ ହଜାର ବର୍ଷ ପୁରାତନ ଶିବ ମନ୍ଦିରକୁ ନେଇ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଛି। ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। କାମ୍ବୋଡିଆ ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ସଂଘର୍ଷରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୮ ନାଗରିକ ଓ ୫ ଜଣ ସୈନିକ ସାମିଲ ରହିଛନ୍ତି। ଏହାକୁ ବାଦ୍ ଦେଲେ ୭୧ ଜଣ ଲୋକ ଆହତ ହୋଇଛନ୍ତି। ସେହିପରି ଥାଇଲାଣ୍ଡର ମଧ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୧୪ ନାଗରିକ ଓ ୬ ଜଣ ସୈନିକ ସାମିଲ ରହିଛନ୍ତି। ଥାଇଲାଣ୍ଡ ଜାଣିଶୁଣି ଆକ୍ରମଣ କରୁଛି ବୋଲି କାମ୍ବୋଡିଆ ଅଭିଯୋଗ କରିଛି। ଥାଇସେନା କାମ୍ବୋଡିଆର ସାର୍ବଭୌମତ୍ୱ ଉପରେ ଆଞ୍ଚ୍ ଆଣୁଛି ବୋଲି କୁହାଯାଉଛି। ଜୁଲାଇ ୨୪ରେ ମାଲେସିଆର ମଧ୍ୟସ୍ଥତାରେ ଅସ୍ତ୍ରବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା ବୋଲି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ ମାନେଟ୍ ଶନିବାର ଦାବି କରିଛନ୍ତି। କିନ୍ତୁ ଏହାର ଏକ ଘଣ୍ଟା ମଧ୍ୟରେ ଥାଇଲାଣ୍ଡ ନିଜର ରୂପ ବଦଳାଇ ଥିଲା ବୋଲି ସେ କହିଛନ୍ତି। ସେହିପରି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ବୈଠକରେ କାମ୍ବୋଡିଆ ସଂଘର୍ଷ ରୋକିବାକୁ ଅପିଲ କରିଥିଲା। ତେବେ ଦୁଇଦେଶକୁ କୂଟନୈତିକସ୍ତରରେ ସମାଧାନ ବାହାର କରିବାକୁ ପରାମର୍ଶ ଦେଇଥିଲେ। ଆହୁରି ଅଧିକ ଆକ୍ରମଣ କରିବାକୁ ଥାଇଲାଣ୍ଡ ପ୍ରସ୍ତୁତି ଚଳାଉଛି ବୋଲି କାମ୍ବୋଡିଆ କହିଛି। ଏହି ସଂଘର୍ଷରେ କାମ୍ବୋଡିଆରେ ୩୫ ହଜାର ଲୋକ ପଳାୟନ କରିବାକୁ ବାଧ ହୋଇଛନ୍ତି। ଓଡାର ମିନଚେରେ ୨୨, ୦୦୦ ଲୋକ ଓ ପ୍ରୀହ ବିହାରରେ ୧୦, ୦୦୦ ଲୋକ ପଳାୟନ କରିଛନ୍ତି।

# ଟ୍ରମ୍ପଙ୍କ ୟୁରୋପ ଚିନ୍ତା

## ୟୁରୋପକୁ ଗିଳି ଯାଉଛନ୍ତି ପ୍ରବାସୀ

## ଭୟଙ୍କର ଅନୁପ୍ରବେଶକୁ ବନ୍ଦ କର

ଏଡିନବର୍ଗ, ୨୬।୭ (ଏଜେନ୍ସି): ନିଜ ମନ ମୁତାବକ ନୀତି ବଳରେ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପ୍ରବାସୀଙ୍କ ଅନୁପ୍ରବେଶକୁ ନେଇ ୟୁରୋପକୁ ବଡ଼ ଚେତାବନୀ ଦେଇଛନ୍ତି। ପ୍ରବାସୀ ୟୁରୋପକୁ ଗିଳି ଯାଉଛନ୍ତି। ମିଳିତ ଭାବେ ଏହାର ମୁକାବିଲା କରିବା ଜରୁରୀ। ଅନେକ ୟୁରୋପୀୟ ରାଷ୍ଟ୍ର ଏହି ଭୟାନକ ଅନୁପ୍ରବେଶକୁ ରୋକିବା ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି। ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଆମେରିକା ରାଷ୍ଟ୍ରପତି 'ଏୟାର ଫୋର୍ସ ୱାନ'ରୁ ଓହ୍ଲାଇବା ପରେ ଏହି ଟିପ୍ପଣୀ ଦେଇଛନ୍ତି। ସେ ଏହି ଗସ୍ତରେ ପତ୍ନୀ ମେଲାନିଆ ଟ୍ରମ୍ପ ତାଙ୍କ ସହ ଯାଇ ନାହାନ୍ତି। ତେଣୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି।

ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ମାମଲାରେ ସବୁ ଦେଶ ନିଜ ରଣନୀତି ଉପରେ କାର୍ଯ୍ୟ କରିବା ଉଚିତ। ସତର୍କ ନ ହେଲେ ୟୁରୋପ ଆଉ ତୁମର ହୋଇ ରହିବ ନାହିଁ। ତେଣୁ ଏକାଠି ହୋଇ ଦେଶଗୁଡିକୁ ନିଜ କାମ କରିବାକୁ ହେବ। ୟୁରୋପରେ ଚାଲିଥିବା ଭୟାନକ ଅନୁପ୍ରବେଶକୁ ରୋକିବାକୁ ହେବ। ତେବେ କିଛି ନେତା ଏହି ଅନୁପ୍ରବେଶକୁ ରୋକିବାକୁ ଚାହୁଁ ନାହାନ୍ତି। ସେମାନଙ୍କୁ ଏହାର ଶ୍ରେୟ ମଧ ମିଳୁନାହିଁ। ଏବେ କିଛି ନେତାଙ୍କ ନାମ କହିପାରିବି, କିନ୍ତୁ ଏପରି କରି ଅନ୍ୟମାନଙ୍କୁ ଲଜ୍ଜିତ ହେବାକୁ ଦେବି ନାହିଁ। ୟୁରୋପରୁ ଆମେରିକାକୁ ପ୍ରବାସୀ ଭାବେ ଆସିଥିବା ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପଙ୍କ ବାପା ଫ୍ରେଡ ଏବଂ ମା' ମେରି ଆନେ ମାକଲିଓଡ ୟୁରୋପରୁ ଆମେରିକା ଆସିଥିଲେ।



ଅନ୍ୟପକ୍ଷରେ ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ନିର୍ଦ୍ଦେଶ 'ଜନ୍ମଗତ ନାଗରିକତା ଅଧିକାର'ଉପରେ କଟକଣା ଲଗାଇ ଦେଇଛନ୍ତି। ଆମେରିକାରେ ବେଆଇନ ଭାବେ ରହିଥିବା ମାତାପିତାଙ୍କଠାରୁ ଜନ୍ମିତ ଶିଶୁକୁ ଆମେରିକା ନାଗରିକତା ମିଳିବ ନାହି ବୋଲି ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ। ଏବେ ତୃତୀୟ ଥର ପାଇଁ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି। ତେବେ ଏହା ଉପରେ ସୁପ୍ରିମକୋର୍ଟ ଶେଷ ନିଷ୍ପତ୍ତି ନେବେ ବୋଲି ଫେଡେରାଲ କୋର୍ଟ କହିଛନ୍ତି। ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ଆମେରିକାରୁ ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ କାରଣ ଦେଖାଇ ବିତାଡ଼ିତ କରିବା ସହିତ ବିଭିନ୍ନ ଦେଶ ସହ ଶୁଳ୍କ ଯୁଦ୍ଧ ଚଳାଇଥିବା ଟ୍ରମ୍ପ ଏବେ ପ୍ରବାସୀଙ୍କ ନାମରେ ୟୁରୋପୀୟ ଦେଶଙ୍କୁ ଉସୁକାଇବାରେ ଲାଗିଛନ୍ତି। ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି।

ଡେମୋକ୍ରାଟିକ୍ ଲିଡର ଆପ୍ରୁଭାଲ ରେଟିଂ

# ଶୀର୍ଷରେ ମୋଦୀ, ଅଷ୍ଟମ ସ୍ଥାନରେ ଟ୍ରମ୍ପ



ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ହାସଲ କରିଛନ୍ତି। ଶନିବାର ଜାରି ହୋଇଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ'ରେ ମୋଦୀ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କୁ ୭୫ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କୁ ୫୯ ପ୍ରତିଶତ ରେଟିଂ ମିଳିଛି। ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେଷ୍ଠ-୫ରେ ସ୍ଥାନ ମିଳିନାହିଁ। ଟାରିଫ୍ ବିବାଦ କାରଣରୁ ତାଙ୍କୁ ୮ମ ସ୍ଥାନ ମିଳିଛି। ଆମେରିକାର ବ୍ୟବସାୟିକ ଗୋଇନ୍ଦା ଫାର୍ମ ମର୍ଣ୍ଣିଂ କନସଲ୍ଟ ବିଭିର୍ଣ୍ଣ ତଥ୍ୟ ବିଶ୍ଳେଷଣ କରି ଏହି ରେଟିଂ ଜାରି କରିଛି। ବିଶ୍ୱବ୍ୟାପୀ ନେତା, ଖାସ୍ କରି ଗଣତାନ୍ତ୍ରିକ ଦେଶଗୁଡିକର ନେତାମାନଙ୍କ ଲୋକ୍‌ପ୍ରିୟତାର ସର୍ଭେ କରି ରେଟିଂ ଆକଳନ କରାଯାଇଥାଏ। ବିଭିନ୍ନ ଦେଶରେ ପ୍ରତିଦିନ ହଜାର ଲୋକଙ୍କ ସାକ୍ଷାତକାରକୁ ଆଧାର କରି ଏହି ସର୍ଭେ କରାଯାଇଥାଏ।

# ୧୭ ସାଂସଦଙ୍କୁ ସଂସଦରତ୍ନ ସମ୍ମାନ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ଲୋକସଭାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ଦଳର ୧୭ ଜଣ ସାଂସଦଙ୍କୁ ସଂସଦରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ସୁପ୍ରିଆ ସୁଲେ, ରବି କିଷନ, ନିଶିକାନ୍ତ ଦୁବେ, ଅରବିନ୍ଦ ସାମନ୍ତ, ଭର୍ତ୍ତୃହରି ମହତାବ, ଏନ୍‌କେ ପ୍ରେମଚାନ୍ଦ, ଶ୍ରୀରଙ୍ଗ ଆପ୍ପା ବାର୍ଣ୍ଣେଙ୍କୁ ଆଜି ସମ୍ମାନିତ କରାଯାଇଛି। ମହାରାଷ୍ଟ୍ରରୁ ସର୍ବାଧିକ ୭ ଜଣ ସାଂସଦ ଏହି ସମ୍ମାନ ହାସଲ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର, ଝାଡଖଣ୍ଡର, ରାଜସ୍ଥାନର ଦୁଇଜଣ ଲେଖାଏ ସାଂସଦ ଏବଂ ଓଡ଼ିଶା, ତାମିଲନାଡୁ ଓ ଆସାମର ଜଣେ ଲେଖାଏ ସାଂସଦଙ୍କୁ ଏହି ସମ୍ମାନ ମିଳିଛି। ଉଲ୍ଲେଖଥାଉ କି, ୨୦୧୦ରେ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ଓ ଇମାଗାଜିନ୍ ପ୍ରିସେନ୍ସ ପ୍ରଥମଥର ପାଇଁ ଏହି ପୁରସ୍କାର ଦେବାର ପରମ୍ପରା ଆରମ୍ଭ କରିଥିଲେ। ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ଏହି ପୁରସ୍କାର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ୨୦୧୦ରେ ଅନୁଷ୍ଠିତ ପ୍ରଥମ ପୁରସ୍କାର ଉତ୍ସବରେ ସେ ଏହି ପୁରସ୍କାରର ଉଦ୍‌ଘାଟନ କରିଥିଲେ। ସଂସଦରେ ପ୍ରଶ୍ନ ପଚାରିବାର ସଂଖ୍ୟା, ବୈଠକ ଓ ଚର୍ଚ୍ଚାରେ ଭାଗୀଦାରି ଭଳି ବିଷୟକୁ ଦୃଷ୍ଟିରେ ରଖି ପୁରସ୍କାର ଦିଆଯାଏ।

# ବିହାରରେ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ଟଙ୍କା ପେନସନ

ପାଟନା, ୨୬।୭(ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଏବେ ବିହାରରେ ମାନ୍ୟତାପ୍ରାପ୍ତ ସମ୍ବାଦିକଙ୍କୁ ମାସକୁ ୧୫ ହଜାର ଟଙ୍କାର ପେନସନ ମିଳିବ ବୋଲି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ପୂର୍ବରୁ ସାମ୍ବାଦିକଙ୍କୁ ୬ ହଜାର ଟଙ୍କା ପେନସନ ଦିଆଯାଉଥିଲା ଓ ଏହାକୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପୁଣି ଯଦି କୌଣସି ସାମ୍ବାଦିକଙ୍କ ପରଲୋକ ହୁଏ ତେବେ ତାଙ୍କ ପତ୍ନୀଙ୍କୁ ୩ ହଜାର ବଦଳରେ ୧୦ ହଜାର ଟଙ୍କା ପେନସନ ଦିଆଯିବ ବୋଲି କୁହାଯାଇଛି। ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ଓ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଥାଏ। ତେଣୁ ସମ୍ବାଦିକଙ୍କ ପାଇଁ ପେନସନ ବୃଦ୍ଧି କରାଯିବା ଆବଶ୍ୟକାତା ରହିଛି ବୋଲି ନୀତୀଶ କହିଛନ୍ତି।

କପିଳ ଶର୍ମାଙ୍କ କାଫେକୁ ଗୁଳିମାଡ଼ ମାମଲା

# ନିଜକୁ ଦୂରେଇଲା ବବର ଖାଲସା

ଅମ୍ରିତଶର, ୨୬।୭(ଏଜେନ୍ସି): କାନାଡାର ସରେ ସହରରେ କମେଡିଆନ କପିଲ ଶର୍ମାଙ୍କ ନୂଆ କାଫେ 'କେପ୍ସ କାଫେ' ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଏବେ ନୂଆ ମୋଡ ନେଇଛି। ଏହି ଘଟଣା ପାଇଁ ଆମେ ଦାୟୀ ନୁହଁ ଓ ଆମର କିଛି ଯାଏ ଆସେ ନାହିଁ ବୋଲି ଖଲିସ୍ତାନୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ତରଫରୁ କୁହାଯାଉଛି। ଏ ନେଇ ବିକେଆଇ ୨ ପୃଷ୍ଠାର ଚିଠି ଜାରି କରିଛି। ଜୋରଜବରସ୍ତି ଅର୍ଥ ଆଦାୟ, ଧମକ କିମ୍ବା ହିଂସାର କୌଣସି ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ। ଆମେ କୌଣସି ପ୍ରକାର ଆକ୍ରମଣ କରିନାହୁଁ। ଏଭଳି ଘଟଣାରେ ଆମକୁ ଦାୟୀ କରିବା ଠିକ୍ ନୁହଁ ବୋଲି ବିକେଆଇ ଶନିବାର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ଜୁଲାଇ ୧୦ରେ କପିଳଙ୍କ କାଫେ ଉପରେକୁ ଗୁଳିମାଡ ହୋଇଥିଲା। ଜୁଲାଇ ୭ରେ କପିଲ ଏହାର ଉଦ୍‌ଘାଟନ କରିଥିଲେ। ଏହି ଘଟଣାରେ ଖଲିସ୍ତାନୀ ଆତଙ୍କୀ ହରଜିତ ସିଂହ ଲାଡି ନିଜକୁ ଦାୟୀ କରିଥିଲା



ଶନିବାର ଦିନ ମୁମ୍ବାଇ-ପୁଣେ ଏକ୍ସପ୍ରେସ ହାଇୱେରେ ପ୍ରବଳ ବର୍ଷା ଓ ଦୁର୍ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ରେକ ଫେଲ୍ ହୋଇଯିବାରୁ ଗୋଟିଏ ଟ୍ରକ ଅତିକମରେ ୧୨ଟି କାର ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା।

ଭାରତୀୟ ଇତିହାସରେ ପ୍ରଥମ


# ଯବାନଙ୍କ ପରିବାରକୁ ମିଳିବ ଆଇନଗତ ସୁରକ୍ଷା

ଶ୍ରୀନଗର, ୨୬।୭ (ଏଜେନ୍ସି): କାର୍‌ଗିଲ ବିଜୟ ଦିବସରେ ଯବାନଙ୍କ ନିମନ୍ତେ ଐତିହାସିକ ପଦକ୍ଷେପ ନିଆଯାଇଛି। ଭାରତରେ ପ୍ରଥମ ଥର ପାଇଁ ଯବାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ନୂଆ ଯୋଜନା ଆରମ୍ଭ କରାଯାଇଛି। ଏହାର ନାମ 'ନାଲ୍‌ସା ବୀର ପରିବାର ସହାୟତା ଯୋଜନା-୨୦୨୫' ରଖାଯାଇଛି। ଉପାନ୍ତ ଅଞ୍ଚଳରେ ତଥା ଦୂରଦୂରାନ୍ତ କ୍ଷେତ୍ରରେ ମୁତୟନ ଥିବା ଯବାନଙ୍କୁ ଘରୋଇ ଆଇନର ବୋଝରୁ ମୁକ୍ତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି (ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାକୁ ଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ଶ୍ରୀନଗରରେ ଏହି ଯୋଜନାର ଶୁଭାରମ୍ଭ କହିଛନ୍ତି। ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ବଳିଦାନ ଦ୍ୱାରା ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ସେ ଯବାନଙ୍କ ମଙ୍ଗଳ ପାଇଁ ନ୍ୟାୟପାଳିକା ମାଧ୍ୟମରେ କି ଯୋଗଦାନ ଦିଆଯାଇପାରିବ ତାହା ଖୋଜିବା ଆରମ୍ଭ କରି ଦେଇଥିଲେ। ସୂଚନା ଅନୁଯାୟୀ ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ବ୍ୟକ୍ତିଗତ ମାମଲାର ଲଢ଼େଇରେ ଆଇନଗତ ସୁବିଧା ସୁନିଶ୍ଚିତ କରି ଏକାକୀ ହେବାକୁ ନ ଦେବା ଉଚିତ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଚାହୁଁଥିଲେ। ଏହି ଚିନ୍ତାଧାରା 'ନାଲସା ବୀର ପରିବାର ସହାୟତା ଯୋଜନା'ରେ ପରିଣତ ହୋଇଛି। ନଭେମ୍ବର ୨୪ରେ ଭାରତର ପ୍ରଧାନ ବିଚାରପତି ଭାବେ ଶପଥ ନେବା ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ଦୂର ଦୂରାନ୍ତ କ୍ଷେତ୍ରରେ ମୁତୟନ ଥାଇ ଆଇନଗତ ମାମଲା ପାଇଁ ହାଜର ହୋଇ ପାରୁ ନ ଥିବା ଯବାନଙ୍କୁ ସହାୟତା ପ୍ରଦାନ କରାଯିବ। ପାରିବାରିକ ସମ୍ପତ୍ତି ବିବାଦ, ଘରୋଇ ବିବାଦ ଏବଂ ଜମିଜମା ଆଦି ମାମଲାରେ ଆଇନଗତ ସହାୟତା ଦିଆଯିବ। ଏଭଳି ସ୍ଥିତିରେ ନାଲ୍‌ସା ମାଧ୍ୟମରେ ମାମଲାକୁ ଉଚିତ ଭାବେ କୋର୍ଟରେ ଉପସ୍ଥାପନା କରିବାକୁ ସୁନିଶ୍ଚିତ କରାଯିବ।

# ଆରବ, ଇସଲାମ ଶିଖିବାକୁ ସୈନିକଙ୍କୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ

ତେଲ ଅଭିଭ୍, ୨୬।୭(ଏଜେନ୍ସି): ଇସ୍ରାଏଲ୍ ଏବେ ତା'ର ସବୁ ସୈନିକ, ଅଧିକାରୀ ଓ ଗୋଇନ୍ଦା ବିଭାଗକୁ ଆରବ ଭାଷା ଓ ଇସ୍‌ଲାମ ଧର୍ମ ବିଷୟରେ ଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ଆରବ ଭାଷା ଓ ଇସ୍ଲାମିକ ଷ୍ଟଡିଜର ପ୍ରଶିକ୍ଷଣ ନେବା ବାଧ୍ୟତାମୂଳକ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ କୁହାଯାଇଛି। ଜେରୁସଲମ ପୋଷ୍ଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ଏହି ପଦକ୍ଷେପ ଗ୍ରହଣ କରିଛି। ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ଆକ୍ରମଣ କରିଥିଲା। ସେତେବେଳେ ଇସ୍ରାଏଲ ଗୋଇନ୍ଦା ବିଭାଗର ବିଫଳତା କାରଣରୁ ଏହା ଘଟିଥିଲା ବୋଲି କୁହାଯାଇଥିଲା। ଗୋଇନ୍ଦା ବିଭାଗର ଅଧିକାରୀମାନେ ଆତଙ୍କୀ ଭାଷାକୁ ସ୍ପଷ୍ଟ ଭାବେ ବୁଝିବାରେ ବିଫଳ ହୋଇଥିଲେ। ଇସ୍ରାଏଲ ମଧ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହି ପଦକ୍ଷେପ ନେଇଛି। କେବଳ ସେତିକି ନୁହଁ ଏହି କାର୍ଯ୍ୟକ୍ରମ ଅନୁସାରେ ସୈନିକମାନଙ୍କୁ ହୁତି ଓ ଇରାକର କଥିତ ଭାଷା ଶିକ୍ଷା କରିବାକୁ କୁହାଯିବ। ହୁତି ଭାଷା ବୁଝିବାରେ ଗୋଇନ୍ଦା ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୟେମେନ ଓ ଅନ୍ୟ ଆରବ ଅଞ୍ଚଳରେ ଲୋକ ଗୁଟଖା ଭଳି 'କାତ' (ହାଲକା ନିଶା ଯୁକ୍ତ ପତ୍ର) ଚୋବାଇବାରେ ଅଭ୍ୟାସ ରଖନ୍ତି। ଏହା ଦ୍ୱାରା ସ୍ପଷ୍ଟ ଭାବେ କଥା କୁହାଯାଇପାରି ନଥାଏ। ଆତଙ୍କୀଙ୍କ ଭାଷା ବୁଝିବାକୁ ହେଲେ ଏହି ସବୁ ଶିକ୍ଷା କରିବା ଆବଶ୍ୟକୟ। ତେଣୁ ଏହି ସବୁ ଭାଷା ଶିକ୍ଷା କରିବାକୁ ଇସ୍ରାଏଲ ବାଧ୍ୟତାମୂଳକ କରିଛି।

# କାର୍ଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଲାଦାଖ ଦ୍ରାସ ସେକ୍ଟରରେ ଆଜି କାରଗିଲ ବିଜୟ ଦିବସ ପାଳନ ହୋଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ଏହି ଅବସରରେ ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେବାରେ ଭାରତ ସଫଳ ହୋଇଛି। ଆତଙ୍କବାଦ ଓ ଏହାର ସମର୍ଥକଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅପରେସନ ଦ୍ୱାରା ସ୍ପଷ୍ଟ କରାଯାଇଛି। ପହଲଗାମରେ ହୋଇଥିବା ଆତାଙ୍କବାଦୀ ଆକ୍ରମଣକୁ ଅପରେସନ ସିନ୍ଦୂର ଦ୍ୱାରା ଦୃଢ ଜବାବ ଦିଆଯାଇଥିଲା। କାରଗିଲ ବିଜୟ ଦିବସକୁ ୨୬ ବର୍ଷ ପୂର୍ତ୍ତୀପାଳନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନ୍ୟାସନାଲ ମେମୋରିଆଲ ପହଞ୍ଚିଥିଲେ। ତାଙ୍କ ସହ ୩ ସେନା ପ୍ରମୁଖ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ରାଜନାଥ ଶହୀଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଥାଉ କି, ୧୯୯୯ ମେ ୫ରେ ପାକିସ୍ତାନ ସୈନ୍ୟ ଅନୁପ୍ରବେଶ କରିଥିଲା। ଫଳରେ ଦୁଇ ଦେଶ ମଧ୍ୟରେ କାରଗିଲରେ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧ ପାଖାପାଖି ୮୪ ଦିନ ପର୍ଯ୍ୟନ୍ତ ଚାଲିଥିଲା। ତେବେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ସହ ଏହି ଯୁଦ୍ଧ ଶେଷ ହୋଇଥିଲା।

# ମୋରଡ଼ା ଓ ରାସଗୋବିନ୍ଦପୁରରେ ବନ୍ୟା

## ୨ ହଜାର ଏକର ଚାଷଜମି ଜଳାର୍ଣ୍ଣବ



ମୋରଡ଼ା, ୨୬।୭ (ସମିସ): ଶୁକ୍ରବାର ବର୍ଷାରେ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ନଦୀକୂଳରେ ବସବାସ କରୁଥିବା ଏହି ଦୁଇଟିଯାକ ବ୍ଲକ୍‌ର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ୟାପକ ଚାଷ ଜମିରେ ବନ୍ୟାଜଳ ମାଡ଼ି ଯାଇଛି। ସେହିପରି, ବାରିପଦା-ଚିତ୍ରଡ଼ା ୬୧ନମ୍ବର ରାଜ୍ୟ

### ବାରିପଦା-ଚିତ୍ରଡ଼ା ରାସ୍ତାରେ ଯାତାୟାତ ଠପ୍

ରାଜପଥର ରାଜାବନ୍ଧ ବାଙ୍କ ପୋଲର ହୋମପାଇପ୍‌ଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ପାଣି ନିଷ୍କାସନ ହୋଇ ନପାରି ପୋଲ ଉପରେ ୧୦ ଫୁଟ୍‌ର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ଠପ୍ ହୋଇଥିବା ବେଳେ ଏକ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ମାତ୍ରାଧିକ ବର୍ଷାରେ ପ୍ରଭାବିତ ହୋଇଥିବା ହଳଦୀପାଳ ପଞ୍ଚାୟତର ଲୋକଙ୍କୁ ଏକ ସ୍କୁଲଘରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ରାସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରୁଥିବା ଭଡ଼ରାନଣ୍ଡା ପୋଲ ଉପରେ ଝମ୍ପୀରା ନଦୀର ବନ୍ୟାଜଳ ୫ ଫୁଟ୍ ଉପରେ ପ୍ରବାହିତ ହେବାରୁ ବାରିପଦା-ଜଳେଶ୍ୱର ତଥା ମୋରଡ଼ା-ରାସଗୋବିନ୍ଦପୁର ବ୍ଲକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସଗୋବିନ୍ଦପୁର ବ୍ଲକ ବଡାମପୁରଠାରେ ନଦୀ ଆଡ଼ିବନ୍ଧ ଭାଙ୍ଗିଯିବାରୁ ପ୍ରାୟ ୨ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି।

ଏହାବ୍ୟତୀତ ସାନମାଣିଦା ପଞ୍ଚାୟତ ପଦ୍ମତଳିଆ, ପିଙ୍ଗୁଳି ଏବଂ ଡୁଇଲିପୁରା ସମେତ ଭେଡିସାହି ଆଦି ଗାଁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଶନିବାର ବର୍ଷା କମିଥିବା ବେଳେ ଜିଲ୍ଲାପାଳ ହେମକାନ୍ତ ସଏ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଏବଂ ବ୍ଲକ୍ ପ୍ରଶାସନ ବନ୍ୟାପ୍ରଭାବିତ ଅଞ୍ଚଳକୁ ଓଡ୍ରାଫ୍ ଟିମ୍ ସହ ପରିଦର୍ଶନ କରିଥିଲେ। ପ୍ରାୟ ୧୫୦ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଏବଂ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ପ୍ରଶାସନ ତରଫରୁ ରାଜାବନ୍ଧ ପୋଲକୁ ଦୁଇଟି ଜେସିବିରେ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

■ ବୈତରଣୀ ବନ୍ୟାକୁ ନେଇ ନଦୀକୂଳିଆ ଆତଙ୍କିତ

## ଆଖୁଆପଦାଠାରେ ବିପଦ ସଂକେତ ଉପରେ



ଭଦ୍ରକ/ଆରଡି,୨୬।୭(ସମିସ): ଲଘୁଚାପ ପ୍ରଭାବରେ ବୈତରଣୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ବଡଧରଣର ବନ୍ୟା ଦେଖାଦେଇଛି। ଆଖୁଆପଦାଠାରେ ବୈତରଣୀ ନଦୀର ବନ୍ୟାଜଳ ବିପଦ ସଂକେତ ଉପରେ

### କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବିଚ୍ଛିନ୍ନ ଆଶଙ୍କା

ପ୍ରବାହିତ ହେଉଥିବାରୁ ଚାନ୍ଦବାଲି ବ୍ଲକର ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ଆଦି ନଦୀକୂଳିଆ ଲୋକ ଆତଙ୍କିତ ହୋଇପଡିଛନ୍ତି। ବିଶେଷକରି କୁଆଖିଆ-ଆଖଣ୍ଡଳମଣି ଜାତୀୟ ରାଜପଥ ବୋଡକ ନିକଟରେ ବୈତରଣୀ ନଦୀକୂଳ ଦେଇଯାଇଥିବାରୁ ଗତ ୨ ବର୍ଷ ହେବ ୨ ଶହ ଫୁଟ ରାସ୍ତା ନଦୀ ଆଡକୁ ଢଳି ରହିବା ସହ କିଛି ଅଂଶ ଦବିଯାଇଛି। ତେଣୁ ବୈତରଣୀରେ ଆସୁଥିବା ବନ୍ୟାପାଣି ରାସ୍ତାକୁ ବୁଡାଇବା ଆଶଙ୍କା ଦେଖାଦେଇଛି। ଫଳରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କଡ଼ରେ ବାଉଁଶ ବାଡା ସହ କିଛି ବାଲିବସ୍ତା ପକାଯାଇଛି। ଏପଟେ ଧାମରାଠାରେ ସମୁଦ୍ର ଅଶାନ୍ତ ହୋଇ ପଡ଼ିଥିବାରୁ ଉଚ୍ଚଜୁଆର ଢେଉ ବଢ଼ିବାରେ ଲାଗିଛି; ଯାହାକି ବୈତରଣୀ ନଦୀର ଉପରମୁଣ୍ଡରୁ ଆସୁଥିବା ବନ୍ୟାପାଣି ନିଷ୍କାସନରେ ବାଧକ ସାଜିପାରେ। ବୈତରଣୀ ନଦୀରେ ଏବେ ବନ୍ୟା ପାଣି ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଆରଡି ନିକଟ ମୁଆଁକଜଳା ମାହାରା ନିକଟରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ରହିବା ସହିତ ସାଠିବାଙ୍କୁଡା ଓ ସୁନ୍ଦରପୁର ଗାଁ ନିକଟରେ ମଧ୍ୟ ନଦୀବନ୍ଧ ଦୁର୍ବଳ ରହିଛି; ଯାହାକୁ ନେଇ ନଦୀକୂଳିଆବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

**ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣ ବୃଦ୍ଧି ନେଇ ପ୍ରଶ୍ନ କଲେ ମାନସ**

## ଦେଶର କୃଷି ପରିବାର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ଅଧା

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ କୃଷକଙ୍କ ଆୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ କୃଷକଙ୍କ ଆୟ ଦ୍ୱିଗୁଣିତ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି କି ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନ କରିଥିବା ବେଳେ କେନ୍ଦ୍ର ସରକାର ଏନେଇ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଓଡ଼ିଶାର କୃଷକଙ୍କ ଆୟ ବାବଦରେ ସୂଚନା ଦେବା ପରିବର୍ତ୍ତେ ଦେଶର କୃଷି ପରିବାରର ଆୟ ବୃଦ୍ଧି ନେଇ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର ଉତ୍ତର ରଖିଛନ୍ତି।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ରାଷ୍ଟ୍ରୀୟନମୂନା ସର୍ଭେକ୍ଷଣ କାର୍ଯ୍ୟାଳୟ(ଏନଏସଏସଓ)ର ଗତ ୨୦୧୯ ମସିହା ଜାମୁଆରୀରୁ ଡିସେମ୍ବର ମାସ ଯାଏଁ ଏକ ସର୍ଭେ କରିଥିଲା। ଏହି ସର୍ଭେରେ କୃଷି ପରିବାରଙ୍କ ସ୍ଥିତି ଆକଳନ କରାଯାଇଥିଲା। ଏହି ସର୍ଭେକ୍ଷଣ ଅନୁଯାୟୀ ୨୦୧୨-୧୩ରେ ଦେଶରେ ପ୍ରତି କୃଷି ପରିବାରର ମାସିକ ଆୟ ୬୪୨୬ ଟଙ୍କାରୁ ବଢ଼ି ୨୦୧୮-୧୯ରେ ୧୦୨୧୮ ଟଙ୍କାରେ ପହଞ୍ଚିଛି। ସମାନ ଅବଧି ସମୟରେ ଓଡ଼ିଶାର ପ୍ରତି କୃଷକଙ୍କ ପରିବାର ଆୟ ବୃଦ୍ଧି ପାଇ ୫୧୧୨ ଟଙ୍କା ରହିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୨-୧୩ରେ ଓଡ଼ିଶାର ପ୍ରତି କୃଷି ପରିବାରର ମାସିକ ଆୟ କେତେ ଥିଲା ସେନେଇ ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିନାହାନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୮-୧୯ ମସିହାରେ ଦେଶରେ କୃଷି ପରିବାରର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ୫୦୧୬ ଟଙ୍କା କମ୍ ଥିବା ଜଣାପଡ଼ିଛି। ସମାନ ଭାବେ ଶ୍ରୀ ମଙ୍ଗରାଜ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନିଆଯାଇଚି ପ୍ରଶ୍ନ କରିଥିଲେ ହେଁ କେନ୍ଦ୍ର ସରକାର ଏନେଇ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ବରଂ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ଫସଲ ଓ ପଶୁଧନ ଉତ୍ପାଦକତା ବୃଦ୍ଧି, ଫସଲ ସଘନତା ବୃଦ୍ଧି, ଉଚ୍ଚ ମୂଲ୍ୟ ଯୁକ୍ତ କୃଷିରେ ବିବିଧକରଣ, କୃଷକଙ୍କ ଉତ୍ପାଦିତ ସଶ୍ୟର ଲାଭକାରୀ ମୂଲ୍ୟ ପ୍ରଦାନ ପରି ପଦକ୍ଷେପ କେନ୍ଦ୍ର ସରକାର ନେଇଥିବା ମନ୍ତ୍ରୀ ଶ୍ରୀ ଠାକୁର ଉତ୍ତର ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଡିଜିଟାଲ କୃଷିକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। କୃଷକ ଓଡ଼ିଶା, ଏଗ୍ରିଷ୍ଟେକ ମିଶନ, ଗୋ-ସୁଗମ, ସଫଳ, ଏଡିଏଫିଟି, କୃଷି ସମୀକ୍ଷା କେନ୍ଦ୍ର ପରି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଉପରୋକ୍ତ ନୀତି ଗୁଡ଼ିକ ପ୍ରାୟତଃ ପୂର୍ବ ବିଜେଡି ସରକାର ସମୟରେ ଲାଗୁ ହୋଇଥିଲା।

## ସରକାରୀ ବାସଭବନରୁ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର; ଡାକ୍ତର ସ୍ୱାମୀ ଫେରାର୍

ଆନନ୍ଦପୁର/ହାଟଡିହୀ,୨୬।୭(ସମିସ): ହରିଚନ୍ଦନପୁର ପୁଲିସ୍ ଆଜି କେନ୍ଦୁଝର ଜିଲ୍ଲା ଚକ୍ରଧରପୁର ଡାକ୍ତରଖାନା କ୍ୱାର୍ଟର୍ସରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଜଣଙ୍କ ହେଲେ, ଡାକ୍ତର ବିଭୁପ୍ରସାଦ ନାୟକଙ୍କ ପତ୍ନୀ ରୋଜିନା ନାୟକ (୨୫)। ପୁଲିସ୍ ଘରର ତାଲା ଭାଙ୍ଗି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ, ରୋଜିନାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ତାଙ୍କ ପରିବାରଲୋକ ଗ୍ରହଣ କରିପାରିନାହାନ୍ତି। ଡାକ୍ତର ନାୟକ ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ରୋଜିନାଙ୍କ ବାପା ପଞ୍ଚାନନ ନାୟକ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଘଟଣା ପରଠାରୁ ଡାକ୍ତର ନାୟକ ଫେରାର୍ ହୋଇଯାଇଥିବାରୁ ପୁଲିସ୍‌ର ସନ୍ଦେହ ତାଙ୍କ ଉପରେ ଦୃଢ଼ୀଭୂତ ହୋଇଛି।

ଗତବର୍ଷ ଜୁଲାଇରେ ତରଭା ଗ୍ରାମର ରୋଜିନାଙ୍କୁ ବିଭୁପ୍ରସାଦ ବିବାହ କରିଥିଲେ। କିନ୍ତୁ ବିବାହର କିଛି ଦିନ ପରେ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଅଧିକ ଯୌତୁକ ଦାବି କରି ଶାଶୂ, ଶଶୁର ଓ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇଥିଲେ। ଏନେଇ ରୋଜିନା ନନ୍ଦିପଦା ଥାନାରେ ଏତଲା ବି ଦେଇଥିଲେ। କିନ୍ତୁ, ପରେ ଦୁଇ ପରିବାର ମଧ୍ୟରେ ଆପୋଷ ବୁଝାମଣା ହୋଇଯାଇଥିଲା। ଗତ ସାବିତ୍ରୀ ବ୍ରତ ପୂର୍ବ ଦିନ ଉଭୟ ସ୍ୱାମୀ-ସ୍ତ୍ରୀ ଆସି ଚକ୍ରଧରପୁର ଡାକ୍ତରଖାନା ପରିସରରେ ଥିବା ସରକାରୀ



କ୍ୱାର୍ଟର୍ସରେ ରହୁଥିଲେ। ତେବେ, ଆଜି ସକାଳେ ଡାକ୍ତର ବିଭୁପ୍ରସାଦ ଘରେ ତାଲା ପକାଇ ଫେରାର୍ ହୋଇଯିବା ଏବଂ ପରେ ଉକ୍ତ ଘରୁ ରୋଜିନାଙ୍କ ଝୁଲନ୍ତା ମୃତଦେହ ଜବତ ହେବା ଘଟଣା ଯୋଜନାବଦ୍ଧ ହତ୍ୟାକାଣ୍ଡ ଆଡ଼କୁ ଇଙ୍ଗିତ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଥାନାଧିକାରୀ ଦେବକୀ ନାଏକ, ଏସ୍‌ଡିପିଓ ବିଜୟ ମହାପାତ୍ର ଏବଂ ଅତିରିକ୍ତ ତହସିଲଦାର ନରେନ୍ଦ୍ର ସେଠୀଙ୍କ ଉପସ୍ଥିତରେ ଶବ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଯାଇଛି। ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

## ସ୍କୁଲରୁ ଅପହୃତା ଛାତ୍ରୀ ସୀମାନ୍ତରୁ ଉଦ୍ଧାର

ବୈଶିଙ୍ଗା, ୨୬।୭ (ସମିସ): ବେତନଟୀ ଥାନା ପୁଲିସ୍ ଆଜି ଜଣେ ଅପହୃତ ଛାତ୍ରୀଙ୍କୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ଛାତ୍ରୀଜଣଙ୍କ ବେତନଟୀ ସରକାରୀ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ।

ଗତକାଲି ସେ ସ୍କୁଲ ଯାଇଥିବା ବେଳେ ଛୁଟି ପରେ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ମା'ଙ୍କ ଏତଲାକ୍ରମେ ପୁଲିସ୍ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଛାତ୍ରୀଙ୍କୁ ବହଳଦା ଅଞ୍ଚଳରୁ ଉଦ୍ଧାର କରିଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ନାବାଳିକାଙ୍କୁ ଅପହରଣ କରିଥିଲେ, ସେ ସଂପର୍କରେ ପୁଲିସ୍ ସ୍ପଷ୍ଟ କରିନାହିଁ। ଆଜି ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ବୟାନ ରେକର୍ଡ କରାଯାଇଛି।

## ୩ ଦଶନ୍ଧି ଧରି ସକ୍ରିୟ ଥିବା ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୭ (ସମିସ): ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି ଜୋରିଗେ ନାଗରାଜୁ ଓରଫ୍ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ଆତ୍ମସମର୍ପଣ କରିଛନ୍ତି। ଉଭୟ ଆନ୍ଧ୍ରପ୍ରଦେଶ ପୁଲିସ



ଧରାଇଲେ ବିପୁଳ ମାଓ ସାମଗ୍ରୀ

ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। କମଲେଶ ରାଜ୍ୟ ଜୋନାଲ କମିଟି ସଦସ୍ୟ ଏବଂ ପୂର୍ବ ବସ୍ତର ଡିଭିଜନ୍‌ର ମାଓ ସଙ୍ଗଠନର ପ୍ରଭାରୀ ଥିଲେ। ୩୪ବର୍ଷ ଧରି ମାଓ ସଂଗଠନରେ ସେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମାଓ ସଂଗଠନର ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନ୍‌ର ପ୍ରଭାରୀ ଥିଲେ। ୩୦ ବର୍ଷ ଧରି ସେ ସଂଗଠନରେ କାର୍ଯ୍ୟ କରିଥିଲେ। ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଉଭୟଙ୍କୁ ୨୦ହଜାର ଲେଖାଏଁ ଅର୍ଥରାଶି ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବଡ଼ କଥା ହେଉଛି, ଆତ୍ମସମର୍ପଣ ପରେ ଏହି ମାଓଦମ୍ପତିଙ୍କ ସୂଚନା ଆଧାରରେ ଆନ୍ଧ୍ରପ୍ରଦେଶ ପୁଲିସ ବିଭିନ୍ନ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ମାଓସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ଜବତ କରିଛି।

**ପୁଣି ମୁଙ୍ଗେର୍ ବନ୍ଧୁକ କାରବାର ରାକେଟ୍ ଠାବ**

## ୬ କୁଖ୍ୟାତ ଅପରାଧୀ ଗିରଫ; ୫ ବନ୍ଧୁକ ଜବତ

କଟକ, ୨୬।୭ (ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ ବନ୍ଧୁକ ବ୍ୟବସାୟ। ବିହାରର ମୁଙ୍ଗେର୍‌ରୁ ଅତ୍ୟାଧୁନିକ ପିସ୍ତଲ, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ବିକ୍ରି ହେଉଥିଲା। ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଉଛି, ଯୋବ୍ରା ମାଟିଆମଙ୍ଗଳା ସାହିର କାଦୁଅ ଓରଫ ଦେବଦତ୍ତ ସିଂହ ବେହେରା (୨୬)। ତା' ନିକଟରୁ ବନ୍ଧୁକ କିଣିଥିବା ୫ଜଣ ଯଥାକ୍ରମେ ଯୋବ୍ରା ମହ୍ଲା ସାହିର ରାଜା ଓରଫ୍ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ୍ ବିଜୟ ରାଓ(୩୬), ନୂଆସାହିର ଜ୍ୟୋତି ରଞ୍ଜନ ନାୟକ ଓରଫ୍ ହାପି(୨୩), ବୈଦ୍ୟନାଥ ବେହେରା ଓରଫ ବିଦୁ (୨୨) ଓ ତଳସାହିର ତପନ ସେଠୀ ଓରଫ ତପୁ (୨୦)କୁ ଗିରଫ କରାଯାଇଛି। ଏମାନଙ୍କ ପାଖରୁ ପୁଲିସ୍ ୫ଟି ୭.୬୫ ଏମ୍‌ଏମ୍ ପିସ୍ତଲ, ୧୩ ରାଉଣ୍ଡ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହ ଡସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। ବନ୍ଧୁକ କାରବାରରେ ଜଡିତ କିଛି ଦୁର୍ବୃତ୍ତ ବଡ଼ଧରଣର ଅପରାଧିକ କାଣ୍ଡ ଭିଆଇବା ଉଦ୍ଦେଶ୍ୟରେ ଏକତ୍ରିତ ହେଉଥିବା ଜଣାପଡ଼ିଥିଲା। ପରେ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେସାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆ ମଙ୍ଗଳା ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ସ୍କୁଟି ଧରି ଛିଡ଼ା ହୋଇଥିବା କାଦୁଅ ଖସି ପଳାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ସ୍କ୍ୱାଡ୍ ତାକୁ କାବୁ କରି ତଲାସି ନେବାରୁ ତା' ପାଖରୁ ଗୋଟିଏ ୭.୬୫ ଏମଏମର ପିସ୍ତଲ ସହ ୫ ରାଉଣ୍ଡ ଗୁଳି ମିଳିଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ତଥ୍ୟ ମିଳିଥିଲା।

ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେର୍‌ରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଯୋଗାଉଥିଲା। ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତା'ର ଗ୍ରାହକ ଥିଲେ। କିଛି ଦିନ ତଳେ କାଦୁଅ ବିହାର ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା। ସେଥିରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟରାଓ ସମେତ ୫ଜଣଙ୍କୁ ବିକ୍ରି କରିଥିଲା। ଆଉ ଗୋଟିଏ ବନ୍ଧୁକ ଅନ୍ୟଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା। ପୁଲିସ ରାତିତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢଉ କରି ବିଜୟଓ ତା'ର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା। ଏଥିସହିତ ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଗୁଳି ଜବତ କରିଥିଲା। ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେ ବି ଗୋଟିଏ ପୁଲିସ ଜବତ କରି ପାରିନାହିଁ।

ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି। ଗତ କିଛି ଦିନ ହେବ, ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ

■ ଅପରାଧିକ ସାମ୍ରାଜ୍ୟ ଚଳାଇବା ସହ କରୁଥିଲା ବନ୍ଧୁକ ବ୍ୟବସାୟ
■ ରାଜ୍ୟତମାମ ଲମ୍ବିଛି ଚେର
■ ଯୋବ୍ରାରେ ରାକେଟ୍ ଚଳାଉଥିଲା ମୁଖ୍ୟ ଅଭିଯୁକ୍ତ
■ ଆଗକୁ ବଢ଼ିବ ଗିରଫଦାରୀ

ଗଢ଼ିଥିଲା। ଆଗକୁ ପାର୍ବଣ ସମୟରେ ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି। ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ପୁଲିସ୍ କହିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଏହି ସୂଚନା ଦେଇଥିଲେ।

**ଏସ୍‌ସି, ଏସ୍‌ଟି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣା**

## ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଭୁବନେଶ୍ୱର,୨୬।୭(ସମିସ): ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ ଶନିବାର ଜାତୀୟ ଜନଜାତି ଆୟୋଗ(ଏନସିଏସଟି)ଙ୍କ ନିକଟରେ ଏନେଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଓଡ଼ିଶାର ଏସ୍‌ସି/ଏସ୍‌ଟି ସ୍କୁଲ ହଷ୍ଟେଲ୍ ଗୁଡିକରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର ଓ ଗର୍ଭଧାରଣ ଘଟଣା ବାବଦରେ ତୁରନ୍ତ ହସ୍ତକ୍ଷେପ ପାଇଁ ଏଥିରେ ଦାବି କରାଯାଇଛି। ବିଜେଡି ଏହି ଘଟଣାଗୁଡିକୁ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି କହି ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲା ସହିତ ଅନ୍ୟାନ୍ୟ ଅଞ୍ଚଳରେ ଏପରି ଅନେକ ଘଟଣା ଘଟିଛି, ଯେଉଁଠି ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ଅନେକ ଅନୁସୂଚିତ ଜାତି ଓ ଜନଜାତିର ଝିଅମାନେ ଯୌନ ଅତ୍ୟାଚାରର ଶିକାର ହୋଇ ଗର୍ଭବତୀ ହେଉଛନ୍ତି। ଏହା ଏକ ଗମ୍ଭୀର ପ୍ରଶାସନିକ ବିଫଳତା ଓ ଅନୁପଯୁକ୍ତ ନିରୀକ୍ଷଣ ପ୍ରଣାଳୀର ପ୍ରତିଫଳନ ଅଟେ। ଏ

■ ଜାତୀୟ ଜନଜାତି ଆୟୋଗଙ୍କୁ ଦାବିପତ୍ର ପ୍ରଦାନ
■ ସମସ୍ତ ଘଟଣାକୁ ନେଇ ହେଉ ଉଚ୍ଚସ୍ତରୀୟ ତଦନ୍ତ
■ ପୀଡ଼ିତାଙ୍କୁ ଆଇନ ସହାୟତା ଓ ସହଯୋଗ ମିଳୁ
■ ସ୍କୁଲ ଛାତ୍ରାବାସରେ ସୁରକ୍ଷା ବୃଦ୍ଧି କରାଯାଉ

ସମସ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଏଥିରେ ସମ୍ପୃକ୍ତ ଅଧିକାରୀ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲରେ ସିସିଟିଭି, ନିୟମିତ ଡାକ୍ତରୀ ପରୀକ୍ଷା, ପରାମର୍ଶଦାତା ସୁବିଧା ଓ ମହିଳା ସୁରକ୍ଷା କର୍ମଚାରୀ ତୁରନ୍ତ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏକ ସ୍ୱତନ୍ତ୍ର ଦଳ (ଏସ୍‌ଆଇଟି) ଗଠନ କରି ପୀଡ଼ିତାଙ୍କୁ ଚିକିତ୍ସା ଆଇନ ଓ ମାନସିକ ସ୍ତରରେ ସହଯୋଗ ଦେବା ପାଇଁ କରାଯାଇଛି। ଏଥିସହ ଏହିଭଳି ଘଟଣା ଆଗକୁ ଯେଭଳି ନ ଘଟିବ, ସେଥିପାଇଁ ସ୍କୁଲ ହଷ୍ଟେଲଗୁଡ଼ିକୁ ନିୟମିତ ମନିଟରିଂ ବ୍ୟବସ୍ଥା କରିବା ସହ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନସିଏସଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗାରିମା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ। ଏହିପରି ଦୁଃଖଦ ଘଟଣା ପୁନର୍ବାର ନ ଘଟିବା ପାଇଁ କମିଶନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ଦଳ କହିଛି। ଏହି ଦାବିପତ୍ରକୁ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କ ନିକଟରେ ଦାଖଲ କରାଯାଇଛି।

# ରାଜ୍ୟରେ କମୁନି ଡାଇରିଆ ଆତଙ୍କ

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଡାଇରିଆ ଆତଙ୍କ ଥମିବାର ନାଁ ଧରୁନି। ଗୋଟିଏ ଜିଲ୍ଲାରେ ସ୍ଥିତି ସୁଧୁରିବାବେଳକୁ ଆଉ ଗୋଟେ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଝାଡ଼ାବାନ୍ତି ବ୍ୟାପିବାର ଉତ୍ସକୁ ବି ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିପାରୁନି। ପ୍ରଥମେ ଯାଜପୁରରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଖାଦ୍ୟରେ ବିଷକ୍ରିୟା ନା ଡାଇରିଆ ବ୍ୟାପିଛୁ, ତାକୁ ଚହ୍ନଟ କରିବା କାଠିକାର ପାଠ ହୋଇଗଲାଣି। ଜଳ ଉତ୍ସ ସଫା ରଖିବା ସହ ନିୟମିତ ବ୍ୟବଧାନରେ ସଚେତନତା ଜାରି ରହିଛି। ଏହା ସତ୍ତ୍ୱେ ବି ଡାଇରିଆ ନିୟନ୍ତ୍ରଣକୁ ଆସୁନି। ବର୍ଷା ଋତୁ ଆରମ୍ଭରୁ ବ୍ୟାପିଥିବା ଏହି ସଂକ୍ରମଣ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ଶତାଧିକ ଲୋକେ ସଂକ୍ରମଣ ହେବା ସହ ପ୍ରାଣହାନୀ ବି ଘଟୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ସହ ସଂକ୍ରମଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି। ଏପଟେ ଗଜପତି ଜିଲ୍ଲାର ମୋହନାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠନ ହୋଇଥିବା ଟିମ୍‌ର ଜଣେ ସଦସ୍ୟ ଅଛନ୍ତି। ଘଟଣାସ୍ଥଳରେ କ'ଣ ପରିସ୍ଥିତି ରହିଛି, ସାଧାରଣ ଭାବେ ରୋଗର ଉତ୍ସ କ'ଣ ରହିଛି, ସେନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନୁରୂପ ଅବସ୍ଥା ନୂଆପଡ଼ା ଜିଲ୍ଲାରେ ସଂକ୍ରମଣ

■ ସଂକ୍ରମଣ ଉତ୍ସ ପାଉନି ସ୍ୱାସ୍ଥ୍ୟ ବିଭାଗ
■ ଚିନ୍ତା ବଢ଼ାଉଛି ଗଞ୍ଜାମ, ନୂଆପଡ଼ା

ବ୍ୟାପିଥିବାବେଳେ ବଲାଙ୍ଗିର ମେଡିକାଲ କଲେଜର ଜଣେ ପ୍ରଫେସର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନୂଆପଡ଼ା ଯାଇଛନ୍ତି। ଏଠାରେ ଆକ୍ରାନ୍ତ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ସଂକ୍ରମଣ ବ୍ୟାପିବାର କାରଣ ଖୋଜା ଚାଲିଛି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଶ୍ରମ ସ୍କୁଲରେ ବି ସମାନ ସ୍ଥିତି ଦେଖାଦେଇଛି। ମୟୂରଭଞ୍ଜ ସିଡିଏମ୍‌ଓଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ତେଣୁ ଏବେ ବ୍ୟାପୁଥିବା ଡାଇରିଆର ଉତ୍ସକୁ ଖୋଜିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ବିଭାଗୱାରୀ ବୈଠକ କରୁଛୁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ମିଶି ଜଳ ଉତ୍ସ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଦିଦି, ଆଶାକର୍ମୀ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହାସତ୍ତ୍ୱେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ଦୃଢ଼ତାର ସହ ତା'ର ନିରୀକ୍ଷଣ କରାଯାଉଛି। ସଂକ୍ରମଣ ବ୍ୟାପୁଥିବା ସ୍ଥାନଗୁଡ଼ିକରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାସ୍ତବରେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ତା' ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ସମଲେଇ ମନ୍ଦିରରରେ ଇନ୍‌ଫ୍ଲୁଏନସରଙ୍କ ଲାଗି ନିୟମ ଫୁ

# ମୁଖଶାଳାରେ ପ୍ରସାଦ ସେବନକୁ ଜୋରଦାର ବିରୋଧ

ସମ୍ବଲପୁର, ୨୬ ।୭ (ସମିସ)

ସମଲେଶ୍ୱରୀ ମନ୍ଦିରରେ ଇନ୍‌ଫ୍ଲୁଏନସର ମାନଙ୍କ ପାଇଁ ନିୟମ କୋହଳ। ମନ୍ଦିର ମୁଖଶାଳାରେ କିଛି ୟୁଟ୍ୟୁବର ପ୍ରସାଦସେବନ କରୁଥିବା ଭିଡ଼ିଓ ଭାଇରାଲ ହୋଇଛି। ମନ୍ଦିର ପରିସର ଭିତରକୁ ପ୍ଲାଷ୍ଟିକ, ପଲିଥିନ ବ୍ୟାନ କରାଯାଇଛି। ମନ୍ଦିରର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ମନ୍ଦିରର ମୁଖଶାଳାରେ ମୋବାଇଲ ବ୍ୟବହାର ମନା କରାଯାଇଛି। କିନ୍ତୁ କେଉଁ ପରିସ୍ଥିତିରେ ମନ୍ଦିର ମୁଖ ଶାଳାରେ ପଲିଥିନରେ ଭୋଗ ନେଇ ସେବନ କରାଯାଉଛି ଓ ତାହା ମୋବାଇଲ ମାଧ୍ୟମରେ ଭିଡ଼ିଓ ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ଉପଲୋଡ ମଧ୍ୟ କରାଯାଇଛି। ତାହାକୁ ନେଇ ସମ୍ବଲପୁରର ବିଭିନ୍ନ ଲୋକ କ୍ଷୋଭ ପ୍ରକାଶ କରିଛନ୍ତି। ସୋସିଆଲ ମିଡ଼ିଆରେ ଭିଡ଼ିଓ ଭାଇରାଲ ପରେ ବୁଦ୍ଧିଜୀବୀମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି 'ସମ୍ବଲପୁରିଆ' ହ୍ୱାଟସଅପ ଗ୍ରୁପରେ ଏହାକୁ ତୀବ୍ର ନିନ୍ଦା କରାଯାଇଛି। ସୂଚନା ଅନୁସାରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୀଠର ବିକାଶ



କରାଗଲା। ବିକାଶ ପରେ ପ୍ରସାଦସେବନ ପାଇଁ ସ୍ୱତନ୍ତ୍ର ଭୋଗ ମଣ୍ଡପ ତିଆରି ମଧ୍ୟ କରାଯାଇଛି। ଦୂରଦୁରାନ୍ତ ତଥା ସମ୍ବଲପୁର ବାସୀ ସହଜରେ ମନ୍ଦିରରୁ ଭୋଗ ଗ୍ରହଣ କରିପାରିବେ। ଏହାକୁ ନଜରରେ ରଖି ଭୋଗ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ମନ୍ଦିରର ମୁଖ ଶାଳାରେ କେହି ମୋବାଇଲ ବ୍ୟବହାର କରିପାରିବେ ନାହିଁ ବୋଲି କୁହାଯାଇଛି। ଯଦି କେହି ଅବମାନନା କରେ ତାହାଲେ ବାରଣ ମଧ୍ୟ କରାଯାଇଥାଏ। ଭାଇରାଲ ଭିଡ଼ିଓରେ

### ସୋସିଆଲ ମିଡ଼ିଆରେ ମନ୍ଦିର ପ୍ରଶାସନକୁ ତାଚ୍ଛଲ୍ୟ

### ପଲିଥିନ ବ୍ୟାନ୍ ସତ୍ତ୍ୱେ ଭିତରକୁ ଗଲା କେମିତି

୩ ଜଣ ସମେତ ଜଣେ ପୂଜକ ରହିଛନ୍ତି। ମୁଖଶାଳାର ଏକ ପାର୍ଶ୍ୱରେ ବସି ପଲିଥିନରୁ ଭୋଗ କାଢି ସେବନ କରୁଛନ୍ତି। ଏହାକୁ ତୀବ୍ର ବିରୋଧ କରାଯାଇଛି ସମ୍ବଲପୁରିଆ ହ୍ୱାଟସଅପ ଗ୍ରୁପରେ। ମନ୍ଦିରରେ କଡ଼ା ନିୟମ ଥିବା ସତ୍ତ୍ୱେ କିପରି ଏମାନଙ୍କୁ ଛଡାଯାଇଛି। ମନ୍ଦିରର ପ୍ରଶାସନ ଠିକ ଭାବେ ପରିଚାଳନା କରିପାରୁନାହିଁ ବୋଲି ମତ ପ୍ରକାଶ ପାଇଛି। ସମ୍ବଲପୁରର ବିପ୍ଳବ ଡନସେନ କହିଛନ୍ତି, ସହରବାସୀ ତଥା ବାହାରୁ ଭକ୍ତ ଆସିଲେ ସେମାନଙ୍କୁ ମନ୍ଦିର ଭିତରେ ଭୋଗ ସେବନ ମନାଥାଏ। ଏପରିକି ମୋବାଇଲ ମଧ୍ୟ ବ୍ୟବହାର କରିନଥାନ୍ତି। କିନ୍ତୁ ୟୁଟ୍ୟୁବର ବୋଲି ବୋଧେ ଏମାନଙ୍କ ପାଇଁ ନିୟମ ଭାଙ୍ଗିଯାଇଛି। ତେଣୁ ସିସିଟିଭି ତଥା ଏହି ଘଟଣାକୁ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ମୁଖ ଶାଳାରେ ଭୋଗ କରିବା ଅର୍ଥାତ ସେ ସ୍ଥାନ ଅଇଁଠା ହୋଇଯାଇଛି। ତେଣୁ ବ୍ୟକ୍ତିଗତ ଭାବେ ମୁ ଏହାକୁ ତୀବ୍ର ବିରୋଧ କରିବା ସହ ନିନ୍ଦା କରୁଛି ବୋଲି ସେ କହିଛିନ୍ତି।

ଏହି ଘଟଣାକୁ ବିରୋଧ ପରେ ୟୁଟ୍ୟୁବର ନିଜର ଦୋଷ ସ୍ୱିକାର କରିଛନ୍ତି। ମନ୍ଦିରର ନିୟମ ବିଷୟରେ ସେ ଅବଗତ ନଥିଲେ। ପୂଜାରୀ ମାଙ୍କ ଭୋଗ ଖାଇଲେ କିଛି ହେବନାହିଁ ବୋଲି କହିଥିଲେ। ତେଣୁ ଆମେ ଖାଇଥିଲୁ। ଏଥି ପାଇଁ ମନ୍ଦିର ପ୍ରଶାସନ ଜିଲ୍ଲା ପ୍ରଶାସନ ଓ ସମସ୍ତ ଭକ୍ତଙ୍କୁ ସେ କ୍ଷମା ପାର୍ଥନା କରିଛନ୍ତି।

## ବିରଳ ବମ୍ବେ ଗ୍ରୁପ୍ ରକ୍ତଦାନ କଲେ ଛତିଶଗଡ଼ର ସତୀଶ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁରର ଜଣେ ଯୁବକ ଏମ୍‌ଡି ଅନାୟତ ଗତ ୧୯ ତାରିଖ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ ଭିମସାର ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ଦୁର୍ଘଟଣାରେ



ତାଙ୍କ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଥିଲା। ତେଣୁ ଡାକ୍ତର ତାଙ୍କର ଅପରେସନ ପାଇଁ ୩ ରୁ ୪ ୟୁନିଟ୍ ରକ୍ତ ଯୋଗାଡ଼ କରିବା ପାଇଁ କହିଥିଲେ। ଆହତଙ୍କ ରକ୍ତ ହେଉଛି ବିରଳ ଓ ପଜିଟିଭ୍ ବମ୍ବେ ଗ୍ରୁପ୍। ଯାହାକି ଅତି ବିରଳ ଗ୍ରୁପ ଏବଂ ସାରା ଓଡ଼ିଶାରେ କେବଳ ୨୫ ରୁ ୩୦ ଜଣ ଏହି ରକ୍ତ ଗ୍ରୁପ୍‌ର ଅଛନ୍ତି। ରୋଗୀଙ୍କ ରକ୍ତ ୪.୬% କୁ ଖସିଯାଇଥିଲା। ବିନା ରକ୍ତରେ ରୋଗୀର ଅପରେସନ ଅସମ୍ଭବ ବୋଲି ଡାକ୍ତର କହିଥିଲେ। ରୋଗୀ ସମ୍ପର୍କୀୟଙ୍କଠାରୁ ଖବରପାଇ 'ସମ୍ବଲ' ଅନୁଷ୍ଠାନର ଉପଦେଷ୍ଟା ରାମଦାସ ପଣ୍ଡା ଛତିଶଗଡ଼ର ସତୀଶ ସିଂଙ୍କୁ ଯୋଗାଯୋଗ କରିଥିଲେ। ସତୀଶ କଟକ ନ ଯାଇ ସମ୍ବଲପୁରରେ ଆସି ରକ୍ତଦେବା ପାଇଁ ରାଜିହେଲେ। ତେଣୁ କଟକରୁ ରୋଗୀ ସମ୍ପର୍କୀୟମାନେ ରିକ୍ୟୁଜିସନ ଫର୍ମ ଏବଂ ରକ୍ତ ସାମ୍ପୁଲ ଆଣି ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଶୁକ୍ରବାର ରାତି ସାଢ଼େ ୮ଟା ସମୟରେ ସତୀଶ ୩୮୫ କିଲୋମିଟର ଦୂରରୁ ଆସି ରକ୍ତଦାନ କରିଥିଲେ। ସଦର ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ପେଶ କକ୍କଡ଼ ଏବଂ ଅନ୍ୟ କର୍ମଚାରୀମାନେ ରକ୍ତସଂଗ୍ରହ କରିଥିଲେ। ଗତକାଲି ଆଉ ଦୁଇଜଣ ରକ୍ତଦାତା ମଧ୍ୟ କଟକରେ ରକ୍ତଦାନ କରିଥିଲେ। ତେଣୁ ଗତକାଲି ସନ୍ଧ୍ୟାରେ ରୋଗୀଙ୍କ ଅପରେସନ ହୋଇପାରିଛି। ଏତେଦୂରରୁ ଜଣେ ଭାଇ ଆସି ଅନ୍ୟ ଜଣେ ଭାଇର ଜୀବନ ବଞ୍ଚେଇବା ପାଇଁ ରକ୍ତଦାନ କରିଥିବାରୁ ସତୀଶଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ 'ସମ୍ବଲ'ର ସୁବ୍ରତ ପଣ୍ଡା, ଦେବାଶିଷ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ 'ଜଷ୍ଟିସ୍' ଉନ୍ମୋଚିତ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପାଠାଗାର ପ୍ରେକ୍ଷାଳୟରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଜଷ୍ଟିସ୍' ଆଜି ଉନ୍ମୋଚିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକଟି ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ବିଚାରପତି ଓ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର, ଉପସଭାପତି ଅରବିନ୍ଦ ନାୟକ,




ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ବଢ଼େଇ, ସହକାରୀ ସମ୍ପାଦକ ପ୍ରଦୀପ ସୂପକାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ପଣ୍ଡା, ଦେବ କୁମାର ଆଜମେରିଆ ପ୍ରମୁଖ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

## ଇଟାମାଡ଼ରେ ଯୁବକଙ୍କ ମୁଣ୍ଡ ଫାଟିଲା

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଚନ୍ଦନ ନଗରରେ ଇଟା ମାଡ଼ରେ ଜଣେ ଯୁବକର ମୁଣ୍ଡ ଫାଟି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ରାତି ୮ ଟା ସମୟରେ ନିରଜ ବିଶ୍ୱକର୍ମା କୌଣସି ଏକ କାମରେ ନିଜ ଘରୁ ବାହାରକୁ ଯାଉଥିବା ସମୟରେ କେହିଜଣେ ତାଙ୍କ ଉପରକୁ ଏକ ଇଟା ଫିଙ୍ଗି ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ତେବେ କିଏ ଇଟା ଫିଙ୍ଗିଛି ତାହା ଜଣାପଡ଼ିନାହିଁ। ଏନେଇ କ୍ଷେତରାଜପୁର ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

## ଛିନ୍‌ତାଇ ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ଭିମସାର ଟିକେଟ କାଉଣ୍ଟର ପାଖରେ ମୋବାଇଲରେ କଥା ହେବା ସମୟରେ ଜଣେ ଦୁର୍ବୃତ୍ତ ଛଡ଼ାଇ ଫେରାର ହୋଇଥିଲା। ବୁର୍ଲା ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତ ଗୋପାଳମାଳର ମାଧବ ମହାନନ୍ଦ(୨୪) କୁ ଗିରଫ କରିଛି। ଶୁକ୍ରବାର ରାତିରେ ଅଭିଯୁକ୍ତ ସାଇକଲ ଦୋକାନରୁ ମଧ୍ୟ ଚୋରି କରିଥିଲା। ପୁଲିସ ଚୋରି ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଛି।

## ଡକାୟତି ଉଦ୍ୟମ ଅଭିଯୋଗରେ ଦୁଇ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ଛୁରି ଦେଖାଇ ଟଙ୍କା ମାଗିବା ଅଭିଯୋଗରେ ବୁର୍ଲା ଥାନା ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁମିତ ସାହୁ ଓ ଆଲମ ଖାନ। ବୁର୍ଲା ଏନ୍‌ଏସିକଲେଜ ସମ୍ମୁଖରେ ଜଣେ ଯୁବତୀ ଛିଡ଼ା ହେବା ସମୟରେ ୩ ଜଣ ଦୁର୍ବୃତ୍ତ ଛୁରି ଦେଖାଇ ଟଙ୍କା ମାଗିଥିଲେ। ପୁଲିସ ତଦନ୍ତ ପରେ ପ୍ରଥମେ ସୁମିତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଆଲମକୁ ଗିରଫ ପରେ କୋର୍ଟକୁ ପଠାଇ ଦେଇଛି।

## ମାନ୍ଧାତା ବାବା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୬।୭ (ସମିସ):** ମାନେଶ୍ୱରସ୍ଥିତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ




କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ହୀରାଲାଲ ବାରିକ ମୁଖ୍ୟଅତିଥି ଓ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ କହିଲେ ଯେ, ବିକାଶ ହେଉଛି ମଣିଷର ସହଜାତ ଗୁଣ। ଏହାକୁ ମନେରଖି ନିଜକୁ ବିକାଶ କରିବା ସଙ୍ଗେ ସଙ୍ଗେ ଦେଶକୁ ମଧ୍ୟ ବିକଶିତ କରିବାରେ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସମାଜରେ ସମସ୍ତଙ୍କ ଭିତରେ କିପରି ସମତା ବଜାୟ ରହିପାରିବ, ଭେଦଭାବମୁକ୍ତ ସମାଜ ପ୍ରତିଷ୍ଠା ହୋଇ ପାରିବ ସେଦିଗରେ ଆମେ କାର୍ଯ୍ୟ କରିବା ଉଚିତ। ମୁଖ୍ୟ ଅତିଥି ଶ୍ରୀ ବାରିକ ଅନୁଷ୍ଠାନର ୩୦ ବର୍ଷର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଇତିହାସ ଅଧ୍ୟାପକ ଡ. ସତ୍ୟ ନାରାୟଣ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଓଡ଼ିଆ ଅଧ୍ୟାପକ ତୋଷଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଅର୍ଥନୀତି ବିଭାଗ ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୬ ।୭ (ସମିସ):** ବୁର୍ଲା ପୁଲିସ ସିସିଟିଭି ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଶକ୍ତି ନଗରର ସୁଦନ ମୁଣ୍ଡା(୨୦) ଶୁକ୍ରବାର ରାତିରେ ୨ଟି ସିସିଟିଭି ଚୋରି ହୋଇଥିବା ନେଇ ଏମଡି ଆଜାଦ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ପରେ ୨ଟି ସିସିଟିଭି ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ନାକଟିଦେଉଳ, ୨୬ ।୭ (ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଇକୋ କ୍ଲବର ଇନ୍‌ଚାର୍ଜ ଶିକ୍ଷକ ସୁଭାଷ ଚନ୍ଦ୍ର ନାୟକ, ବିଦ୍ୟାଳୟର ସହକାରୀ ଶିକ୍ଷକ ବାବୁଲାଲ ବିଶି, ହରେକୃଷ୍ଣ ବିଶି, ମହାଶ୍ୱେତା ସିଂ ଯୋଗଦେଇ କହିଥିଲେ କି ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ଜୀବ ବଞ୍ଚିବା କଷ୍ଟକର ସହ ପରିବେଶକୁ ବଞ୍ଚାଇ ରଖିବା ଓ ପ୍ରକୃତିର ଭରସ୍ୟାମ ରଖିବାକୁ ହେଲେ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମା' ପାଇଁ ଗଛ ଟିଏ ଚାରାରୋପଣରେ ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ନାତୁଣୀ ବୋହୂ କଳ୍ପନା ଦାଶ ସମ୍ପୂର୍ଣ୍ଣ ଅଙ୍ଗଦାନ କରିଛନ୍ତି। ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ'କୁ ସତ୍ୟପାଠ ଦେବାସହ ସେ ସମ୍ମତିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

## ବରଗାଁ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁ ବୀର ସୁରେନ୍ଦ୍ର ସାଏ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଅରବିନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଧେଶ୍ୟାମ ପଣ୍ଡା ଓ ଶିକ୍ଷକ ବିଲାଲସେନ ଅମାତ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷାର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। ଖେଳ ଶିକ୍ଷକ ତଥା ଇକୋ କ୍ଲବ ନିର୍ବାହୀ ରାମନିବାସାହୁ ବୃକ୍ଷରୋପଣର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବେଲ, ଲେମ୍ବୁ, ଦେବଦାରୁ, ୟୁକାଲିପଟାସ, ପଣସ, ସଜନା ଆଦି ଚାରାରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍ସିତା ସାହୁ, କ୍ରିଷ୍ଟା ସିଂ, ସମର୍ପଣର ଟିକେଶ୍ୱର ପ୍ରଧାନ ଓ ଆଲୋକ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା ସ୍କୁଲରେ ହସ୍ତଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୬।୭ (ସମିସ):** ସମ୍ବଲପୁରର ସର୍ବପୁରାତନ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଏକ ଆକର୍ଷଣୀୟ ଦ୍ୱିତୀୟ ହସ୍ତଶିଳ୍ପ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ (ସିଡିପିଏ) ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାମ୍ପ୍ରଦୟିକ ହସ୍ତଶିଳ୍ପ ପ୍ରତି ଆଗ୍ରହ, ସଂସ୍କୃତି ଓ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରିବା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପର ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ପ୍ରଶିକ୍ଷକ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଚାରୋଟି ବିଭାଗ ଯଥା - ଚିତ୍ରକଳା, ମୃତ୍ତିକାଶିଳ୍ପ, କଷିଦାକାରୀ ଓ ହାତଛପା ବସ୍ତ୍ର ଆଦି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ନିଜେ ହସ୍ତଶିଳ୍ପ କରି ଦେଖାଇଥିଲେ। ଏହା ବିଦ୍ୟାଳୟ ପରିବେଶକୁ ନୂତନ ଉତ୍ସାହ ଓ ସୃଜନାତ୍ମକତାରେ ପରିପୂର୍ଣ୍ଣ କରିଥିଲା।



## ନାଳରେ ପଡ଼ି ଯୁବକ ମୃତ

**ଜମନକିରା, ୨୬ ।୭ (ସମିସ):** ଜୁନାପାଏଁନ୍ ନାଳ ରେ ମୁହଁମାଡ଼ି ପଡ଼ିଯାଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାଁ ଦୂତୀଆ ସିଂ (୪୬)। ସୂଚନାରୁ ପ୍ରକାଶ ଯେ, ଜମନକିରା ଥାନା ବଡ଼ଖଲିଆଗାଁର ଦୂତୀଆ ଶନିବାର ସକାଳେ ଧାନ ପଲ୍‌ହା ଚେର ଧୋଇ ସଫା କରୁଥିବା ବେଳେ ତାଙ୍କର ମୁଣ୍ଡ ବୁଲାଇ ଦେବାରୁ ଜୁନାପାଏଁନ୍ ନାଳରେ ମୁହଁମାଡ଼ି ହୋଇ ପଡ଼ି ଯାଇଥିଲେ। ଅପର ପାର୍ଶ୍ୱରେ ଧାନ ପଲ୍‌ହା ଲଗାଉ ଥିବା ଦୂତୀଆଙ୍କ ସ୍ତ୍ରୀ କଳାବତି ଓ ବାପା ଇନ୍ଦ୍ର ସିଂ ପୁଅର ବିଳମ୍ବ ଦେଖି ନାଳ ପର୍ଯ୍ୟନ୍ତ ଯାଇ ଦେଖିବାରୁ ପାଣିରେ ବୁଡ଼ି ମରିଥିବା ଦେଖିଥିଲେ। ଏ ସମ୍ପର୍କରେ ପୁଲିସ ସୂଚନା ପାଇ ଘଟଣାସ୍ଥଳକୁ ପହଞ୍ଚି ପାରିପାର୍ଶ୍ୱିକ ତଦନ୍ତ କରି ଶବକୁ ଜବତ୍ ପରେ କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କୁଚିଣ୍ଡାରେ ଶବ ବ୍ୟବଚ୍ଛେଦ ହେବା ପରେ ବଡ଼ଖଲିଆ ଗାଁ ଶ୍ମଶାନରେ ଶବ ଦାହ କରାଯାଇଥିଲା। ଜିଲ୍ଲା ପ୍ରଶାସନ ମୃତକଙ୍କ ବିଧବା ପତ୍ନୀ ଓ ବିଭିନ୍ନ ସ୍କୁଲ୍ ରେ ପାଠ ପଢୁଥିବା ନାବାଳକ ତିନି ପୁଅ ଝିଅଙ୍କୁ ତୁରନ୍ତ ଆର୍ଥିକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ସଜବାଜ

**ସମ୍ବଲପୁର, ୨୬।୭ (ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଅଗଷ୍ଟ ୧୬ରେ ହେବାକୁ ଥିବା ମହାସମାବେଶ ପାଇଁ ସମ୍ବଲପୁର ଜିଲ୍ଲା ଓଷ୍ଟା ସଂଘ ତରଫରୁ ଏକ ପ୍ରସ୍ତୁତି ବୈଠକ ଝାଙ୍କରପାଲି ସ୍ଥିତ ଜଗନ୍ନାଥ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସମ୍ବଲପୁର ଜିଲ୍ଲା ଶାଖା ସଭାପତି କ୍ଷୀରୋଦ ପଣ୍ଡାଙ୍କ




ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ, ପୂର୍ବତନ ଜିଲ୍ଲା ସଭାପତି କୁଳଧର ପ୍ରଧାନ, ଜିଲ୍ଲା ଉପସଭାପତି ପ୍ରେମାନନ୍ଦ ଖମାରୀ ଓ ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ ମଞ୍ଚାସୀନ ଥିଲେ। ଦୀର୍ଘଦିନ ଧରି ଅସମାହିତ ବିଭିନ୍ନ ନ୍ୟାୟସଂଗତ ଦାବୀଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟାୟକ୍ରମେ ଆନ୍ଦୋଳନରେ ଅଗଷ୍ଟ ୨ ତାରିଖ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ୮ ତାରିଖ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ଆଶାୟୀ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେଇଥିବା ଓ ଅବସର ହେବାକୁ ଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ଓ ଅବସର କାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ସମୟ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଓ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀ କରଣ ଏବଂ ଶିକ୍ଷକ ନିଯୁକ୍ତି, ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ଯୋଜନାର ପୁନଃ ପ୍ରଚଳନ ଓ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ଚାକିରୀ କ୍ଷେତ୍ରରେ ବରିଷ୍ଠତା ପ୍ରଦାନ ଆଦି ରହିଛି। ଏଥିରେ ସମ୍ବଲପୁର ଜିଲ୍ଲା ଓଷ୍ଟା ସଂଘର ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ। ସଭା ପରିଚାଳନାରେ ଆନନ୍ଦ ଦଣ୍ଡସେନା, ସସ୍ମିତା ଦାଶ, ସମୀର ନାଥ, ରତନଲାଲ ସିଂ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ଭିମସାର ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା

# ନୋଟିସ୍ ଜାରିକରି କାମ ସାରିଦେଉଛନ୍ତି କର୍ତ୍ତୃପକ୍ଷ

ସମ୍ବଲପୁର, ୨୬।୭ (ସମିସ)

ସମ୍ବଲପୁର ସମ୍ପ୍ରତି ଶିକ୍ଷାର ହବ୍ ହେଇଛି। ଏଠାରେ ଜାତୀୟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁର ସହିତ ବୈଷୟିକ ବିଶ୍ୱବିଦ୍ୟାଳୟ ଭିସୁଟ୍, ଚିକିତ୍ସା ଗବେଷଣା ପ୍ରତିଷ୍ଠାନ ଭିମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆଦି ରହିଛି। ଛାତ୍ରଛାତ୍ରୀମାନେ ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌କୁ ଯାଉଥିବା ବେଳେ ପହଁରା ଜାଣିନଥିବା କିମ୍ବା ଅସାବଧାନତା ଯୋଗୁଁ ପ୍ରାଣ ହରାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଛାତ୍ରଛାତ୍ରୀମାନେ ହଷ୍ଟେଲରୁ ଯିବାବେଳେ ଅନୁମତି କିଏ ଦେଉଛି ଏବଂ ଯଦି ସେମାନେ ଅନୁମତି ନେଉନାହାନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି କି? ବିଭିନ୍ନ ଅନୁଷ୍ଠାନ କର୍ତ୍ତୃପକ୍ଷ ସେମାନଙ୍କ ଉତ୍ତରଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। କୌଣସି ଘଟଣା ଘଟିଲେ କର୍ତ୍ତୃପକ୍ଷ କେବଳ ଏକ ନୋଟିସ ଜାରି କରି କାମ ସାରିଦେଉଛନ୍ତି।

ଗତ ଏପ୍ରିଲ ୧୦ ତାରିଖ ହୀରାକୁଦ ଜଳଭଣ୍ଡାର ଫିସେରୀ ଅଞ୍ଚଳକୁ ୬ ଜଣ ସାଙ୍ଗଙ୍କ ସହ ଭୋଜି କରିବାକୁ ଯାଇ ଗାଧୋଇବା ସମୟରେ ଭିସୁଟ୍ ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗ ଶେଷବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ମାର୍ଚ୍ଚ ୧୩ ତାରିଖ ୧୮ ହଜାର ପାୱାର କେନାଲରେ ସାଙ୍ଗମାନଙ୍କ ସହ ଯାଇ ଗାଧୋଇବା ବେଳେ ଭିସୁଟର ସିଭିଲ ଇଂଜିନିୟରିଂ ବିଭାଗର ପ୍ରଥମବର୍ଷର ଛାତ୍ର ପ୍ରିୟାଂଶୁ ପ୍ରକାଶ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମାର୍ଚ୍ଚ ୧୭ ତାରିଖ ଭିସୁଟ୍ କର୍ତ୍ତୃପକ୍ଷ ଏକ ନୋଟିସ ଜାରି କରିଥିଲେ। ଯେଉଁଥିରେ ଭିସୁଟ୍ ଛାତ୍ରଛାତ୍ରୀଙ୍କୁ ୭ଟି ସ୍ଥାନ-ପାୱାର କେନାଲ, ମହାନଦୀ, ସାଇଫନ ସ୍ପିଲୱେ, ଅଠର ହଜାର ପଏଣ୍ଟ, ରାଇଟ୍ ଡାଇକ୍, ଝାଙ୍କରାଣୀ ମନ୍ଦିର ଓ ଫିସେରୀ ପଏଣ୍ଟ ଯିବା ଉପରେ କଟକଣା ଲଗାଯାଇଥିଲା। ଏହି ସତର୍କତାକୁ ଉଲ୍ଲଂଘନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ଆଗକୁ ହୋଲି ଥିବାରୁ ଏହାକୁ କଡ଼ାକଡ଼ି କରାଯିବ ବୋଲି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ ହୋଇଥିବାବେଳେ ଏହାର ପ୍ରାୟ ୨୩ ଦିନ ପରେ ଅଘଟଣ ଘଟିଥିଲା।

ସେହିପରି ଗତ ୧୦ ତାରିଖ ଭିମସାର କର୍ତ୍ତୃପକ୍ଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୋଟିସ ଜାରି କରିଥିଲେ। ସେଥିରେ ଭିମସାର ଛାତ୍ରଛାତ୍ରୀଙ୍କୁ ୮ଟି ସ୍ଥାନ-ପାୱାର କେନାଲ, ମହାନଦୀ, ସାଇଫନ ସ୍ପିଲୱେ, ଅଠର ହଜାର ପଏଣ୍ଟ, ରାଇଟ୍ ଡାଇକ୍ ଓ ଲେଫ୍ଟ ଡାଇକ୍, ଝାଙ୍କରାଣୀ ମନ୍ଦିର, ଫିସେରୀ ପଏଣ୍ଟ ଓ ଚିପିଲିମା ପାୱାର ହାଉସ୍ ଆଇରନ୍ ବ୍ରିଜ୍ ସହ ନଦୀ, ପୋଖରୀ, ବନ୍ଧ ଆଦି ଜଳାଶୟ (ୱାଟର୍ ବଡିଜ୍) ଗୁଡ଼ିକୁ ଯିବା ଉପରେ କଟକଣା ଲଗାଇଥିଲେ। ଏହି ସତର୍କତାକୁ ଉଲ୍ଲଂଘନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ତେବେ, ତାହାର ମାତ୍ର ୧୫ ଦିନ ପରେ ଆଜି ସମ୍ବଲପୁରଠାରୁ ପ୍ରାୟ ୪୪ କିଲୋମିଟର ଦୂର ଯୁଯୋମୁରା ବ୍ଲକ ଅନ୍ତର୍ଗତ ଦେବଝରଣ ଜଳପ୍ରପାତକୁ ୬ ଜଣ ଶେଷବର୍ଷ ଛାତ୍ରଛାତ୍ରୀ ଯାଇ ଗାଧୋଇବା ସମୟରେ ସେମାନଙ୍କ ମଧ୍ୟରୁ ଦୁଇଜଣ ମୃତ୍ୟୁବରଣ କରିଛନ୍ତି। ଆଉ କେଇମାସ ପରେ ସେମାନେ ଡାକ୍ତର ହୋଇ ଲୋକଙ୍କ ସେବା କରିଥାନ୍ତେ। କିନ୍ତୁ ଏଥିପାଇଁ କେବଳ ଛାତ୍ରଛାତ୍ରୀଙ୍କୁ ଦାୟୀ କରିହେବ ନାହିଁ, ଏହାସହିତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ମଧ୍ୟ ଉତ୍ତରଦାୟିତ୍ୱ ରହିଛି।

ଏନେଇ ଭିମସାର ଡିନ୍ ଡା ପ୍ରଦୀପ କୁମାର ମହାନ୍ତିଙ୍କ ମତାମତ ମିଳିପାରିନାହିଁ। ସମାଜସେବୀ ସୁଧୀର ପୂଜାରୀ କହିଛନ୍ତି, ଶିକ୍ଷାନୁଷ୍ଠାନମାନଙ୍କରେ ହଷ୍ଟେଲ ୱାର୍ଡେନ, ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ରହୁଛନ୍ତି, ସେମାନେ ଛାତ୍ରଛାତ୍ରୀଙ୍କ ପ୍ରତି ସତର୍କ ଓ ସମ୍ବେଦନଶୀଳ ହେଲେ ସେମାନଙ୍କ ଯିବାଆସିବା ଓ କାର୍ଯ୍ୟକଳାପ ଜାଣିପାରିବେ। ମଝି ମଝିରେ ହଷ୍ଟେଲରେ ଏକ ସଚେତନତା ବୈଠକ ମଧ୍ୟ କରିବା କଥା। ବର୍ଷା ସମୟରେ ପାଣି ହଠାତ୍ ବଢ଼ିଯାଏ ବୋଲି ଡାକ୍ତରୀଛାତ୍ରମାନେ ଜାଣିଥିଲେ ହୁଏତ ଏହି ଅଘଟଣ ଘଟିନଥାନ୍ତା। ଏଥିରେ କାହାରିକୁ ଦାୟୀକରି କିଛି ଲାଭନାହିଁ, ଆଗାମୀ ଦିନରେ ପାଣିରେ ବୁଡ଼ି ଯେଭଳି କୌଣସି ଇଞ୍ଜିନିୟରିଂ ବା ମେଡିକାଲ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିବେ ନାହିଁ ତାହାର ଉଦ୍ୟମ ଜିଲ୍ଲା ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷ ଆଜିଠୁ ଆରମ୍ଭ କରିବା ଉଚିତ।

■ ବିପଦସଂକୁଳ ରାଜପୁର ବସୁନ୍ଧରା ବ୍ରିଜ୍

## ଲଗାଣ ବର୍ଷାରେ ଧସିଲା ବ୍ରିଜ୍‌ର ସଂଲଗ୍ନ ରାସ୍ତା

ଝାରସୁଗୁଡା,୨୬।୭(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଗାନ୍ଧିଛକରୁ ବଲଙ୍ଗିବାହାଲ ଦେଇ ସୁନ୍ଦରଗଡ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାର ରାଜପୁର ବସୁନ୍ଧରା ବ୍ରିଜ୍



ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ପୋଲ ଉପରେ ପ୍ରତ୍ୟେକ ଦିନ ଲୋଇସିଂହ ଗ୍ରାମପଞ୍ଚାୟତ ସମେତ ସୁନ୍ଦରଗଡ଼ ଜିଲ୍ଲାର ହଜାର ହଜାର ଜନସାଧାରଣ ନିର୍ଭରଶୀଳ ଅଟନ୍ତି। ଗତ ଜୁଲାଇ ୬ ତାରିଖରେ ଲଗାଣ ବର୍ଷା ଓ ଭାରିଯାନ ଯାତାୟାତ ଫଳରେ ଏହା ଉପରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଯାହାକୁ ମରାମତି କରାଯାଇଥିଲା। ଶନିବାର ପୁଣି ରାଜପୁର ବସୁନ୍ଧରା ବ୍ରିଜ୍‌ର ଗୋଟିଏ ପଟ ବିପଦସଂକୁଳ ହୋଇପଡିଛି। ଝାରସୁଗୁଡା ଜିଲ୍ଲା ଗାନ୍ଧିଛକ ରୁ ବଲଙ୍ଗିବାହାଲ ଦେଇ ସୁନ୍ଦରଗଡକୁ ସଂଯୋଗ କରୁଥିବା ରାସ୍ତାର ରାଜପୁର ବସୁନ୍ଧରା ବ୍ରିଜ୍‌ର ଗୋଟିଏ ପଟ ଧସି ଯାଇଛି। ଫଳରେ ଏହି ରାସ୍ତା ଦେଇ ଜନସାଧାରଣ, ଯାତ୍ରୀବାହୀ ବସ ଏବଂ ଯାନବାହନ ଆଦି ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇଛି। ହଜାର ହଜାର ବାଲି ବୋଝେଇ ଟ୍ରକ୍ ସମେତ ଏନ୍‌ଟିପିସି ଓ ବିଭିନ୍ନ ଭାରିଯାନ ଯାତାୟାତ ଫଳରେ ଏପରି ବାରମ୍ବାର ବ୍ରିଜ୍‌ର ଗୋଟିଏ ପଟ ଧସି ଯାଉଥିବା ବେଳେ କୌଣସି ସମୟରେ ଏଠାରେ ବଡ଼ ଦୁର୍ଘଟଣାକୁ ଏଡାଇଦିଆଯାଇନପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ବାରମ୍ବାର ସାମୟିକ ମରାମତି କରାଯାଉଥିଲେ ସୁଦ୍ଧା ଲଗାଣ ବର୍ଷାହେଲେ କେତେବେଳେ ଧସିଯାଇ କିମ୍ବା ଗର୍ତ୍ତ ସୃଷ୍ଟି ହୋଇ ବିପଦ ସୃଷ୍ଟି କରୁଥିବାରୁ ଏହାର ସ୍ଥାୟୀ ସମାଧାନ ସହିତ ପୋଲର ମରାମତି କରାଯାଇ ପୋଲର ସ୍ଥାୟୀତ୍ୱ ଦିଗରେ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏଥିସହ କ୍ଷମତାଠାରୁ ଅଧିକ ଓଜନର ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି।

ବର୍ଷା ବିପ୍ରାତ: ଫୁଲିଲା ମହାନଦୀ ଓ ଇବ୍

# ଚାଷ ଜମିରେ ପଶିଲା ବନ୍ୟାଜଳ; ଭୟରେ ନଦୀକୂଳବାସୀ







ଝାରସୁଗୁଡା,୨୬।୭(ସମିସ): ଲଗାଣ ବର୍ଷାରେ ଫୁଲିଛି ମହାନଦୀ ଏବଂ ଇବ ନଦୀର ଜଳସ୍ତର। ଶନିବାର ଅପରାହ୍ନରୁ ମହାନଦୀ ପାଣି କୂଳ ଲଙ୍ଘି ସେମଲିଆ ଶିବ ମନ୍ଦିର ଭିତରକୁ ପଶିଥିବାବେଳେ ଶିବ ମନ୍ଦିର ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚାଷ ଜମି ଜଳମଗ୍ନ ହୋଇ ଧାନ, ପନିପରିବା ଆଦି ପାଣିରେ ବୁଡିଯାଇଛି। ବର୍ଷା ଅଧିକ ହେଲେ ନଦୀକୁଳିଆ ଗାଁ ସେମଲିଆ, ସୁଖାସୋଢା, ଚିଖିଲି, ମୁହୁଦି, ଶରଧା ଆଦି ଗ୍ରାମକୁ ବନ୍ୟା ପାଣି ପଶି ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ଗାଁ ପାଖକୁ ବର୍ଷା ପାଣି ଆସି ସାରିଥିବାରୁ ନଦୀ କୁଳିଆ ଲୋକେ ମଧ୍ୟ ଭୟଭିତ ଅଛନ୍ତି । ତେବେ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲଙ୍କ ସହ ଏବିଡିଓ ଏବଂ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଆଜି ସକାଳୁ ମହାନଦୀ ନଦୀ କୁଳିଆ ଗାଁ ଗୁଡିକୁ ଯାଇ ସ୍ଥିତି ତଦାରଖ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏପର୍ଯ୍ୟନ୍ତ ଗାଁ ଭିତରକୁ ପାଣି ପଶି ନଥିବାବେଳେ ଲୋକଙ୍କୁ ସଚେତନ କରାଯାଇଛି। ସୁରକ୍ଷିତ ଏବଂ ନିରାପଦ ରହିବା ପାଇଁ କୁହାଯିବା ସହ ସେମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନ ସବୁ ବେଳେ ସଜାଗ ରହିଛି ବୋଲି ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ କହିଛନ୍ତି। ଅନ୍ୟପଟେ ଇବ ନଦୀର ଜଳ ମଧ୍ୟ କୂଳଲଙ୍ଘିବାରୁ ବରଘାଟ ଶିବ ମନ୍ଦିର, ମା' ଚଣ୍ଡୀ ମନ୍ଦିରକୁ ବନ୍ୟା ଜଳ ପ୍ରବେଶ କରିଛି। ଏଥିସହ ଇବ୍, ପୁଢ଼ାପାଲି, ଜମେରା, ଜମାପାଲି, ମାରାକୁଟା, ଗଣ୍ଡଘୋରା ପରି ଇବ୍ ନଦୀ କୁଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବାର ସ୍ଥିତି ଦେଖାଦେଇଛି। ଯାହାଫଳରେ ଗ୍ରାମବାସୀମାନେ ଭୟଭୀତ ହୋଇ ରହିଛନ୍ତି। ଚାଷ ଜମି ବୁଡିଯାଇ ପନିପରିବା, ଧାନ ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି।

## ଚୋର ଗିରଫ; ଚୋରି ସାମଗ୍ରୀ ଜବତ

ଝାରସୁଗୁଡା,୨୬।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଖଲିଆକାନି ଗ୍ରାମର ଜଣକ ଘରୁ ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗରେ ଅଭିଯୁକ୍ତ ରଞ୍ଜିତ



ନାୟକ(୨୫)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଖଲିଆକାନି ଗ୍ରାମର ମିଲି ମହାନନ୍ଦଙ୍କ ଘରୁ ଗତ ୨୨ ତାରିଖରେ ଏକ ମୋବାଇଲ୍ ଫୋନ୍ ଓ ୧୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ସହରରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବ୍ରଜରାଜନଗର ଥାନା ରେମଜା ଗ୍ରାମର ଜଣେ ସମ୍ପର୍କୀୟ ଘରେ ରହୁଥିବା ସୁନ୍ଦରଗଡ଼ ଜିଲ୍ଲା କାଲୋବାହାଲ ଅଞ୍ଚଳର ଅଭିଯୁକ୍ତ ରଞ୍ଜିତ ନାୟକ (୨୫)କୁ ଗିରଫ କରିବା ସହ ତା' ନିକଟରୁ ମୋବାଇଲ ଫୋନ୍ ଓ ଟଙ୍କା ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ସୂଚନା ଦେଇଛନ୍ତି।

## ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ରିଆମାଳ,୨୬।୭(ସମିସ): ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିହାରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାପକ ଫକୀର ମୋହନ ପ୍ରଧାନ, ଅଧ୍ୟାପକ ବେଣୁଧର ସାହୁ, ଓଡ଼ିଆ ଅଧ୍ୟାପିକା ଅନୁପମା ସାହୁ ମଞ୍ଚାସିନ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ୱ ଏବଂ ଭବିଷ୍ୟତରେ କିଭଳି ନିଜର ଲକ୍ଷ୍ୟ ହାସଲ କରିପାରିବେ ସେହି ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଦ୍ୟାଳୟସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ଇବଥର୍ମାଲ,୨୬।୭(ସମିସ): ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବନ୍ଧବାହାଲର ମାଧବଭବନ ପରିସରରେ ଶନିବାର ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



ଏଥିରେ ମୁଖ୍ୟ ବିଷୟ ଥିଲା ''ଏନ୍‌ଇପି ୨୦୨୦ ଆଧାରରେ ୩୬୦° ସମଗ୍ର ବିକାଶ'। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ପଣ୍ଡା ଯୋଗଦେଇ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ନୂତନ ଶିକ୍ଷା ନୀତି ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ଗିରି, ନବୀନ ଭୋଇ, ବନମାଳୀ ବିଶ୍ୱାଳ ଓ ବିଦ୍ୟାଳୟର ସମ୍ପାଦକ ଅଭିନ ରାଉତ, ସଦସ୍ୟ ମଞ୍ଜୁଲତା ଭୂମିଜ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପାଣ୍ଡବ ସା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଟ୍ରକ୍ ମାଲିକ ସଂଘର ସ୍ୱାସ୍ଥ୍ୟ ଶିବିର




ଇବଥର୍ମାଲ,୨୬।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ମା' ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସାଇଡିଂ ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେବଳ ଟ୍ରକ୍ ଡ୍ରାଇଭରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ହେପାଟାଇଟିସ ବି, ହେପାଟାଇଟିସ ସି ସହ ସିଫିଲିସ୍ ଓ ଏଚ୍‌ଆଇଭି ଭଳି ମାରାତ୍ମକ ରୋଗର ପରୀକ୍ଷଣ କରାଯାଇଥିଲା। ମାଇକ୍ରୋ ବାୟୋଲୋଜିଷ୍ଟ ଦେବଜାନୀ ଭଇଁସା, ଏଲଟି ମନିଷା ପାଣ୍ଡେ, ନମିତା ରାଉତ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ହିମାଂଶୁ ଦାନି ପ୍ରମୁଖ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ ସ୍ୱାଇଁ, ଉପସଭାପତି ଗୁରୁନାମ ସିଂହ, ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ଯୁଗ୍ମ ସଂପାଦକ ପ୍ରଶାନ୍ତ ଭୂୟାଁ, ଶ୍ରୀକାନ୍ତ ରାୟ ସହଯୋଗ କରିଥିବାବେଳେ ମୋଟ ୭୨ ଜଣ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଆର୍ଥିକ ସଚେତନତା ଓ ଅର୍ନ୍ତଭୁକ୍ତୀକରଣ କାର୍ଯ୍ୟକ୍ରମ

ଝାରସୁଗୁଡା,୨୬।୭(ସମିସ): ଜିଲ୍ଲା ସଞ୍ଚୟ ଓ ଅର୍ଥିକ ସେବା ବିଭାଗ ପକ୍ଷରୁ ଏକ ଆର୍ଥିକ ସଚେତନତା ଓ ଆର୍ଥିକ ଅର୍ନ୍ତଭୁକ୍ତୀକରଣ କାର୍ଯ୍ୟକ୍ରମ ତାଳପଟିଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ପ୍ରକ୍ ସୂଚନା ପ୍ରଦାନ କରିଥିଲେ। ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲ୍ଲା ଅଧିକାରୀ ତନ୍ମୟ ଜୟସ୍ୱାଲ



କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କୁ ସଂକ୍ଷେପରେ ଆର୍ଥିକ ସଚେତନତାର ବାର୍ତ୍ତା ଦେଇଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପଣି ନାୟକ ଚିଟଫଣ୍ଡ କମ୍ପାନୀମାନଙ୍କରେ ଟଙ୍କା ବିନିଯୋଗ କରିବାର ଅପକରିତା ବିଷୟରେ ବୁଝାଇଥିଲେ। ଏଥିସହ ବିଭିନ୍ନ ସୁରକ୍ଷିତ ସଞ୍ଚୟ ଯୋଜନା ତଥା ଋଣ ବିଷୟରେ ବୁଝାଇଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ତଥା ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଏବଂ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଲୋକ ସମ୍ପର୍କ ଅଧିକାରୀ ସୁମିତ୍ ପରମାଣିକ ଡିଜିଟାଲ କାରବାର ଓ ତଦ୍ ଜନିତ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଇଥିଲେ । ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀମତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡା,୨୬।୭(ସମିସ): ଜୁଲାଇ ୨୬ କାରଗିଲ ବିଜୟ ଦିବସ। ଆଜିର ଦିନରେ ପାକିସ୍ତାନ ବିରୋଧରେ ଭାରତର ହୋଇଥିଲା ବଡ଼ ବିଜୟ। ଭାରତର ଯବାନଙ୍କ ଅପୂର୍ବ ତ୍ୟାଗ, ପରାକାଷ୍ଠା, ବଳିଦାନ ଯୋଗୁ କାରଗିଲ ଯୁଦ୍ଧରେ ଭାରତ ବିଜୟ ମୁକୁଟ ପିନ୍ଧିଥିଲା।

ଝାରସୁଗୁଡ଼ା ଜିଲ୍ଲା ଗଉରମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଠିଆବେର୍ଣ୍ଣା ଗ୍ରାମରେ ମେରା ଯୁବା ଭାରତ ଦ୍ୱାରା ଜୟ ବଜରଙ୍ଗବଳି ଯୁବକ ସଂଘ ଆନୁକୁଲ୍ୟରେ ଶନିବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଉରମାଲ ସରପଞ୍ଚ ରାଜକୁମାର ସାଏ ଓ ଅବସରପ୍ରାପ୍ତ ସେନା ଲକ୍ଷ୍ମନ ପଟ୍ଟନିଆ ଯୋଗଦେଇ ଗ୍ରାମ ବାସୀ ମାନଙ୍କୁ ଦେଶ ସେବା ଓ ସ୍ୱଚ୍ଛ ଭାରତ କରିବା ପାଇଁ ପ୍ରବର୍ତ୍ତାଇଥିଲେ।

ଅବସରପ୍ରାପ୍ତ ସେନା ଅଧିକାରୀ ଲକ୍ଷଣ ପଟ୍ଟନିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ କାର୍ଗିଲ ଯୁଦ୍ଧରେ ପ୍ରାଣ ହରାଇଥିବା ବିର ଜବାନ ମାନଙ୍କୁ ସ୍ମରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଚାରଭାଟି ଯୁବକ ସଂଘର ସଦସ୍ୟ ମଧ୍ୟ ଯୋଗ ଦେଇଥିଲେ। ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ହନୁମାନ ସାହିରେ ଜଳ ସଙ୍କଟ

# ଅଚଳ ପାନୀୟ ଜଳ ପ୍ରକଳ୍ପ; ୨୫ ପରିବାରକୁ ସାହା ନାଳ ପାଣି

ଦେବଗଡ଼,୨୬।୭(ସମିସ): ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ କେଉଁଠି ଅସାଧୁ ଅଧିକାରୀ ତ କେଉଁଠି ଅସାଧୁ ରାଜନେତାଙ୍କ କାରଣରୁ ଯୋଜନାର ଲାଭ ପାଇବାରୁ ବଞ୍ଚିତ ରହୁଛନ୍ତି ନିରୀହ ଗ୍ରାମବାସୀ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ତୁଙ୍ଗାମାଳ ପଞ୍ଚାୟତ ମହକୁମା ହନୁମାନ ସାହିରେ। ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପରିବାର ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ଦେଢ଼ ଶହ ରହିଛି। ଅଧିକାଂଶ ଗ୍ରାମବାସୀ ଚାଷୀ ମୁଲିଆ ଶ୍ରେଣୀର ରହିଥିବା ବେଳେ ଦେଢ଼ ଶହ ଲୋକଙ୍କ ପାଇଁ ଗ୍ରାମରେ ନାହିଁ ପାନୀୟ ଜଳ ସୁବିଧା। ବସୁଧା ଯୋଜନାରେ ଉକ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅଚଳ ହୋଇପଡିଛି। ପ୍ରକଳ୍ପରୁ ଜଳ ଯୋଗାଣ



ହେଉ ନଥିବାରୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ସେହିପରି ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଥିବାବେଳେ ଦୀର୍ଘ ଛଅ ମାସ ହେବ ମରାମତି ପାଇଁ ତାହାକୁ ଖୋଲି ରଖାଯାଇଛି। ଫଳରେ ଗତ ଗ୍ରୀଷ୍ମ ଋତୁରେ ଗ୍ରାମବାସୀମାନେ ଗାଁ ଠାରୁ ପ୍ରାୟ ୧ କିମି ଦୂରରେ ଥିବା ନାଳରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରିଥିଲେ। ଏବେ ବର୍ଷା ଋତୁରେ ମଧ୍ୟ ଉକ୍ତ ନାଳ ଉପରେ ଭରଷା କରି ପାନୀୟ ଜଳ ସଂଗ୍ରହ କରିବାକୁ ବାଧ୍ୟ ହୋଇଛନ୍ତି। ବର୍ଷାରେ ନାଳର ଗୋଳିଆ ପାଣି ପିଉଥିବା ବେଳେ ସେହି ଗୋଟିଏ ନାଳରେ ଲୋକେ ଗାଧୁଆ ପାଧୁଆ କରୁଛନ୍ତି। ସେହି ଦୂଷିତ ପାଣି ବ୍ୟବହାର କରୁଥିବାରୁ ଗ୍ରାମରେ ଯେକୌଣସି ସମୟରେ ମହାମାରୀ ଦେଖାଦେବାର ଆଶଙ୍କା ଦେଖାଦେଇଛି। ଏନେଇ ଗ୍ରାମବାସୀମାନେ ବହୁବାର ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ପାରିନାହାନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଶରତ ପ୍ରଧାନଙ୍କୁ ପଚାରିବାରୁ ଗ୍ରାମ୍ୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କିମ୍ବା ମରାମତି ଦାୟିତ୍ୱ ପଞ୍ଚାୟତର ରହିଥିଲେ ମଧ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଣିଶୁଣି ଲୋକଙ୍କ ଆଖିରେ ସରପଞ୍ଚଙ୍କୁ ନୀଚା ଦେଖେଇବା ପାଇଁ ପଞ୍ଚାୟତ ପାଣ୍ଠିର ଅର୍ଥ ମଞ୍ଜୁର କରୁନଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ ସେମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମରେ କୁଅଟିଏ ଖୋଳାଇବାକୁ ଅନୁରୋଧ କରିଛନ୍ତି।




ପାଇପ ଯୋଗେ ଅସୁଛି ଗୋଳିଆ ପାଣି

## ବିଶୁଦ୍ଧ ପାଣି ଯୋଗାଇବା ଦାବିରେ କଂଗ୍ରେସର ପ୍ରତିବାଦ



ଦେବଗଡ଼,୨୬।୭(ସମିସ): ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡର ବେଞ୍ଚାତିନାଳି, ଲାଲାବାହାଳ, ମୁଣ୍ଡା ସାହି ସମେତ ବିଭିନ୍ନ ସାହିରେ ପାଇପ ଯୋଗେ ଜଳଯୋଗାଣ ହେଉଥିବା ପାଣି ଗୋଳିଆ ଆସୁଥିବା ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଆଜି ଜିଲ୍ଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କର୍ମୀ ଜନ ସ୍ୱାସ୍ଥ୍ୟ ବିଭାଗ ଆଗରେ ବିଶୁଦ୍ଧ ପାଣି ଯୋଗାଇବା ଦାବିରେ କଂଗ୍ରେସ ପ୍ରତିବାଦ କରିଛି। ଏନେଇ କଂଗ୍ରେସ ପକ୍ଷରୁ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଗୋଳିଆ ପାଣି ଯୋଗାଣ ବନ୍ଦ କରି ତୁରନ୍ତ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ସକାଳ
THE SAKALA
www.sakalaepaper.com





# ଏହା ବି ନିଶା ତାହା ବି ନିଶା

ମୂଳ ହିନ୍ଦୀ: ମୁନ୍‌ସୀ ପ୍ରେମଚାନ୍ଦ
ଅନୁବାଦ: ସ୍ନିଗ୍ଧା ନାୟକ

ହୋଲି ଦିନ, ରାୟ ସାହେବ ପଣ୍ଡିତ ଘସିଟେଲାଲଙ୍କ ବାରହଦରୀରେ ଭାଙ୍ଗ ଛଣା ହେଉଥିବା ବେଳେ, ତତ୍‌କ୍ଷଣାତ ଜଣାପଡ଼ିଲା ଯେ ଜିଲ୍ଲାଧୀଶ ମିଷ୍ଟର ବୁଲ୍ ଆସୁଛନ୍ତି। ବୁଲ୍ ସାହେବ ବହୁତ ମେଳାପୀ ବ୍ୟକ୍ତି ଥିଲେ ଆଉ ଏବେ ନିକଟରେ ବିଲାତରୁ ଆସିଥିଲେ। ଭାରତୀୟ ରୀତିନୀତିର ଜିଜ୍ଞାସୁ ଥିଲେ। ଅନେକ ମେଳାକୁ ଯାଉଥିଲେ। ବୋଧେ ଏଇ ବିଷୟ ଉପରେ କୌଣସି ଏକ ବଡ଼ ପୁସ୍ତକ ଲେଖୁଥିଲେ। ତାଙ୍କ ଆସିବାର ଖବର ପାଉପାଉ ଏଇଠି ବଡ଼ ହଙ୍ଗାମା ହେଲା। ସମସ୍ତେ ନଗ୍ନ ଅନାବୃତ ହୋଇ ଭାଙ୍ଗ ଛାଣୁଥିଲେ। କିଏ ଜାଣିଥିଲା କି ଏଇ ସମୟରେ ସାହେବ ଆସିବେ! ଫୁର୍ କରି ସବୁ ପଳାଇ ଗଲେ, କେହି ଉପରକୁ ଯାଇ ଲୁଚିଗଲା, କେହି ଘରକୁ ପଳାଇ ଗଲା କିନ୍ତୁ ବିଚରା ରାୟ ସାହେବ ଯେଉଁଠିକୁ ସେଇଠି ନିଶ୍ଚଳ ହୋଇ ବସି ରହିଲେ। ଅଧାଘଣ୍ଟା ଉଠିବାକୁ ନିଅନ୍ତି ଆଉ ଘଣ୍ଟାଏରେ ଗୋଟାଏ ପାଦ ରଖନ୍ତି, ଏଇ ଭାଗ ଦୌଡ଼ରେ ସେ କେମିତି ଭାଗନ୍ତେ! ଯେତେବେଳେ ଦେଖିଲେ ଯେ, ଆଉ ତାଙ୍କ ପ୍ରାଣ ବଞ୍ଚିବାର କୌଣସି ଉପାୟ ନାହିଁ ତ ଏମିତି ମୁହଁ ବନେଇ ଦେଲେ ଯେମିତି ଜାଣିଶୁଣି ଏଇ ସ୍ୱଦେଶୀ ଠାଣିରେ ସାହେବଙ୍କ ସ୍ୱାଗତ କରିବାକୁ ବସିଛନ୍ତି। ସାହେବ ବାରଣ୍ଡାକୁ ଆସୁ ଆସୁ କହିଲେ – "ହେଲୋ, ରାୟ ସାହେବ ଆଜି ତ ଆପଣଙ୍କର ହୋଲି ଅଟେ।"

ରାୟ ସାହେବ ହାତବାନ୍ଧି କହିଲେ - "ହଁ ସରକାର, ହୋଲି ଅଟେ।"

ବୁଲ୍- "ଖୁବ୍ ନାଲିରଙ୍ଗ ଖେଳୁଛ ?"

ରାୟ ସାହେବ – "ହଁ ସରକାର।"

ସାହେବ ପିଚକାରୀ ଉଠେଇ ନେଲେ। ସମ୍ମୁଖ ମାଠିଆରେ ରଙ୍ଗ ରଖା ହୋଇଥିଲା। ବୁଲ୍ ପିଚକାରୀ ଭାରି ନେଇ ପଣ୍ଡିତଜୀଙ୍କ ମୁହଁରେ ଛାଡ଼ିଲେ, ହେଲେ ପଣ୍ଡିତଜୀ ଉଠିଲେ ନାହିଁ।

ଧନ୍ୟ ଭାଗ! କେମିତି ଏ ସୌଭାଗ୍ୟପ୍ରାପ୍ତ ହେଇ ପାରିଛି। ବାଃରେ ହାକିମ ! ଏହାକୁ ପ୍ରଜାବତ୍ସଲ୍ୟ କୁହନ୍ତି। ଆହା ! ଏଇ ସମୟରେ ସେଠ୍ ଜୋଖନରାମ୍ ଥାଆନ୍ତେ ତ ଦେଖାଇ ଦିଅନ୍ତି କି ଏଠି ଜିଲ୍ଲାରେ ଅଫିସର୍ ଏତେ କୃପା କରନ୍ତି। କୁହନ୍ତୁ ଆସିକି ଯେ, ତାଙ୍କ ଉପରେ ଜଣେ ଗୋରା ମଧ୍ୟ ପିଚକାରୀ ମାରିଛନ୍ତି। ଜିଲ୍ଲାଧୀଶଙ୍କ କଥା ହିଁ କ'ଣ, ଏହା ପୂର୍ବ ତପସ୍ୟାର ଫଳ ଅଟେ ଆଉ କିଛି ନୁହଁ। କେହି ପ୍ରଥମେ ଏକ ସହସ୍ର ବର୍ଷ ତପସ୍ୟା କରୁ, ତେବେ ଏହି ପରମ ପଦ ପାଇପାରିବ। ହାତ ଯୋଡ଼ି କହିଲେ – "ଧର୍ମାବତାର, ଆଜି ଜୀବନ ସଫଳ ହେଇଗଲା ଯେ, ସରକାର ହୋଲି ଖେଳିଲେ ତ ମତେ ବି ହୁକୁମ ମିଳୁ ନିଜ ହୃଦୟର ଅଭିଳାଷ ପୂରଣ କରିନେବି।"

ଏହା କହି ରାୟ ସାହେବ ଫଗୁର ଗୋଟାଏ ଟିକା ସାହେବଙ୍କ ମଥାରେ ଲଗାଇଦେଲେ।

ବୁଲ୍ – "ଏହି ବଡ଼ ବେଲାରେ କ'ଣ ରଖାଯାଇଛି, ରାୟ ସାହେବ?"

ରାୟ – "ସରକାର, ଏହା ଭାଙ୍ଗ ଅଟେ। ବହୁତ ବିଧିପୂର୍ବକ ତିଆରି ହେଇଛି ହଜୁର୍।"

ବୁଲ୍ – "ଏହାକୁ ପିଇଲେ କ'ଣ ହେବ ?"

ରାୟ – "ହଜୁରଙ୍କ ଆଖି ଖୋଲିଯିବ। ବଡ଼ ବିଲକ୍ଷଣ ବସ୍ତୁ ଅଟେ ସରକାର।"

ବୁଲ୍ – "ଆମେ ବି ପିଇବା।"

ରାୟ ସାହେବଙ୍କୁ ଜଣାଗଲା ଯେମିତି ସ୍ୱର୍ଗର ଦ୍ୱାର ଖୋଲିଗଲା। ଆଉ ସେ ପୁଷ୍ପକ ବିମାନରେ ବସି ଉପରକୁ ଉଡ଼ିଉଡ଼ି ଚାଲିଛନ୍ତି। ଗ୍ଲାସ୍ ତ ସାହେବଙ୍କୁ ଦେବା ଉଚିତ ନ ଥିଲା, କିନ୍ତୁ କୁଲ୍ହଡ୍‌ରେ ଦେବାକୁ ସଙ୍କୋଚ ହେଉଥିଲା। ଶେଷରେ ଅନେକ ଉପର ତଳ ଭାବି ଗ୍ଲାସ୍‌ରେ ଭାଙ୍ଗ ଢାଳିଲେ ଆଉ ସାହେବଙ୍କୁ ଦେଲେ। ସାହେବ ପିଇଗଲେ। ତା' ସୁଗନ୍ଧରେ ଚିତ୍ତ ପ୍ରସନ୍ନ ହେଇଗଲା।

ତା' ପରଦିନ ରାୟ ସାହେବ ଏହି ସାକ୍ଷାତର ଉତ୍ତର ଦେବାକୁ ଗଲେ। ପ୍ରାତଃକାଳ ଜ୍ୟୋତିଷଙ୍କୁ ମୁହୂର୍ତ୍ତ ପଚାରିଲେ। ଠିକ୍ ସମୟରେ ଚାଲିଲେ। ସାହେବ ସେତେବେଳେ ଭୋଜନ କରୁଥିଲେ। ଖବର ପାଉପାଉ ସଲାମ୍ ଦେଲେ। ରାୟ ସାହେବ ଭିତରକୁ ଗଲେ ତ ମଦର ଦୁର୍ଗନ୍ଧରେ ନାକ ଫାଟିବାକୁ ଲାଗିଲା। ବିଚରା ଇଂରାଜୀ ଔଷଧ ପିଉ ନ ଥିଲେ। ନିଜ ଜୀବନରେ ମଦ କେବେ ଛୁଇଁ ନଥିଲେ। ଇଚ୍ଛା ହେଲା ଯେ ସେ ନାକ ବନ୍ଦ କରିଦିଅନ୍ତେ, କିନ୍ତୁ ଭୟ କଲେ ଯେ ସାହେବ ଖରାପ ନ ଭାବନ୍ତୁ! ଶ୍ୱାସ ରୋକି ବସିଥିଲେ। ସାହେବ ଗୋଟିଏ ଚୁସ୍କି ନେଲେ ଆଉ ଗ୍ଲାସ୍‌କୁ ମେଜ ଉପରେ ରଖି କହିଲେ – "ରାୟ ସାହେବ ମୁଁ କାଲି ଆପଣଙ୍କ ଭାଙ୍ଗ ପିଇଗଲି, ଆଜି ଆପଣଙ୍କୁ ଆମର ଭାଙ୍ଗ ପିଇବାକୁ ପଡ଼ିବ। ଆପଣଙ୍କ ଭାଙ୍ଗ ବହୁତ ଭଲ ଥିଲା। ମୁଁ ବହୁତ ଖାଦ୍ୟ ଖାଇଗଲି।"

ରାୟ – "ହଜୁର୍ ! ଆମେମାନେ ମଦକୁ ହାତରେ ବି ଛୁଉଁନା, ଆମ ଶାସ୍ତ୍ର ଏହାକୁ ଛୁଇଁବା ବି ପାପ ବୋଲି କହିଛି।"

ବୁଲ୍ ହସିକି କହିଲେ – "ନାଇଁ, ନାଇଁ ଆପଣଙ୍କୁ ପିଇବାକୁ ପଡ଼ିବ ରାୟ ସାହେବ! ପାପପୁଣ୍ୟ କିଛି ନୁହେଁ। ଏହା ଆମର ଭାଙ୍ଗ ଅଟେ। କିଛି ଫରକ୍ ନାହିଁ, ସେଥିରେ ବି ନିଶା ହୁଏ, ଏଥିରେ ବି ନିଶା ହୁଏ, ପୁଣି ଫରକ୍ କେମିତି ?"

ରାୟ – "ନା' ଧର୍ମାବତାର, ମଦକୁ ଆମର ଏଠି ବର୍ଜିତ କରାଯାଇଛି।"

ବୁଲ୍ – "ଏମିତି କେବେ ହେଇ ପାରେନା। ଶାସ୍ତ୍ର ମନା କରିବ ତ ଏହାକୁ ବି ମନା କରିବ, ସେଇଟାକୁ ବି ମନା କରିବ। ଆପଣ ଏହାକୁ ପିଅନ୍ତୁ। ଡରନ୍ତୁ ନାହିଁ, ବହୁତ ବଢ଼ିଆ ଅଟେ।" ଏହା କହି ସାହେବ ଗୋଟାଏ ଗ୍ଲାସ୍‌ରେ ମଦ ଢାଳି ରାୟ ସାହେବଙ୍କ ମୁହଁରେ ଲଗାଇଦେଲେ। ରାୟ ସାହେବ ମୁହଁ ଫେରାଇ ନେଲେ ଆଉ ଆଖି ବନ୍ଦ କରି ଦି' ହାତରେ ସାହେବଙ୍କ ହାତକୁ ହଟାଇବାକୁ ଲାଗିଲେ। ସାହେବଙ୍କୁ ଏ ରହସ୍ୟ ବୁଝା ପଡୁନଥିଲା। ସେ ଏଇୟା ବୁଝୁଥିଲେ ଯେ ସେ ଡରିଯାଇ ପିଉ ନାହାନ୍ତି। ନିଜ ମଜଭୁତ ହାତରେ ରାୟ ସାହେବଙ୍କ ବେକ ଧରିଲେ ଆଉ ଗ୍ଲାସ୍‌କୁ ମୁହଁ ଆଡ଼କୁ ବଢ଼ାଇଲେ। ରାୟ ସାହେବଙ୍କୁ କ୍ରୋଧ ଆସିଲା। ସେ ସମ୍ମାନ ସହିତ ସବୁ କିଛି କରି ପାରିବେ, କିନ୍ତୁ ଧର୍ମ ଛାଡ଼ିପାରିବେ ନାହିଁ। ଟିକିଏ କଠୋର ସ୍ୱରରେ କହିଲେ – "ହଜୁର୍, ଆମେ ବୈଷ୍ଣବ ଅଟୁ। ଆମେ ଏହାକୁ ଛୁଇଁବା ବି ପାପ ଭାବୁ।"

ରାୟ ସାହେବ ଏହା ପରେ ଆଗକୁ ଆଉ କିଛି କହି ପାରିଲେନି। କିଛି କ୍ଷଣ ପରେ ପୁଣି କହିଲେ – "ହଜୁର୍ ଭାଙ୍ଗ ପବିତ୍ର ବସ୍ତୁ ଅଟେ। ଋଷି, ମୁନି, ସାଧୁ, ମହାତ୍ମା, ଦେବୀ, ଦେବତା ସମସ୍ତେ ଏହାକୁ ସେବନ କରନ୍ତି। ସରକାର ଆମର ଏଠି ଏହାର ବଡ଼ ମହିମା ଲେଖା ଅଛି। କିଏ ଏମିତି ପଣ୍ଡିତ ଅଛି, ଯିଏ ବୁଟି ଛାଣି ନ ଥିବ। କିନ୍ତୁ ସରକାର ମଦର ନାମ ନେବା ବି ଆମେ ପାପ ମଣୁ।"

ବୁଲ୍ ଗ୍ଲାସ୍ ହଟାଇ ନେଲେ। ଆଉ ଚୌକି ଉପରେ ବସି କହିଲେ - "ତୁମେ ପାଗଳ ଭଳି କଥାବାର୍ତ୍ତା କରୁଛ। ଭାଙ୍ଗ ଓ ମଦ ଦିଟାକୁ ଧର୍ମଗ୍ରନ୍ଥ ଖରାପ କୁହେ। ତୁମେ ତାକୁ ଠିକ୍ ଭାବେ ବୁଝିନ। ନିଶାକୁ ତ ଏଥିପାଇଁ ସାରା ଦୁନିଆ ଖରାପ କୁହେ, କାରଣ ଏହାଦ୍ୱାରା ମଣିଷର ବିବେକ ମରିଯାଏ। ତେବେ ଭାଙ୍ଗ ପିଇବା ଦ୍ୱାରା ପଣ୍ଡିତ ଆଉ ଦେବତା ଲୋକଙ୍କ ବିବେକ କେମିତି ମରେନି! ଏହା ଆମେ ବୁଝି ପାରୁନି, ତୁମର ପଣ୍ଡିତ ଲୋକେ ଭାଙ୍ଗ ପିଇ ରାକ୍ଷସ କାହିଁକି ହୁଅନ୍ତି ନାହିଁ ! ମୁଁ ବୁଝୁଛି ଯେ, ତୁମର ପଣ୍ଡିତ ଲୋକ ଭାଙ୍ଗ ପିଇ ଶେଷ ହେଇଗଲେଣି। ତେବେ ତ ସେମାନେ କୁହନ୍ତି ଏଇଟା ଅଚ୍ଛୁତ, ସେ ଅପବିତ୍ର, ରୁଟି ଖାଇବୁନି, ମିଠାଇ ଖାଇବୁ। ଆମେ ଛୁଇଁ ଦେବୁ ତ ତୁମେ ପାଣି ପିଇବନି। ଏହି ସବୁ ବେକାର ଲୋକଙ୍କ କଥା। ଆଚ୍ଛା ସଲାମ୍ !"

ରାୟ ସାହେବଙ୍କ ଦେହରେ ଜୀବନ ଆସିଲା। ପଡ଼ିଉଠି ବାରଣ୍ଡାକୁ ଆସିଲେ, ଆଉ ଗାଡ଼ିରେ ବସି ଘର ଆଡ଼କୁ ଚାଲିଲେ। ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

## କବିତା ଆଉ ମୋ ଭିତରେ

ଉଦାସପଣ କେତେ ଯେ ସୁନ୍ଦର
ବରଷକ ଯାକ କବିତା ବୁଝାଇଲା
ନିଶୂନ ସଡ଼କରେ ନେଇ ବୁଲାଇଲା
ସନ୍ତପ୍ତ ଦୁନିଆ, ଉଦାସୀ ଚେହେରାର
କାହାଣୀ ଶୁଣାଇ

ଗଛତଳେ ବସାଇ
ବିଛେଇ ପଡ଼ିଥିବା ପତ୍ରମାନଙ୍କୁ
ପାପୁଲିରେ ଧରି
ପତ୍ରଝଡ଼ାର ନିଷ୍କର୍ଷ ବିଷୟରେ କୁହେ
ହସୁଥିବା ଲୋକମାନଙ୍କୁ ପଚାରିବାକୁ କହେ
ଅସମୟରେ କାହିଁକି ଯେ ହସୁଛନ୍ତି
ତାଙ୍କ ପାଖରେ ହସିବାର ସମୟ ଅଛି କି?
ଯେତେବେଳେ କି ପିଠି ପଛରେ ଆସୁଥାଏ
କ୍ରନ୍ଦନ-ଚିତ୍କାର-ହାହାକାର
ଆଲିଙ୍ଗନବଦ୍ଧ ଫୁସୁରୁଫାସର ପ୍ରେମ କରୁଥିବା
ଯୋଡ଼ିଙ୍କୁ ପଚାର
ତାଙ୍କୁ ଟିକିଏ ବି ଚିନ୍ତା ଅଛି
କାଲିର ପାଗ
ପ୍ରାଣଘାତକ ହୋଇପାରେ
ପଚାର ପଚାର ତାଙ୍କୁ ଯେଉଁମାନେ ଖୁସିରେ ଡେଇଁ
ତାଳି ମାରୁଛନ୍ତି, ସେମାନେ ଜାଣନ୍ତିନି କି?
ଚଳପ୍ରଚଳ ନିଃଶ୍ୱାସର କ'ଣ ବା ଭରସା
କେତେବେଳେ ବି ଅଟକି ଯାଇପାରେ ଆଉ ବାଲି ଘର ପରି
ଦେଖୁ ଦେଖୁ ଭୁଷୁଡ଼ି ପଡ଼ିବ ସମ୍ପୂର୍ଣ୍ଣ କୋଠାଘର
ପାରୁଛ ଯଦି ସମୟ ବଞ୍ଚାଅ
ପାରୁଛ ଯଦି ପ୍ରତି ପାହୁଣ୍ଡକୁ ପରୀକ୍ଷା କର
ଏସବୁ କି ରାସରଙ୍ଗ ଯେଉଁଠି ମିନିଟ୍‌ରେ ଯିବା ଆସିବା ନିର୍ଦ୍ଧାରିତ
ଦିନେ ମୁଁ ପଚାରି ବସିଲି
କ'ଣ ପାଇଁ ବସନ୍ତକୁ ମୁଁ ଜୀବନର
ନିଷ୍କର୍ଷ ବୋଲି ମାନିନେବି
ଯେତିକି ସତ୍ୟ ପତ୍ରଝଡ଼ା, ସେତିକି ବସନ୍ତ ବି
ଜୁଇ ନିଆଁ ଶୀତଳ ନ ହେଲେ ବି ଜନ୍ମ ବା କେଉଁଠି ଅଟକିଛି?
ବିୟୋଗ ଯଦି ସଦାସର୍ବଦା ତ ପ୍ରେମ କେଉଁଠି ନ ଫୁଟେ?
ଲକ୍ଷେ ସ୍ୱପ୍ନର ଅକାଳ ମୃତ୍ୟୁ ହେଲେ ବି
ଏଠାରେ ପ୍ରତ୍ୟେକ ପତ୍ର ସ୍ୱପ୍ନରେ କେଉଁ କ୍ଷଣେ ଯେ ବଞ୍ଚିନାହାନ୍ତି

ବଞ୍ଚିବି ଯେତେଦିନ
ରହିବି ବସନ୍ତ ସହିତ
ବନ୍ଧୁଗଣ, ଏ ତର୍କ ବିତର୍କ ଏଯାବତ୍ ଚାଲିଛି
କବିତା ଓ ମୋ ଭିତରେ। ■



ମୂଳ ହିନ୍ଦୀ: ରାଜକିଶୋର ରାଜନ
ଅନୁବାଦ: ଅଞ୍ଜୁମନ ଆରା



## ଦୁଃଖ

ତୁମ ଯିବାର ଦୁଃଖ ନାହିଁ
ମୋତେ ଛାଡ଼ି
ତୁମର ଯିବା ସୁନିଶ୍ଚିତ ଥିଲା
ତୁମକୁ କୋଉ କହିପାରିଲି
ତୁମେ ଅଛ ବୋଲି ଏ ଦୁନିଆ
ବଞ୍ଚିବା ପାଇଁ ଉପଯୁକ୍ତ

ଦିନେ ନା ଦିନେ ଏ ଦୁନିଆ
ତୁମ ପରି ସୁନ୍ଦର ହେବ
ଯଦିଓ ତାକୁ ଦେଖିବା ପାଇଁ
ମୁଁ ନଥିବି। ■

ହିନ୍ଦୀ ବିଭାଗ, ପ୍ରଫେସର ଏବଂ ଅଧ୍ୟକ୍ଷ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୬୨୯୭୮୬

# ରବର୍ଟ ଫ୍ରଷ୍ଟଙ୍କ କବିତାରେ ଜୀବନର ଅନ୍ୱେଷା



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ଇଂରାଜୀ ସାହିତ୍ୟର ଆଧୁନିକ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ କବି ହେଉଛନ୍ତି ରବର୍ଟ ଲି. ଫ୍ରଷ୍ଟ (୧୮୭୪-୧୯୬୩)। ଆମେରିକାର ଏହି ଜନପ୍ରିୟ କବି ପାରିବାରିକ ଦୁରାବସ୍ଥା ଭିତରେ ମଧ୍ୟ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି। ପ୍ରକୃତିର ବିବିଧ ସୌନ୍ଦର୍ଯ୍ୟ ପ୍ରତି ସମର୍ପିତ ତାଙ୍କ କବିତାରେ ବାସ୍ତବବାଦୀ ସ୍ୱର ମଧ୍ୟ ଦେଖିବାକୁ ମିଳିଥାଏ। ଗ୍ରାମୀଣ ଜୀବନ, ସାଧାରଣ ଲୋକଙ୍କ କଥା ତଥା ଜୀବନ ଜଟିଳତାର ସରଳ ଚିତ୍ରଣ ଯୋଗୁଁ କବିତାଗୁଡ଼ିକ ଲୋକପ୍ରିୟ ହୋଇଥାଏ।

ମନୋରମ ପ୍ରକୃତି ମଧ୍ୟରେ ମାନବିକ ପ୍ରକ୍ରିୟା ଓ ମାନବ-ପ୍ରାଣରେ ପ୍ରକୃତିର ଅପରୂପ ପ୍ରଭାବ ହିଁ ପ୍ରକୃତି କବି ୱିଲିୟମ୍ ୱାର୍ଡସୱର୍ଥଙ୍କ ସାହିତ୍ୟର ଅନ୍ତଃସ୍ୱର। ତେବେ ଅନ୍ୟତମ ପ୍ରକୃତି କବି ରବର୍ଟ ଫ୍ରଷ୍ଟ ତାଙ୍କ ସାହିତ୍ୟରେ ପ୍ରକୃତିର ବାସ୍ତବ ଦିଗକୁ ଆକଳନ କରିପାରିଛନ୍ତି। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ କେବଳ ବିଭୋର ହୋଇ ନାହାନ୍ତି। ଏହାର ଅନ୍ଧାର ଦିଗକୁ ମଧ୍ୟ ଦେଖିବାରେ ସମର୍ଥ ହୋଇଛନ୍ତି। ଏଭଳି ଏକ ବଳିଷ୍ଠ କବିତା ହେଉଛି 'Stopping by Woods on a snowy evening'। ଏକଦା ରାସ୍ତାରେ ଯାଉଥିବା ବେଳେ ଘୋଡ଼ାରୁ ଓହ୍ଲାଇ ବରଫାବୃତ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କବି ଅଟକିଛନ୍ତି। କିନ୍ତୁ ଘୋଡ଼ା ଏହାକୁ ପସନ୍ଦ କରି ନାହିଁ। ତା'ର ବେକର ଘଣ୍ଟିକୁ ହଲାଇ ସତର୍କ କରୁଛି, ଆହୁରି ଆଗକୁ ଯିବା ପାଇଁ। ମଣିଷ ମନର ଇଚ୍ଛା ବିରୁଦ୍ଧରେ ଘୋଡ଼ା ରୂପୀ ବିବେକର ସତର୍କ ଘଣ୍ଟି ବାଜୁଛି। ଅଭିଭୂତ ମଧ୍ୟରେ ସଚେତନତା ନିଜକୁ ନୂତନ ଭାବରେ ଅବିଷ୍କାର କରିବାର ପ୍ରାଜ୍ଞବୋଧ ସୃଷ୍ଟି ହୋଇଛି। ବହୁ ଲୋକଙ୍କ ପସନ୍ଦ ହୋଇଥାଏ ଜୀବନର ଦର୍ଶନ ଆଧାରିତ ଏହି କବିତାର ଶେଷ ଫଙ୍କ୍ତି "The woods are lovely, dark and deep..." ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ କବିଙ୍କ ଏହି ଶେଷ ଫଙ୍କ୍ତି ହେଉଛି-

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ।
ତେଣୁ ତୁ ଆପଣା ସଂକଳ୍ପେ ଅଟଳ
ଅଚଳ ରହରେ ମନ।
ଆଗକୁ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକି।
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି।"

ସେହିପରି କବିଙ୍କ ଜୀବନଧର୍ମୀ ଅନ୍ୟତମ କବିତା 'The road not taken' ମଣିଷ ଜୀବନର ମହାମନ୍ତ୍ର ଅଟେ। ବିଭକ୍ତ ହୋଇ ଦୁଇଟି ରାସ୍ତା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ସ୍ୱଳ୍ପ ବ୍ୟବହୃତ ତଥା କଷ୍ଟକର ରାସ୍ତାକୁ କବି ଆପଣେଇଛନ୍ତି। ଜଟିଳ ରାସ୍ତାରେ ମଧ୍ୟ ଜୀବନର ଦୁଃସାହସିକତା ଅନୁଭବ କରିହୁଏ ଓ ସଫଳତା ମିଳିଥାଏ। ଏମିତି ମଣିଷ ଜୀବନରେ ଅନେକ ଦୋଛକି ଆସିଥାଏ। ନିର୍ଦ୍ଦିଷ୍ଟ ପସନ୍ଦକୁ ବାଛିବା କଷ୍ଟକର ହୋଇଥାଏ। ଜୀବନରେ ଗତିପଥକୁ ନିରୂପଣ କରିବା ପାଇଁ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱ କବିତାର ମୁଖ୍ୟ ଦିଗ ଅଟେ। କବିଙ୍କ ଆହୁରି ଏକ ପ୍ରତୀକଧର୍ମୀ କବିତା ହେଉଛି 'Fire & Ice'। କବି କହୁଛନ୍ତି, ଯଦି ପୃଥିବୀ ଧ୍ୱଂସ ହେବ ତା' ହେଲେ ଉତ୍ତପ୍ତ ଅଗ୍ନିରେ କିମ୍ବା ଜମାଟ ବାନ୍ଧିଥିବା ଶୀତଳ ବରଫରେ। ମଣିଷ ଅଧିକ ପାଇବାର ଇଚ୍ଛା ଅଥବା କାମନା ରୂପକ ଉତ୍ତାପ ହିଁ ସମାଜକୁ ଧ୍ୱଂସ କରିବ। ଠିକ୍ ସେହିପରି ବରଫ ଭଳି ଜମାଟ ବାନ୍ଧିଥିବା ମଣିଷ ମନର ଘୃଣା ସମାଜକୁ ରସାତଳଗାମୀ କରିବ। ତେଣୁ ଇଚ୍ଛା-ଅନିଚ୍ଛା, ପ୍ରେମ-ଘୃଣା ଆଦି ଯେ କୌଣସି ବିଷୟ ହେଉ ଜୀବନରେ ସମତୁଲ ରଖିବା ହିଁ ଜୀବନ ଜୀଇଁବାର ମନ୍ତ୍ର ଅଟେ। ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ଆଶା-ନିରାଶାକୁ ନେଇ ମଣିଷ ଜୀବନ। ତେଣୁ ସବୁବେଳେ ଜଟିଳ ମିଶ୍ରିତ ବାସ୍ତବବାଦ, ନୈରାଶ୍ୟବାଦ ସହ ଅଦ୍ୱିତୀୟ ଆଶାବାଦ ହିଁ କବିଙ୍କ ସାହିତ୍ୟର ଦର୍ଶନ ଅଟେ। "ପାଚେରୀ ଭଲ ଥିଲେ ପଡ଼ୋଶୀ ଭଲ ରୁହନ୍ତି" ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଲେଖକ। ମଣିଷର ଆଚରଣ ଭଲ ଥିଲେ କୌଣସି ପାଚେରୀର ଆବଶ୍ୟକତା ରହିବ ନାହିଁ ବୋଲି ତାଙ୍କ କବିତା 'Mending Wall' ବାର୍ତ୍ତା ଦେଇଥାଏ। ଭାଇ-ଭାଇ, ପାଖ-ପଡ଼ୋଶୀ କି ପରସ୍ପର ମଧ୍ୟରେ ସଂପର୍କର ତିକ୍ତତା, ଅହଂ ପ୍ରତିଦ୍ୱନ୍ଦ୍ୱିତା ଏକ ଧ୍ୱଂସାଭିମୁଖୀ ବିଶ୍ୱକୁ ଆମନ୍ତ୍ରିତ କରୁଥିବା ସମାଜ ପାଇଁ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଲୋକ ଗହଣରେ ଥାଇ ମଧ୍ୟ ସାଂପ୍ରତିକ ସମାଜରେ ନିଃସ୍ୱ, ନିଃସଙ୍ଗ, ନିରାଶା ତଥା ଏକାକୀତ୍ୱ ହେଉଥିବା ସ୍ୱଙ୍ଗ ନିର୍ଯାତନା ମଣିଷ ଜୀବନକୁ ନଷ୍ଟ ଭ୍ରଷ୍ଟ କରୁଛି। ଅନେକ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ କବିଙ୍କ ସନେଟ୍ 'Acquainted with the Night' ଏକ ସଫଳ ବାର୍ତ୍ତା ଅଟେ।


ଚିନ୍ତା-ଚେତନା, ବାସ୍ତବ-କଳ୍ପନା, ସ୍ୱପ୍ନ-ସମ୍ଭାବନା ମଧ୍ୟରେ ଥିବା ବ୍ୟବଧାନକୁ ଦେଖିପାରିଛନ୍ତି କବି ରବର୍ଟ ଫ୍ରଷ୍ଟ। ଗୋଟିଏ ଆକାଶରେ ଚନ୍ଦ୍ର ଓ ସୂର୍ଯ୍ୟ ଥାଆନ୍ତି, ତଫାତ୍ ହେଉଛି ଦିନ ଓ ରାତି। ଠିକ୍ ସେହିପରି ଗୋଟିଏ ଶରୀରରେ କାମନା ବାସନାର ଲାଳସା ଓ ତୁଳସୀର ପବିତ୍ରତା ବି ପୂର୍ଣ୍ଣ ହୋଇଥାଏ, କିନ୍ତୁ ଫରକ୍ ହେଉଛି ମନ ଓ ବିବେକ। ମନ ଓ ବିବେକ ମଧ୍ୟରେ ଅନବରତ ସଂଗ୍ରାମ ଚାଲିଛି। ବିବେକ ହାରିଗଲେ ଅଭ୍ୟାସ କାବୁ କରିବ ଓ ମନ ହାରିଗଲେ ମଣିଷ ଅଭ୍ୟାସକୁ ମାରି ପାରିବ। ଆଜି ଏ ଦୋ ଛକିରେ ସମଗ୍ର ମଣିଷ ସମାଜ। ରାଜନୀତିର ଷଡ଼ଯନ୍ତ୍ରରେ ବିବସନା ହେଉଥିବା ଦ୍ରୌପଦୀ ବି ଦୋଛକିରେ ଥିଲେ, କିନ୍ତୁ ସଂଗ୍ରାମ କରିବାର ବଜ୍ର ଶପଥ ଗ୍ରହଣ କରିଥିଲେ। ଦିନେ ଅର୍ଜୁନ ବି ମହାଭାରତ ଯୁଦ୍ଧର ଦୋ ଛକିରେ ଛିଡ଼ା ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣ କହିଥିଲେ- କର୍ମଣ୍ୟେ ବାଧିକାରସ୍ତେ... । ପଦ୍ମପତ୍ରର ଲିପ୍ତତା ଓ ନିର୍ଲିପ୍ତତା ଭଳି ବିକାର ଭିତରେ ନିର୍ବିକାର ଓ ନିର୍ଲିପ୍ତ ଖୋଜିବାକୁ ହେବ। ସରଳ ରେଖାରେ ନୁହେଁ, ଇସିଜି ପରୀକ୍ଷା କରୁଥିବା ଡାକ୍ତରଙ୍କ ଅଙ୍କାବଙ୍କା ଗାରରେ ହିଁ ଜୀବନ ଥାଏ। ତେଣୁ ବାସ୍ତବବାଦୀ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଜୀବନ ଦର୍ଶନ ହିଁ ସମୟର ଆହ୍ୱାନ ଅଟେ। ■

ବରଗଡ଼
ମୋ: ୯୩୮୨୭୭୬୩୫

## ପୁସ୍ତକ ପରିଚୟ

### ଅମୃତପୁରୁଷ ଶ୍ରୀଜଗନ୍ନାଥ

ସଂକଳନ ଓ ସଂପାଦନା
ପୀତବାସ ରାଉତରାୟ



ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର-୧୯
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ: ୨୦୨୫
ମୂଲ୍ୟ: ୪୦୦ ଟଙ୍କା

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀମନ୍ଦିରରେ ବିରାଜିତ ଦେବଦେବୀଙ୍କ ପୂଜାପାର୍ବଣ, ବସନ, ଭୂଷଣ, ଭୋଗ, ସେବା କାର୍ଯ୍ୟରେ ସମର୍ପିତ ଅନେକ ସେବକ। ଶ୍ରୀଜୀଉଙ୍କ ସେବାରେ ସମର୍ପିତ ସେଭଳି କିଛି ସେବକଙ୍କ ଅନୁଭୂତି ଓ ଅନୁଭବକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ। ଶ୍ରୀମନ୍ଦିରର ସେବାୟତଙ୍କ ନିଆରା ଅନୁଭୂତି, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ କେତୋଟି ହୃଦୟସ୍ପର୍ଶୀ ଗପ, କବିତା, ପ୍ରବନ୍ଧ, ସ୍ମୃତିକଥା, ସାକ୍ଷାତକାର ସଂକଳିତ ହୋଇଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ବଡୁସୁଆର ସେବକ ବିଶ୍ୱନାଥ ସାମନ୍ତରା, ଚୁନରା ସେବକ ଶରତ କୁମାର ମହାନ୍ତି, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ଗରାବଡୁ ସେବକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀଜଗନ୍ନାଥଙ୍କ କରଣ ସେବକ ରବିନାରାୟଣ ଦାସ, ଦଇତାପତି ସୁଦର୍ଶନ ଦାସମହାପାତ୍ର ପ୍ରମୁଖ ସେବକଙ୍କ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି ଏହି ପୁସ୍ତକରେ। ସେହିପରି ବଳଦେବ ମହାରଥାଙ୍କ 'ଅମୃତପୁରୁଷ ଏକ ଅତିବାସ୍ତବ ପରିକଳ୍ପନା', ରଜତ କୁମାର କରଙ୍କ 'ଜଗନ୍ନାଥଙ୍କୁ ଜର', ଅଚ୍ୟୁତାନନ୍ଦ ପତିଙ୍କ 'ସବୁ କରାଉଥିବାର ଠାକୁର' ପ୍ରଭୃତି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କୁ ଭକ୍ତିଭାବରେ ତଲ୍ଲୀନ କରିବ ନିଶ୍ଚୟ। ■

### ପାପ ଓ ଅନ୍ୟାନ୍ୟ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର କିଛି କଥା ଓ ବ୍ୟଥାରେ ଯେତେବେଳେ କଳ୍ପନାର ରଙ୍ଗ ବୋଳି ଦିଆଯାଏ, ସେଇଠି ସୃଷ୍ଟି ହୁଏ ଏକ ମନଛୁଆଁ ଗପ। ଜୀବନର ଏଭଳି କିଛି ନିଆରା ଅନୁଭୂତି ଓ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୭ଟି ଗପ ସଂକଳିତ ହୋଇଛି। 'ପାପ', 'ଜନ୍ମାନ୍ତର', 'ବୁଝାମଣାର ଜୀବନ', 'ପ୍ରଶ୍ନବାଚୀ', 'ଅବିଶ୍ୱାସ', 'ସାୟାହ୍ନର ବର୍ଣ୍ଣବିଭା', 'ଲେଉଟାଣି', 'ନିଖୋଜ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜୀବନର କିଛି ଅଭୁଲା ମୁହୂର୍ତ୍ତ, ଘଟଣା, ବାସ୍ତବ ଚରିତ୍ରକୁ ଆଧାର କରି ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ। ମଣିଷର ସବୁ କିଛି ଥିଲେ ମଧ୍ୟ କେବେ କେବେ ଜୀବନ ନିଃସଙ୍ଗ ମନେ ହୁଏ – ଏଭଳି ଏକ ବାସ୍ତବ କଥା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି 'ନିଃସଙ୍ଗ ଜୀବନ' ଗପରେ। ରୁପା ଓ ମୁକୁନ୍ଦ ମାଷ୍ଟ୍ରେ ଚରିତ୍ର ଭିତରେ ଏହି ନିଃସଙ୍ଗ ଜୀବନକୁ ପାଠକମାନେ ଅନୁଭବ କରିପାରିବେ। ସେହିପରି ମଣିଷ – ମଣିଷ ମଧ୍ୟରେ ଆକର୍ଷଣରେ ନଥାଏ ବୟସ ବା ପଦପଦବିର ତାରତମ୍ୟ ନଥାଏ। ଏହା ପ୍ରମାଣିତ ହୋଇଛି 'ଆକର୍ଷଣ' ଗପର 'ଅଙ୍କିତା ମାଡାମ୍' ଓ 'ଅମର'ଙ୍କ ସମ୍ବନ୍ଧରୁ। ମାନବୀୟ ସଂପର୍କ, ମଣିଷର ସୁଖ-ଦୁଃଖ, ଆବେଗ-ଅନୁରାଗ, ଭୋଗ-ଅନିଭୋଗ, ସାମାଜିକ ବାସ୍ତବତାକୁ ଅତି ଚମତ୍କାର ଭାବେ ଗାଳ୍ପିକ ଏହି ପୁସ୍ତକର ଗପଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଚେତନାର ଚିତ୍ରଲିପି

ଲକ୍ଷ୍ମୀପ୍ରିୟା ପୃଷ୍ଟି



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଗରମ ଜାଉରୁ ଶିବେଇ ସାନ୍ତରା/ ଶିଖିଲେ ମନ୍ଦିର ଗଢ଼ି,/ ଯେଉଁ ମନ୍ଦିରରେ ରହିଥିଲା ଶିଳ୍ପୀ/ ଜୀବନ ଯନ୍ତ୍ରଣା ଜଡ଼ି।" (କଳ୍ପନାର କୋଣାର୍କ) ବିଶ୍ୱ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଅଭିଭୂତ କରେ, ସେହିପରି ଏହି ମନ୍ଦିର ନିର୍ମାଣ ପଛର ଇତିହାସ ଆଶ୍ଚର୍ଯ୍ୟଚକିତ କରେ। କୋଣାର୍କ ମନ୍ଦିରର ଇତିହାସ, ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପୀମାନଙ୍କ ଜୀବନଯନ୍ତ୍ରଣା ଅତି ହୃଦୟସ୍ପର୍ଶୀ ଭାବେ ପ୍ରକାଶ ପାଇଛି ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ 'ଚେତନାର ଚିତ୍ରଲିପି' ପୁସ୍ତକର କବିତାଗୁଡିକରେ। ଏହି ପୁସ୍ତକର କବିତାଗୁଡ଼ିକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'କଳ୍ପନାର କୋଣାର୍କ'ରେ ଏକାବନଟି ଓ ଦ୍ୱିତୀୟ ଭାଗ 'ଏକପଦୀ'ରେ ୨୬୪ଟି ମନଛୁଆଁ ଏକପଦୀ କବିତା ସଂକଳିତ ହୋଇଛି। 'କଳ୍ପନାର କୋଣାର୍କ'ରେ କୋଣାର୍କର ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଭଗ୍ନସ୍ତୁପ ପାଲଟିବା ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଭାଗର ଏକପଦୀଗୁଡ଼ିକରେ ଋତୁ ବର୍ଣ୍ଣନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଈଶ୍ୱର ଭକ୍ତି, ମାନବୀୟ ପ୍ରେମ, ଜୀବନବୋଧ, ମୃତ୍ୟୁଚେତନା, ନିଃସଙ୍ଗବୋଧ ଆଦି ପ୍ରତିଫଳିତ ହୋଇଛି। କମ୍ ଶବ୍ଦ, ସରଳ ଭାଷା ଓ ନିରାଡ଼ମ୍ବର ଶୈଳୀରେ ନିଜର ଭାବକୁ କବି ପ୍ରକାଶ କରିଛନ୍ତି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଏ। ■

## ବଜେଟ ବିଗାଡୁଛି ଜଳବାୟୁ ପରିବର୍ତ୍ତନ

# ୨୦୨୪ରେ ୮୦% ବଢ଼ିଛି ଆଳୁ-ପିଆଜ ଦର

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇବାରେ ଲାଗିଛି। ଏହା ଭାରତ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିପାଇଁ ଗତ ବର୍ଷ (୨୦୨୪)ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷ କରି ଆଳୁ ଏବଂ ପିଆଜ ମୂଲ୍ୟ ଆକାଶ ଛୁଆଁ ହୋଇଛି। ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ ଏହି ମୂଲ୍ୟ ୮୦ ପ୍ରତିଶତରୁ ଅଧିକ ବଢ଼ିଛି। ଏହା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଉତ୍କଟ କରିଦେଇଛି। ପାରିବାରିକ ବଜେଟକୁ ବିଗାଡ଼ି ଦେଇଛି। ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟରର ମ୍ୟାକ୍ସିମିଲିୟନ କୋଟ୍ଜ ଏହାର ନେତୃତ୍ୱ ନେଇଥିଲେ। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ, ପୋଟ୍ସଡାମ ଇନ୍ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ବ୍ରିଟେନର ଫୁଡ୍ ଫାଉଣ୍ଡେସନର ବିଶେଷଜ୍ଞ ଏହି ଅଧ୍ୟୟନରେ ସାମିଲ ଥିଲେ। ୨୦୨୨ରୁ ୨୦୨୪ ମଧ୍ୟରେ ୧୮ ଦେଶର ୧୬ଟି ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେସବୁ ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି।

ବିଶେଷଜ୍ଞଙ୍କ ଅନୁଯାୟୀ ମେ' ମାସରେ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହା ଫସଲ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା। ଏହା ଦ୍ୱାରା ପନିପରିବା ମୂଲ୍ୟ

### ବଢ଼ିବ ଆର୍ଥିକ ଅସମାନତା

### ବିଗିଡ଼ିପାରେ ସ୍ୱାସ୍ଥ୍ୟାବସ୍ଥା; ବଢ଼ିପାରେ ଜଟିଳ ରୋଗ

ଆକାଶ ଛୁଇଁ ଥିଲା। ପିଆଜ ଏବଂ ଆଳୁ ଦର ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଏଭଳି ହ୍ରାସ ବୃଦ୍ଧି ଜାରି ରହିଲେ କୁପୋଷଣ ବଢ଼ିବ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ପାରେ। ଏହା ଦ୍ୱାରା ଆର୍ଥିକ ଅସମାନତା ବୃଦ୍ଧି ପାଇପାରେ। କୋଟ୍ଜ କହିଛନ୍ତି ଯେ ଖାଦ୍ୟପଦାର୍ଥ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡୁଛି। ବିଶେଷ କରି ଗରିବ ଏବଂ କମ୍ ଆୟକାରୀ ପରିବାର ପ୍ରଭାବିତ ହେଉଛନ୍ତି। ଦରଦାମ ବଢ଼ିଲେ ଏଭଳି ପରିବାର ପୁଷ୍ଟିକର ଖାଦ୍ୟ ଖାଇପାରୁ ନାହାନ୍ତି। ଶସ୍ତା ସାମଗ୍ରୀକୁ ଭରସା କରିଥାନ୍ତି। ଏଭଳି ଖାଦ୍ୟ ପଦାର୍ଥ ଦ୍ୱାରା କର୍କଟ, ମଧୁମେହ, ହୃତ୍‌ପିଣ୍ଡ ଆଦି ରୋଗ ହୋଇପାରେ।

ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିଲେ ମୁଖ୍ୟ ମୁଦ୍ରାସ୍ଫୀତିକୁ ବି ବଢ଼ିବ। ଏହା ଦ୍ୱାରା ମୂଲ୍ୟରେ ସ୍ଥିରତା ରଖିବା କେନ୍ଦ୍ରୀୟ ବ୍ୟାଙ୍କ କଷ୍ଟସାଧ୍ୟ ହୋଇଯିବ। ଉଚ୍ଚ ଦରଦାମ ଯୋଗୁଁ ନିର୍ବାଚନ ଫଳାଫଳ ମଧ୍ୟ ପ୍ରଭାବିତ ହେବ। ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଉଥିବା ଦଳ ବେଶ ଉପକୃତ ହୋଇପାରନ୍ତି। ସବୁଜ କୋଠରୀ ଗ୍ୟାସ ହ୍ରାସ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଗବେଷକମାନେ ଚେତାବନୀ ଦେଇଛନ୍ତି। ଶୂନ୍ୟ ନିର୍ଗମନ ପର୍ଯ୍ୟନ୍ତ ନ ପହଞ୍ଚିଲେ ଜଳବାୟୁ ଅଧିକ ବିଗିଡିଯିବ। ଏହା ଦିନକୁ ଦିନ ଅଧିକ ଖରାପ ପ୍ରଭାବ ପକାଇବ। ଏହା ପୂର୍ବରୁ ଫସଲ କ୍ଷତି କରୁଛି। ଏଥିଯୋଗୁଁ ସାରା ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଚାଲିଛି।

## କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍ ନେଲା ମହିଳାଙ୍କ ଜୀବନ

### ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ପରିବାର



କଣ୍ଟାବାଞ୍ଜି/ତୁରେକେଲା,୨୬।୭ (ସମିସ): କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍‌ରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲପାଟିଗାଁର ଡିଙ୍ଗରପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟା। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, କିଛି ଦିନ ଧରି ଭଗବାନୀ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଗାଁରେ ବୁଲୁଥିବା କ୍ୱାକ୍ ଲର୍କିଗାଁର ରଂଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ ଏକ ଇଞ୍ଜେକସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଭଗବାନୀ ଅଚେତ ହୋଇଯାଇଥିଲେ। ତାଙ୍କ ଚେତା ନ ଫେରିବାରୁ ପରିବାରଲୋକ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାରବର୍ଗ ସମ୍ପୃକ୍ତ କ୍ୱାକ ରଂଜିତ ମେହେରଙ୍କ ବିରୋଧରେ ତୁରେକେଲା ଥାନାରେ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ରଂଜିତ ଦେଇଥିବା ଉକ୍ତ ଇଞ୍ଜେକସନ୍‌କୁ ପୁଲିସ୍‌କୁ ଦେଇଛନ୍ତି।

## ବାସୁଦେବପୁର ପୌରାଧ୍ୟକ୍ଷାଙ୍କ ଘରୁ ନେଇଗଲେ ୧୫ଲକ୍ଷର ଗହଣା, ନଗଦ ୧୦ ଲକ୍ଷ

ବାଲେଶ୍ୱର,୨୬।୭ (ସମିସ): ବାଲେଶ୍ୱର ସହରରେ ଚୋରି ଡକାୟତି ବଢ଼ି ଚାଲିଛି। ସଦର ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିବା ଭଦ୍ରକ ବାସୁଦେବପୁର ଏନ୍ଏସି ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ୧୫ ଲକ୍ଷର ସୁନାଗହଣା ସହ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ନିବେଦିତାଙ୍କ ସ୍ୱାମୀ ଶୁଭେନ୍ଦୁ ଭୂଷଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଆଲୋକ ରାୟ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

■ ସଫେଇ କର୍ମଚାରୀଙ୍କ ପାଇଁ ଜାତୀୟ କର୍ମଶାଳା

## ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୭ (ସମିସ): ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ସଫେଇ କର୍ମଚାରୀଙ୍କୁ ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଏହାସହ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇ ଦିଆଯିବ। କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ। ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ। ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି କାର୍ଯ୍ୟକ୍ରମ କରାଯିବ। ଏହା ସହିତ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

ଭୁବନେଶ୍ୱର,୨୬।୭ (ସମିସ): ଶନିବାର ସ୍ଥାନୀୟ ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ



ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସାରସ୍ୱତ ସାଧିକା ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି। ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, "ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ଼ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ – ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢିଙ୍କୁ ଅନୁପ୍ରେରଣା ଦେବ। ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ ଚଳନ୍ତା...

ସେ ପୁଲିସକୁ କହିଥିଲେ। ଏହାପରେ ଦୁଷ୍କର୍ମର ଶିକାର ହୋଇଥିଲି ବୋଲି ଓ ହୋସ ଆସିବା ପରେ ଏହା ଜାଣିବାକୁ ପାଇଥିଲି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଏଲ୍‌ଜେପି ନେତା ତଥା କେନ୍ଦ୍ରୀୟ ମନ୍ତ୍ରୀ ଚିରାଗ ପାସ୍‌ୱାନ ମଧ୍ୟ ଏଥିଠପାଇଁ ରାଜ୍ୟ ସରକାରକୁ ନିନ୍ଦା କରିଛନ୍ତି। ରାଜ୍ୟ ସରକାରକୁ ସମର୍ଥନ କରୁଥିବାରୁ ସେ ଅବସୋସ ଜାହିର କରିଛନ୍ତି।

### ପୁଣି ଝୁଲିଲା...

ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ପ୍ରଥମେ ରାଜ୍ୟ କମିଟି, ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନେଇ ଆଲୋଚନା ହୋଇଛି। ଏହାସହ ବୋର୍ଡ ଏବଂ ନିଗମ ପଦ ନେଇ ମଧ୍ୟ ଖୁବଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିଗମ, ବୋର୍ଡରେ ଦୀର୍ଘଦିନ ଧରି ନିଯୁକ୍ତି ହୋଇନଥିବାରୁ ଏଗୁଡ଼ିକ ପ୍ରାୟ ଅକାମୀ ଅବସ୍ଥାରେ ରହିଛି। ବିଭିନ୍ନ ଅକାଦେମୀ ଏବଂ କମିଶନ ମଧ୍ୟ ସମଦଶା ଭୋଗୁଛନ୍ତି। ଏଗୁଡ଼ିକ ସବୁ ରାଜ୍ୟ ସରକାର ଏବଂ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି। ଏସବୁ ଅଙ୍ଗ ଏତେଦିନ ଧରି ମୂରବୀଶୂନ୍ୟ ହୋଇ ପଡ଼ିବା ରାଜ୍ୟ ପାଇଁ ଭଲ ସଙ୍କେତ ନୁହେଁ। ସରକାର ତୁରନ୍ତ ସମସ୍ତ ପଦବୀ ପୂରଣ କରି ରାଜ୍ୟ ପ୍ରଶାସନକୁ ଗତିଶୀଳ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ମଣ୍ଡଳୀ।

### ଅବପାତ ଆଣିଲା...

ଏଥିଯୋଗୁଁ ଆଜି ସନ୍ଧ୍ୟା ସୁଦ୍ଧା ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩, ୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଗେଟ୍ ଖୋଲିଲେ ଏହା ବୃଦ୍ଧି ପାଇ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ମଧ୍ୟ ୨୯.୬୫ ମିମି ବର୍ଷା ହୋଇଛି। ପୁଣି ଏଭଳି ବର୍ଷା ଲାଗି ରହିବା ସହ ଗେଟ୍ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହେଲେ ସମ୍ବଲପୁର ସହରରୁ ମହାନଦୀକୁ ଯାଉଥିବା ଜଳପ୍ରବାହକୁ ଅବରୋଧ କରାଯାଇ ସମ୍ବଲପୁରରେ ପଛୁଆ ପାଣି (ବ୍ୟାକ୍-ୱାଟର୍) ଯୋଗୁଁ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି।

ହୀରାକୁଦ ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ହୀରାକୁଦ ନଦୀବନ୍ଧରେ ୬୨୫ଫୁଟ୍ ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ଅଛି। ତେଣୁ ବନ୍ୟାର କୌଣସି ଆଶଙ୍କା ନାହିଁ। ଉପରମୁଣ୍ଡରୁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର ବୃଦ୍ଧି ପାଉଛି। ବର୍ଷା କମିଗଲେ, ତାହା ମଧ୍ୟ କମିଯିବ। ଏବେ ସେହି ୨୦ଟି ଗେଟ୍ ଖୋଲା ରହିବ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ କମିଲେ ତାହା ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଫୁଲିବାରେ ଲାଗିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୧.୫୮ ଫୁଟ୍‌ରେ ପହଞ୍ଚିଛି। ଗତକାଲିଠାରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ କ୍ରମାଗତ ଭାବେ ବଢୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ନଦୀବନ୍ଧରେ ବାମପଟର ୧୩ଟି ଓ ଡାହାଣ ପଟର ୭ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୩,୩୭୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୮,୮୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୯,୫୬୦ ଘନଫୁଟ, ପାୱାର ଚେନାଲ ଦେଇ ୩୪,୯୮୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୯,୦୨୦କ୍ୟୁସେକ୍, ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩, ୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୯.୪୭ମିମି ଏବଂ ତଳମୁଣ୍ଡରେ ୨୯.୬୫ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### କୁଶଭଦ୍ରାକୁ ଖସିପଡ଼ିଲା...

ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା। କାର୍‌ଟି ସମ୍ପୂର୍ଣ୍ଣ ଓଲଟିଯାଇ ପାଣିରେ ଭାସୁଥିବା ଅବସ୍ଥାରେ ନିକଟରେ ଉପସ୍ଥିତ ଟ୍ରେନିଂ ସେଣ୍ଟରରୁ ଶତାଧିକ ଆଗ୍ନିକ ତତ୍କାଳ ପାଣିକୁ ଡେଇଁ କାର୍‌ର କାଚ ଭାଙ୍ଗି ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ବିଶେଷ କ୍ଷତି ହୋଇନଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିବା ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରକାଶ କରିଛନ୍ତି।

### ଦେବଝରଣରେ ବୁଡ଼ି...

ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଛନ୍ତି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ତଥା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।

ପ୍ରତିବର୍ଷ ବୁର୍ଲାର ଭିମସାର, ଭିସୁଟ୍ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଜଣେ ଦୁଇଜଣ ଲେଖାଏ ଛାତ୍ରଛାତ୍ରୀ ମୃତ୍ୟୁବରଣ କରୁଛନ୍ତି। ଏପରିକି ପାଣି ପାଖକୁ ନଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି। ତେବେ, ଏହାପରେ ବି ଭିମସାର ହଷ୍ଟେଲର ଛାତ୍ରଛାତ୍ରୀ ମାନେ ବାହାରକୁ ଯିବା ଏବଂ ମୃତ୍ୟୁବରଣ କରିଥିବାବେଳେ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

### ମଉଳିଲା ମେଟ୍ରୋ...

ଭଲପାଇବାରେ ଲାଗିଲେ। ତ୍ରିଶୂଳିଆ ପର୍ଯ୍ୟନ୍ତ ନୁହେଁ କଟକର ଏସ୍‌ସିବି ପର୍ଯ୍ୟନ୍ତ ମେଟ୍ରୋ ଗଡାଇବେ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଲେ।

ଏଭଳି ବୟାନବାଜି ଚାଲିଥିଲା ବେଳେ ସରକାର ଚୁପ୍‌ଚାପ୍ ଅଚାନକ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ କରିଦେଲେ। ସବୁ କିଛି ଧିରେ ଧିରେ ବନ୍ଦ କରିଦିଆଇଗଲା। ପ୍ରକଳ୍ପ ପାଇଁ ଚାଲିଥିବା ମୃତ୍ତିକା ପରୀକ୍ଷା ଅଧାରୁ ବନ୍ଦ ହୋଇଗଲା। ଠିକା ସଂସ୍ଥା ମେସିନ୍ ହଟାଇନେଲା। ଏହାସତ୍ତ୍ୱ ମଧ୍ୟ ମନ୍ତ୍ରୀମାନଙ୍କ ଭାଷଣବାଜି ବନ୍ଦ ହୋଇ ନ ଥିଲା। ଗୋଟିଏ ପଟେ ଷଡ଼ଯନ୍ତ୍ର ଚାଲିଥିଲା ବେଳେ ଅନ୍ୟପଟେ ମନ୍ତ୍ରୀମାନେ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ବିକ୍ରି କରିଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମେଟ୍ରୋ ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଡାକଲେ। ଗୃହ ନଗର ଉନ୍ନୟନ୍ନ ମନ୍ତ୍ରୀ କହିବାକୁ ଲାଗିଲେ ମେଟ୍ରୋ ପ୍ରକଳ୍ପକୁ ଅତ୍ୟାଧୁନିକ କରାଯିବ। ଉପରେ ଟ୍ରେନ୍ ଚାଲିବ ତଳେ ଯାନବାହାନ ଚଳାଚଳ କରିବ। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବିଭାଗ ଛାଡି ମେଟ୍ରୋ କଥା କହିବାକୁ ଲାଗିଲେ। ସେ ଆଉ ପାଦେ ଅଗକୁ ଯାଇ କହିଲେ ଯେ ଭୁବନେଶ୍ୱରରେ ମେଟ୍ରୋ ମାଟିତଳେ ଯିବ। ହେଲେ ମନ୍ତ୍ରୀ ମାନଙ୍କ ଏଭଳି ବୟାନବାଜିରୁ ବୁଦ୍ଧିଜୀବୀମାନେ ଯଦିଓ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି ବୋଲି ଅନୁମାନ କରୁଥିଲେ। କିନ୍ତୁ ମନ୍ତ୍ରୀମାନେ ନିଜ କଥାର ଚାତୁର୍ଯ୍ୟତାରେ ମେଟ୍ରୋକୁ ନେଇ ଗଣମାଧ୍ୟମରେ ହେଡ୍‌ଲାଇନ୍ ବନାଇ ଚାଲିଥିଲେ। ଏପରିକି ମେଟ୍ରୋକୁ ନେଇ ବୈଠକ ପରେ ବୈଠକ ଡକାଯାଉଥିଲା। ଗତ ସପ୍ତାହରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଯଦି ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାର ଥିଲା ତେବେ ଏତେ ନାଟକବାଜି କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ପୂର୍ବ ସରକାରଙ୍କ ସମୟରେ ଏଥିପାଇଁ କାମ ବି ଆରମ୍ଭ ହୋଇଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ବାତିଲ କରିବା ପରେ ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ୧୦ ବର୍ଷ ପଛକୁ...

କରିଛି। ଏହା ସହର ଭିତରେ ଜନଗହଳିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ସହରର ସଂପ୍ରସାରଣ ପାଇଁ ଏକ ବଡ଼ ମାଧ୍ୟମ ହୋଇଥାନ୍ତା। ଉନ୍ନତ ଗତିଶୀଳତା ପାଇଁ ମେଟ୍ରୋ ସିଷ୍ଟମର ଜରୁରୀ ଆବଶ୍ୟକତାକୁ ଉପଲବ୍‌ଠଧ କରି ଆମେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୨୦୨୭ ସୁଦ୍ଧା ଏକ ଦୃଢ଼ ସମୟସୀମା ନିର୍ଦ୍ଧାରଣ କରିଥିଲୁ। ଏବେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)ର ଠିକାଦାରମାନଙ୍କୁ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରିଦେଇଛନ୍ତି। ଡବଲ ଇଞ୍ଜିନ ସରକାର ମେଟ୍ରୋ ରେଳ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାତିଲ କରି ଓଡ଼ିଶାର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଡବଲ ଇଞ୍ଜିନର ଏହି ଆଘାତକାରୀ ନିଷ୍ପତ୍ତି ସହରକୁ ୧୦ ବର୍ଷ ପଛକୁ ଠେଲିଦେବ।


**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, no. 1147/25 dtd.25.07. 2025, I Sri Kumuti Kutruka, S/o- Late Raiphul Kutruka resident of Vill.-Dambakupa, Po.- Jhigidi, Ps.- Bissam Cuttack, Dist.- Rayagada, Odisha state that, actual name of my son is **Bijaya Kutruka** but in his Aadhar card his name has been wrongly mentioned as Biju Kutruka and date of birth wrongly mentioned as 01/01/2013 instead of 09/11/2007. Hence actual name of my son is **Bijaya Kutruka** and **DOB: 09/11/2007** for all purposes.

**AFFIDAVIT**

I, Sanjay Poddar, aged about 52 years, S/o- Shyam Sundar Poddar, resident of At- Old Station Road, Rourkela, Ps- Plant Site, Dist- Sundargarh, Odisha, Pin- 769004 declare by this affidavit No. 1462, dtd. 24.07.2025, that now onwards I shall be known as **SANJAY KUMAR PODDAR** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 26/07/2025, I, Sri Khagapati Petia, S/o Pachu Petia, Vill.- Hadaput, Po.- Nandapur, Ps.- Nandapur, District- Koraput declare that, I have changed my son's name from **Kailash Chandra Petia** to **Kailash Petia**. Henceforth, my son shall be known as **Kailash Petia** for all purposes.
Sd/-
Khagapati Petia

**AFFIDAVIT**

By virtue of an affidavit sworn before Notary Public, Cuttack, no. 9395/23725 dated 22.07.2025, I, HIMANSHU SEKHAR SATAPATHY, S/o-Umesh Chandra Satapathy, resident of At- Lochapada Bank Colony, Third Lane, Gate Bazar, Brahmapur Sadar, Dist.- Ganjam-760001, Odisha, state that, my actual name is **Himanshu Sekhar Satapathy** but in my Passport my name has been wrongly mentioned as Himanshu Sekher Satpathy. Hence **Himanshu Sekher Satapathy** and **Himanshu Sekhar Satapathy** is one and same person. That I will be known as **Himanshu Sekhar Satapathy** from now onwards.

**AFFIDAVIT**

I, Rina Raul, aged about 45 years, W/o- Prabodha Kumar Samal, resident of At- Mundideuli, Po/Ps- Kamakhyanagar, Dist- Dhenkanal, Odisha, Pin- 759018 declare by this affidavit No. 1461, dtd- 25/07/2025, that now onwards I shall be known as **RINARANI SAMAL** for all future purposes.

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Nabarangpur, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra Das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
**Sd/- Surendra Harijan**

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/07/2025. I, **Motimala Padhan** (new name), formerly called as **Ruji Padhan** (old name), W/o Dukhiram Padhan, permanent resident of AT-Solbandh, P.O.- Solbandh, P.S. Patnagarh, Dist- Balangir, (Odisha), PIN- 767025 affirm that I have changed my name from **Ruji Padhan** (old name) To **Motimala Padhan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Motimala Padhan** (new name).
**Motimala Padhan**

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Kaptipada, Udala , dated 21-07-2025 (affidavit date) I, Vizayeeta Raysingha (new name), Address At/P.O.-Sainkula Dist-Mayurbhanj, Pin-757102 (Complete Odisha address) declare that I have changed my name from Biyayita Rayasingh (old name) to Vizayeeta Raysingha (new name) Henceforth, I shall be known as Vizayeeta Raysingha (new name) for all purposes.
**Vizayeeta Raysingha**

**AFFIDAVIT**

I, Upendra Prasad Pandia S/o Late-Lakshman Pandia, Resident of Vill-Kanhupur, PO-Manipur, Via-Tudigadia, Dist-Baleswar, Odisha Pin-756047, declare by this affidavit No 3014 Dated 16.07.2025 that now onwards I shall be known as **UPENDRA PANDIA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Keonjhar dated 11th July 2025, I, Hemanta Kumar Kalandi, Address At/Po-Khendra, Ps-Jhumpura, Dist-Keonjhar, Odisha, India, Pin Code-758031 declare that I have changed the name of my son from Udit Kumar Kalandi to Pratyush Kalandi. Henceforth, he shall be known as **Pratyush Kalandi** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-357ER, ତା.18.07.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ **1x25 kV** ସିଷ୍ଟମ୍ର ... ଟ୍ରାକ୍ସନ ସବ୍-ଷ୍ଟେସନ (**TSS**), ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (**Paralleling**) ପୋଷ୍ଟ(**SP**) ଏବଂ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (**Paralleling**) ପୋଷ୍ଟ(**SSP**)ର ଡିଜାଇନ୍, ଯୋଗାଣ, ନିର୍ମାଣ, ରୂପାୟଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2079.58 ଲକ୍ଷ, EMD (ଟଙ୍କାରେ) : 11,89,800/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.08.2025 ରିଖ 1200 ଘଣ୍ଟାରେ।

[illegible] ... ଫର୍ମ (Firm) ... [illegible]

... ଇ-ଟେଣ୍ଡରର ସମସ୍ତ ବିବରଣୀ ... www.ireps.gov.in ରେ ଉପଲବ୍ଧ ଅଛି। ... 15(ପନ୍ଦର) ଦିନ ... ... ... IREPS ... [illegible]

... ଅନୁଲଗ୍ନକ-B, G ଏବଂ G1ର ... 2 ର ଅନୁଲଗ୍ନକ-I, ... (ଦ୍ୱିତୀୟ ସିଟ୍) ... 3.1 ... [illegible]

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର

PR-66/CI/25-26

Office of the Principal
**GETESWAR SANSKRIT COLLEGE**
Matigada, Oupada, Balasore, Pin - 756049
Mob: 9937348089, Mail Id: geteswarsanskritcollege@gmail.com

**TENDER NOTICE**

Inviting tender for IT & Internet from registered IT suppliers for Geteswar Sankrit College.
1) Desktop H.P. (i3 - 13 GENERATION) – 6 NOS, 2) UPS – 6 Nos., 3) H.P. MFM printers – 2 Nos., 4) LED SONY (65 inch) – 1 Nos., 5) Wireless Mice and Camera for virtual meeting: 1 no. (Logi Tech), 6) Internet facilities.
Last date of tender application within **7 day** from the date of paper advertisement.

For details contact: 9937348089

Sd/- Principal
Geteswar Sanskrit College,
Matigada, Oupada, Balasore

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
email: se_nerwkjr@rediffmail.com
O-486

eProcurement Notice for Road Works under Periodical Maintenance

Identification No. NCB-10/RWCKJR/2025-26
No. 3004 / Date 22.07.2025

1. Name of the work :- Periodical Renewal Work of 5 year completed PMGSY (Post DLP) roads for Financial Year: 2025-26 under State Budget Grant in the District of Keonjhar.
2. No. of work :- 06 (Six) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10/ RWCKJR/ 2025-26 | Dt.30.07.25 at 11.00 A.M. | Dt.13.08.25 up to 5.00 P.M. | Dt.12.08.25 up to 5.00 P.M. | Dt.14.08.25 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in

OIPR-25177/11/0083/2526

Chief Construction Engineer,
R.W. Circle, Keonjhar.

# ‘ଜଟିଳ ଚାଷୀ ପଞ୍ଜୀକରଣ ନୀତି ପ୍ରତ୍ୟାହାର କର’




ବରଗଡ଼,୨୬। ୭(ସମିସ): ଆଗାମୀ ଖରିଫ ଧାନ ସଂଗ୍ରହ ପାଇଁ ସରକାର ପଞ୍ଜିକରଣ ବ୍ୟବସ୍ଥାରେ ଯେଭଳି ଜଟିଳତା ଏବଂ କେନ୍ଦ୍ରୀକରଣ କରିଛନ୍ତି ଏହି ବ୍ୟବସ୍ଥାରେ ପଞ୍ଜିକରଣ କରି ନପାରି ପ୍ରାୟ ୭୦ ଭାଗ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ଏପରି ଏକ ପଞ୍ଜିକରଣ ବ୍ୟବସ୍ଥାକୁ ସରକାର ଶୀଘ୍ର ପ୍ରତ୍ୟାହାର କରନ୍ତୁ; ଅନ୍ୟଥା ସମଗ୍ର ପଶ୍ଚିମ ଓଡିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଦ୍ୱୟ ଲିଂଗରାଜ ଓ ଅଶୋକ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶନିବାର ବରଗଡ଼ ସ୍ଥିତ ସମତାଭବନଠାରେ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ସରକାରଙ୍କ ନୂତନ ପଞ୍ଜିକରଣ ନିର୍ଦ୍ଦେଶାବଳୀକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ଖରିଫ ଋତୁର ଚାଷକାର୍ଯ୍ୟରେ ଚାଷୀ ବ୍ୟସ୍ତ ଥିବା ସମୟରେ ସରକାର ଧାନ ବିକ୍ରି ପାଇଁ ପଞ୍ଜିକରଣ ବ୍ୟବସ୍ଥାକୁ ଯେଭଳି ଜଟିଳ କରି ବଂଶାବଳି, ଆଇ ସ୍କାନ, ସମୟ ସୀମା ଏବଂ ଅନ୍ୟାନ୍ୟ ଜଟିଳ ନିୟମାବଳି ଲାଗୁ କରିଛନ୍ତି, ସେସବୁ କାମ ପାଇଁ ଚାଷୀ ଚାଷ କରିବ ନା କାଗଜ ପତ୍ର ପାଇଁ ଆର୍‌ଆଇ ଅଫିସ, ତହସିଲ ଅଫିସ୍ ଦୌଡିବ ବୋଲି ସମିତି ପ୍ରଶ୍ନ କରିଛି। ଏପରି ଏକ ଜଟିଳ ଏବଂ କେନ୍ଦ୍ରୀକରଣ ପଞ୍ଜିକରଣ ବ୍ୟବସ୍ଥାକୁ ସରକାର ଅତିଶୀଘ୍ର ପ୍ରତ୍ୟାହାର କରି ଏକ ସରଳ ଓ ଚାଷୀଭିମୁଖୀ ବ୍ୟବସ୍ଥା ଲାଗୁ କରନ୍ତୁ; ଯେଉଁଥିରେ କୌଣସି ଚାଷୀ ପଞ୍ଜିକରଣ କରି ନପାରି ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ନ ହେଉ। ଅନ୍ୟଥା ସମଗ୍ର ପଶ୍ଚିମ ଓଡିଶାରେ ଆନ୍ଦୋଳନ ପରିସ୍ଥିତି ସୃଷ୍ଟି ହେବ। ସରକାର ୮୦୦ ଟଙ୍କା ବୋନସ୍ ସହାୟତା ରାଶି ପ୍ରଦାନ ନାଁରେ କାହିଁକି ଏପରି ଷଡଯନ୍ତ୍ର କରୁଛନ୍ତି ବୋଲି ସମ୍ମିଳନୀରେ ସମିତିର ପ୍ରବକ୍ତା ସରୋଜ ଗମ୍ଭୀର କ୍ଷୋଭ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ଭଞ୍ଜନ ବାରିକ, କିଶୋର ସାହୁ ଉପସ୍ଥିତ ଥିଲେ।

# ‘ମାନବାଧିକାର ଓ ନାଗରିକର କର୍ତ୍ତବ୍ୟବୋଧ’ ଶୀର୍ଷକ କର୍ମଶାଳା



ବରଗଡ଼,୨୬ ।୭(ସମିସ): ଶୁକ୍ରବାର ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ପିଲାମାନଙ୍କର ନାଗରିକ ବିଜ୍ଞାନ ପାଠ୍ୟକ୍ରମ ଅନ୍ତର୍ଗତ ‘ନାଗରିକର ବିଭିନ୍ନ ପ୍ରକାର ଅଧିକାର, ମାନବାଧିକାର ଏବଂ କର୍ତ୍ତବ୍ୟବୋଧ’ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ର ବରିଷ୍ଠ ଆଇନଜୀବୀ କିରଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ମିଶ୍ର ଭାରତର ସମ୍ବିଧାନରେ ଉଲ୍ଲେଖ ଥିବା ସାମ୍ବିଧାନିକ ମୌଳିକ ଅଧିକାର ଉପରେ ପିଲାମାନଙ୍କୁ ବୁଝାଇଥିଲେ। ଭାରତର ସମ୍ବିଧାନରେ ଉଲ୍ଲେଖ ଥିବା ମାନବାଧିକାର ଉପରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ମାନବାଧିକାର ବଳରେ ଆଇନର ଆଶ୍ରୟ ନେଇ ନିଜକୁ କିପରି ସୁରକ୍ଷିତ ରଖି ପାରିବା ସେ ବିଷୟରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜର୍ଜ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ କୁମାର ଦାଶ ଅଜ୍ଞାନତା ବଶତଃ ମଣିଷ ତା’ର ମାନବାଧିକାରରୁ ବଞ୍ଚିତ ହେଉଥିବା କହିଥିଲେ। ଶିକ୍ଷକ ହରିଶ ପାତ୍ର, ଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନ, ମମତା ବିଶି ଓ ସୁରେଖା ସାହୁ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

■ କାଦୁଅରେ ପୂର୍ଣ୍ଣ ମହୁଲପାଲି ସମ୍ବଲପୁରୀ କପଡା ବଜାର

# ବ୍ୟବସାୟ କରି ନ ପାରି ନିରାଶରେ ଫେରିଲେ ବ୍ୟବସାୟୀ

ପଦ୍ମପୁର,୨୬।୭(ସମିସ): ପଦ୍ମପୁର ନିକଟସ୍ଥ ମାହୁଲପାଲି ସମ୍ବଲପୁରୀ କପଡା ବଜାରରେ ସ୍ୱଳ୍ପ ବର୍ଷାରେ କାଦୁଅରେ ପୂର୍ଣ୍ଣ ହୋଇଥିବାରୁ ବ୍ୟବସାୟୀମାନେ ନିରାଶ ହୋଇ ବ୍ୟବସାୟ କରି ନପାରି ଫେରିଥିବା ଶନିବାର ଦେଖିବାକୁ ମିଳିଛି। ମହୁଲପାଲି ଠାରେ ହେଉଥିବା ଏହି ବଜାରକୁ ବରଗଡ଼, ବଲାଙ୍ଗୀର, ବରପାଲି, ଗାଇସିଲେଟ ଅଞ୍ଚଳର କପଡ଼ା ବ୍ୟବସାୟୀମାନେ ଆସି ବେଶ ଉପକୃତ ହୋଇଥାନ୍ତି। କିନ୍ତୁ ପଞ୍ଚାୟତର ଅଧୀନରେ ଚାଲିଥିବା ଏହି ବଜାରର ଭିତ୍ତି ଭୂମି ଅତ୍ୟନ୍ତ ଦୟନୀୟ ହୋଇଛି। ସାମାନ୍ୟ ବର୍ଷାରେ ବଜାର ସ୍ଥାନରେ ଗଦାଗଦା କାଦୁଅ ରହିଛି। ମୁଣ୍ଡ ଗୁଞ୍ଜିବାକୁ ଛାତ ନଥିବାରୁ ବ୍ୟବସାୟୀଙ୍କ କପଡା, ସୁତା ଭିଜି ଯାଉଛି। ଶେଷରେ କାଦୁଅ ଯୋଗୁଁ ବ୍ୟବସାୟ କରି ନପାରି ପ୍ରାୟ ୪ ହଜାର ବ୍ୟବସାୟୀ ଭିଜି ଭିଜି ଫେରି ଯିବାକୁ ବାଧ ହୋଇଛନ୍ତି। ବ୍ୟବସାୟୀ ଓ ବୁଣାକାରମାନଙ୍କ ମଧ୍ୟରେ ବେଶ ବ୍ୟବସାୟ ଚାଲିଥିବା ବେଳେ ବର୍ଷା ପ୍ରତିବନ୍ଧକ ହୋଇଛି। ଶୀଘ୍ର ବଜାର ପ୍ରାଙ୍ଗଣରେ ରହିଥିବା ସମସ୍ୟାର ସମାଧାନ କରିବାକୁ ବ୍ୟବସାୟୀ ସଂଘ ଦାବି କରିଛି।

# ଚାଷୀ ପଞ୍ଜୀକରଣରେ ପ୍ରତିବନ୍ଧକ ନୂଆ ନିୟମ

■ ସପ୍ତାହରେ ପଦ୍ମପୁର ବ୍ଲକ୍‌ରେ ପଞ୍ଜୀକରଣ କରିଛନ୍ତି ୨୩୧ ଚାଷୀ
■ ନିୟମ ପ୍ରତ୍ୟାହାର ପାଇଁ ଚାଷୀ ମହଲରେ ଦାବି

ପଦ୍ମପୁର,୨୬।୭(ସମିସ): ଆଗାମୀ ଖରିଫ ଧାନ ବିକ୍ରି କରିବା ନିମନ୍ତେ ଚାଷୀ ଜମିର ପରିମାଣ ଓ ନିଜର ନାମ ପଞ୍ଜୀକରଣ ନିମନ୍ତେ ସରକାର ଗତ ଜୁଲାଇ ୧୯ ତାରିଖରୁ ଅଗଷ୍ଟ ୨୦ ଯାଏ ସମୟ ନିରୂପଣ କରିଛନ୍ତି। ମାତ୍ର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ସରକାରଙ୍କ ନୂତନ ନିୟମ ଯୋଗୁଁ ଚାଷୀ ପଞ୍ଜୀକରଣ ପୁରା ମନ୍ଥର ହୋଇଛି। ଏପର୍ଯ୍ୟନ୍ତ ପଦ୍ମପୁର ବ୍ଲକ୍‌ର ବିଭିନ୍ନ ସେବା ସମବାୟ ସମିତିରେ ମାତ୍ର ୨୩୧ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ପଦ୍ମପୁର ସମବାୟ ଉପନିବନ୍ଧକ ଗୋପାଳ ଚନ୍ଦ୍ର ପୃଷେଟଙ୍କ ସୂଚନା ଅନୁସାରେ ଶନିବାର ସୁଦ୍ଧା ପଦ୍ମପୁର ସମବାୟ ସମିତିରେ ୩୮ ଜଣ ଚଷୀ ପଞ୍ଜୀକୃତ ହୋଇଥିବା ବେଳେ ଦହିଗାଁ ସମବାୟରେ ୪୧ଜଣ ଚାଷୀ, ଜମଲା ସମବାୟରେ ୮୨ ଜଣ ଚାଷୀ, କନସିଂହା ସମବାୟରେ ୨୧ଜଣ ଚାଷୀ, ମେଲଛାମୁଣ୍ଡା ସମବାୟ ସମିତିରେ ୩୮ ଜଣ ଚାଷୀ ଏବଂ ବରିକେଲ ସମବାୟ ସମିତି ୮ ଜଣ ଚାଷୀ ଏବଂ ବୁଡେନ ସମବାୟ ସମିତିରେ ମାତ୍ର ୩ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ୨୦୨୪-୨୫ ଖରିଫ ପଞ୍ଜୀକରଣ ଦେଖିଲେ ସପ୍ତାହରେ ପ୍ରାୟ ୪୦ ପ୍ରତିଶତ ପଞ୍ଜୀକରଣ ହେଇଥିବା ବେଳେ ଏଥର ମାତ୍ର ୩ ପ୍ରତିଶତ ପଞ୍ଜୀକରଣ ହୋଇଛି। ଆଶାନୁରୂପ ଚାଷୀ ପଞ୍ଜୀକରଣ ନହେବା ପାଇଁ ସରକାରଙ୍କ ନୂତନ ନିୟମ ବଂଶାବଳୀ, ଆଇସ୍କାନ, ଓଟିପି ତଥା ଉତ୍ତରାଧିକାରୀଙ୍କ ପ୍ରମାଣପତ୍ର ମୁଖ୍ୟ ପ୍ରତିବନ୍ଧକ ସାଜିଥିବା ଅଞ୍ଚଳର ଚାଷୀମାନେ ଅସନ୍ତୋଷର ସହ ପ୍ରକାଶ କରିଛନ୍ତି। ଏହି ନିୟମାବଳୀକୁ ପ୍ରତ୍ୟାହାର କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ଗତ ଖରିଫରେ ପଦ୍ମପୁର ବ୍ଲକ୍‌ର ୭ ଗୋଟି ସେବା ସମବାୟ ସମିତିରେ ୧୪ ହଜାର ୯୫୩ ଚାଷୀ ପଞ୍ଜୀକରଣ କରିଥିଲେ। ଗତଥର ଗୋଟିଏ ସପ୍ତାହରେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏଥର ମାତ୍ର ୨୩୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ପୂର୍ବ ବର୍ଷରେ ଏତେ କଟକଣା ନଥିବାରୁ ଅଧିକରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇ ସେମାନଙ୍କ ଧାନ ବିକ୍ରି କରିପାରୁଥିଲେ; ମାତ୍ର ଏହି ନୂତନ ନିୟମ ଦ୍ୱାରା ଚାଷ ଜମିରେ କାମ କରୁଥିବା ପ୍ରକୃତ ଚାଷୀ ବଞ୍ଚିତ ହେବା ସହ ସେମାନଙ୍କ କଷ୍ଟୋପାର୍ଜିତ ଧାନକୁ ବେପାରୀ ହାତରେ ବିକ୍ରି କରିବା ପାଇଁ ବାଧ ହେବେ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି। ସରକାର ଚାଷୀଙ୍କୁ ୮୦୦ଟଙ୍କା ବୋନସ ଦେଉଥିବାରୁ ଚଳିତ ବର୍ଷ ଚାଷୀ ସଂଖ୍ୟା କମାଇବା ପାଇଁ ଏହି ନୀତି ଆପଣେଇଛନ୍ତି, ଏହା ପରିବର୍ତ୍ତନ ନ ହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମେଲଛାମୁଣ୍ଡା ଅଞ୍ଚଳର ଚାଷୀ ତଥା ବରିଷ୍ଠ ନେତା ସିଦ୍ଧାର୍ଥ ଶଙ୍କର ମିଶ୍ର ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ‘ଘର ହିଁ ବିଦ୍ୟାଳୟ’

ପଦ୍ମପୁର,୨୬।୭(ସମିସ): ପଦ୍ମପୁର ଅନ୍ତର୍ଗତ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିଭାବିକ ବୁଲି ପାତ୍ର ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ଭାବରେ ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ବାରିକ ଜୀବନର ଘନିଷ୍ଠ ଅନୁଭବ ଉପରେ ଆଲୋକପାତ କରିଥିବା ବେଳେ ଉପସଭାପତି ମୁରଲୀଧର ସାହୁ ସଂସ୍କୃତି ସଂସ୍କାର ଓ ସମ୍ପାଦକ ପ୍ରହ୍ଲାଦ ସାହୁ ଶିଶୁର ବିକାଶ ସଂପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ସାହୁ ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୬ ଜଣ ଅଭିଭାବିକ ଯୋଗ ଦେଇଥିଲେ। ଗୁରୁଜୀ ଭକ୍ତବନ୍ଧୁ ସ୍ୱାଇଁ ପ୍ରଭାତ ଶ୍ରେଣୀର ମୋ ଭାଷା ଉପରେ ଏକ କାଳାଂଶ ନେଇଥିଲେ। ଶେଷରେ ଶିଶୁ ବାଟିକା ପ୍ରମୁଖ ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ପଦ୍ମପୁର,୨୬।୭(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ପର୍ଯ୍ୟାୟରେ ଶିଶୁ ବାଟିକା ବିଭାଗ ଓ ପ୍ରାଥମିକ ବର୍ଗର ବିଜ୍ଞାନ ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଓ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀ ଶିଶୁ ବାଟିକା ବିଭାଗର ଭାଇଭଉଣୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବିଦ୍ୟାମନ୍ଦିର ପରିସରରେ ମୁଖ୍ୟଅତିଥି ଭାବେ ସଂକୁଳ ପ୍ରମୁଖ ଡ଼ଃ ଦ୍ୱାଦଶ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଅନୁସନ୍ଧାନ ମୂଳକ ବୈଜ୍ଞାନିକ ଚିନ୍ତାଧାରା ଉପରେ ପ୍ରେରଣା ଦେଇ କୁନିକୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଗୋପାଳ କୃଷ୍ଣ ମିଶ୍ର ମଞ୍ଚାସୀନ ଥିଲେ। ସମ୍ଭାଗ ବିଜ୍ଞାନ ପ୍ରମୁଖ ମମତା ଗଡତିଆ ଉଦ୍ଦେଶ୍ୟ ଜ୍ଞାପନ ସହ ସୂଚନା ପ୍ରଦାନ କରିଥିଲେ। ରାଧାକାନ୍ତ ଗୁରୁଜୀ ସଂଯୋଜନା କରିଥିବାବେଳେ ଶ୍ରୀ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗରୁ ୮୬ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ବରଗଡ଼,୨୬।୭(ସମିସ): ଶନିବାର ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ଉଦଘାଟନୀ ଓ ଉଦ୍‌ଯାପନୀ ସମାରୋହରେ ପରିଚାଳନା ସମିତିର ସମ୍ପାଦକ ସୁରେଶ ସାହୁ, ଡ. ପ୍ୟାରିଲାଲ୍ ତ୍ରିପାଠୀ, ଡ. ସତ୍ୟରଞ୍ଜନ ସାହୁ, ଡ. ଅର୍ଜନ ମେହେର, ଡୋଳାମଣି ଶତପଥୀ, ଶିବ ପ୍ରସାଦ ବାଗ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପଧାନ, ଗୁରୁଜୀ ସଂଜୀବ ସରକାର ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ, ମୂର୍ତ୍ତିକଳା ଇତ୍ୟାଦିରେ ବହୁ ସଂଖ୍ୟାରେ ଭାଗନେଇଥିଲେ। ଡ. ପ୍ୟାରିଲାଲ୍ ତ୍ରିପାଠୀ ଜ୍ଞାନବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ। ୨୨ଜଣ ବିଚାରକ ଉପସ୍ଥିତ ଥିଲେ। ଗୁରୁଜୀଗୁରୁମା ଓ ସେବକସେବିକା ଏଥିରେ ସହଯୋଗ କରିଥିଲେ।

## କିଲିମାଞ୍ଜାରୋ ପର୍ବତାରୋହଣ କରିବେ ଆଶୀର୍ବାଦ



ବରଗଡ଼,୨୬।୭(ସମିସ): ଓଡ଼ିଶାର ବରଗଡ଼ ଜିଲ୍ଲାସ୍ଥିତ କୁଲିତା ଟୁକୁରା ଗ୍ରାମର ଯୁବ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର (ଅନୁପ) ଦକ୍ଷିଣ ଆଫ୍ରିକାର କିଲିମାଞ୍ଜାରୋ ପର୍ବତାରୋହଣ କରିବେ। ଆଗାମୀ ଅଗଷ୍ଟ ୨ ତାରିଖ ଦିନ ଦକ୍ଷିଣ ଆଫ୍ରିକାର କିଲିମାଞ୍ଜାରୋ ଅଭିମୁଖେ ପର୍ବତାରୋହଣ ପାଇଁ ସେ ଯାତ୍ରା କରିବେ। ଏହି ଅବସରରେ ସେ କହିଛନ୍ତି, ପର୍ବତାରୋହଣ ତାଙ୍କ ବାଲ୍ୟକାଳ ସ୍ୱପ୍ନ ଥିଲା; ଏବେ ସେ ନିଜ ସ୍ୱପ୍ନକୁ ଜିଉଁଛନ୍ତି। ପ୍ରତ୍ୟାବର୍ତ୍ତନ ପରେ ଭାରତରେ ଆଗାମୀ ଭବିଷ୍ୟତ ପୀଢ଼ିଙ୍କୁ ପର୍ବତାରୋହଣ ବିଷୟରେ ଅବଗତ କରେଇବା ତଥା ଆବଶ୍ୟକସ୍ଥଳେ ଉଚିତ ତାଲିମ ପ୍ରଦାନ କରି ଭାରତର ନାମ ବିଶ୍ୱ ଦରବାରରେ ଚମକାଇବେ ବୋଲି ସେ ପ୍ରକାଶ କରିଛନ୍ତି।

## ‘ମା’ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ସୋହେଲା,୨୬।୭(ସମିସ): ସୋହେଲା ବ୍ଲକ୍ ଲମ୍ବରୁପାଲି ଗ୍ରାମରେ ମା’ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଏକ ଚନ୍ଦନ ଗଛ ଲଗାଇଥିଲେ। ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ସମ୍ପାଦକ କ୍ଷୀରୋଦ୍ର ବୁଢ଼ିଆ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଉପସଭାପତି ରଘୁବିର ସିଂ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଫଳ ଗଛ ସହ ୫୦ ଟି ଗଛର ଚାରା ଲଗାଯାଇଛି।

## ଶୀତଳ ଷଷ୍ଠୀ କମିଟିର ଛତା ଓ ଜୋତା ବଣ୍ଟନ

ପଦ୍ମପୁର,୨୬।୭(ସମିସ): ପଦ୍ମପୁର ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଶୀତଳ ଷଷ୍ଠୀ କମିଟି ତରଫରୁ ଛାତ୍ରୀମାନଙ୍କୁ ଛତା ଓ ଜୋତା ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। ମନ୍ଦିରର ପୂଜକ ଟଙ୍କଧର ମହାପାତ୍ର, କମିଟିର ସଭାପତି ପ୍ରିତମ ମେହେର, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଶେଷଦେବ ମେହେର, ସନ୍ତୋଷ ମହାନ୍ତି, ନରସିଂହ ଅଗ୍ରୱାଲ, ସୁଶାନ୍ତ ସାହୁ, ଶୈଳେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଛାତ୍ରୀଙ୍କୁ ଛତା ଓ ଜୋତା ବଣ୍ଟନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପୂଜାରାଣୀ ନାୟକ, ରବୀନା ପଧାନ, ସଂଯୁକ୍ତା ଭୋଇ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଖୁସ୍‌ବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଅମନ୍ କୁମାର ପଣ୍ଡା, ପ୍ରଭାତୀ ପଟ୍ଟନାୟକ, ନିଳୀମା ରାଣୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଜେଡି ସ୍ନାତକ ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ




ବରପାଲି,୨୬।୭(ସମିସ): ବରପାଲି ଜଗବନ୍ଧୁ ଦାଶ(ଜେଡି) ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ନୂତନ ଛାତ୍ରୀମାନଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ସତ୍‌ଶିକ୍ଷା ମୂଳକ ଦିଗଦର୍ଶନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ବିଭାଗ ଅଧ୍ୟାପିକା ପିଙ୍କି ବାରିକ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ ସହ ଅଧ୍ୟାପକ ଶଶାଙ୍କ ଶେଖର ପଧାନ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁ କୁମାର ଦାଶଙ୍କ ରଚିତ ଓ ନିର୍ଦ୍ଦେଶିତ ସଂଗୀତ ଛାତ୍ରୀ ଗୀତା, ଦୀପ୍ତି, ମାନିନୀ, ପୁନମ ପ୍ରମୁଖ ସ୍ୱାଗତ ଓ ସମାପ୍ତି ସଙ୍ଗୀତ ଭାବରେ ଗାନ କରିଥିଲେ। ଛାତ୍ରୀ ଯାଜ୍ଞସେନି, ଗୀତା, ଶ୍ରାବଣୀ, ଅଙ୍କିତା, ଖୁସ୍‌ବୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନବାଗତ ଛାତ୍ରୀ ମିକି ସ୍ୱକୀୟ ଅନୁଭୂତି ପ୍ରଦାନ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀମାନଙ୍କ ଦ୍ୱାରା ୧୨୮ ଟି ଚାରା ରୋପଣ କରାଯାଇଥିଲା। ଅଧ୍ୟାପିକା ପରିଣୀତା ପଧାନ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଲ ବିଶ୍ୱାଳ, ଅଧ୍ୟାପିକା ପୁନମ ସାହୁ, ସସ୍ମିତା ମେହେର, ମନୀଷା ଭୋଇ, ଶୋଭାବତୀ ଥପା, ଯାଜ୍ଞସେନି ପଟେଲ, ସହକର୍ମୀ ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଛାତ୍ରୀ ଓ ମହିଳାଙ୍କ ସାମଗ୍ରିକ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ବରଗଡ଼,୨୬।୭(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ମହିଳା ଓ ଶିଶୁ କଲ୍ୟାଣ ଏବଂ ଛାତ୍ରୀ ଅଭିଯୋଗ କମିଟିର ସମନ୍ୱୟରେ ‘ଶିକ୍ଷାନୁଷ୍ଠାନରେ ଛାତ୍ରୀ ଏବଂ କର୍ମ ସଂସ୍ଥାନରେ ମହିଳାମାନଙ୍କ ସାମଗ୍ରିକ ସୁରକ୍ଷା - ଶାରୀରିକ, ମାନସିକ, ଆଇନଗତ ଏବଂ ଡିଜିଟାଲ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଅତିରିକ୍ତ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ୍ ଇନ୍ଦୁରେଖା ପଶ୍ଚିମକବାଟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆଇନ ପରାମର୍ଶଦାତା ବିମଳ ଦାସ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭାନେତ୍ରୀ ସହକାରୀ ପ୍ରଫେସର ସୂର୍ଯ୍ୟକାନ୍ତୀ ସିକନ୍ଦର, ପ୍ରଶାସନିକ ମୁଖ୍ୟ ସହକାରୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର, ଏକାଡେମୀ ମୁଖ୍ୟ ସହକାରୀ ପ୍ରଫେସର ଡ.ବିଦ୍ୟୁତ୍ ପ୍ରଭା ମହାନ୍ତି ମଞ୍ଚାସୀନ ଥିଲେ। ମହିଳାମାନଙ୍କ ଡିଜିଟାଲ ସୁରକ୍ଷା ଏବଂ ସତର୍କତା ଅବଲମ୍ବନ ବିଷୟରେ ଅତିରିକ୍ତ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ ସଂଯୋଜନା କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭାନେତ୍ରୀ ସହକାରୀ ପ୍ରଫେସର ସୂର୍ଯ୍ୟକାନ୍ତୀ ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ। ବନୁଜା ମେହେର, ବେଣୀ ପଟେଲ, ଅଞ୍ଜଳି ଦାଶ, ଅନିନ୍ଦିତା ନନ୍ଦ, ସନିଆ ମାହାକୁଡ, ନିରୁପମା ଭୁଏ, ଏବଲିନ୍ ନମିତା ବାଆ, ଡୋଲେଶ୍ୱରୀ ବରିହା, ବାସନ୍ତୀ ଓରାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାର ନିୟୋଜନ ପାଇଁ ଆଶାକର୍ମୀ ପୁରସ୍କୃତ

ବରଗଡ଼,୨୬।୭(ସମିସ): ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଭା ଗୃହରେ ବିଶ୍ୱ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନର ଉଦ୍‌ଯାପନୀ ଦିବସରେ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ସର୍ବୋତ୍କୃଷ୍ଟ ରୂପାୟନ ପାଇଁ ବିଭିନ୍ନ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ବାଭୋନା ବ୍ଲକ୍ ଅଧୀନ କଣ୍ଡପଲା ଗାଁର ଆଶାକର୍ମୀ ମୀରା ନାଏକ ଜିଲ୍ଲାସ୍ତରରେ ଉତ୍କୃଷ୍ଟ ସେବା ପାଇଁ ପୁରସ୍କୃତ ହୋଇଥିଲେ। ବରଗଡ଼ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଅଗ୍ରୱାଲ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କୃଷ୍ଣବଲ୍ଲଭ ମହାନ୍ତି, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ. ବିନୟ ବେହେରା ଓ ଡିପିଏମ୍ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡିପିଏଚସିଓ ପ୍ରକାଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଭୁକ୍ତା ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଦୁର୍ଗା ପ୍ରସାଦ ଦାଶ ଓ ମୁଖ୍ୟ ଡ.ପୀତବାସ ପ୍ରଧାନ ଶୁଭେଚ୍ଛା ଜଣାଇଥିଲେ।

## ଶିଶୁ ହୋତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭେଡେନ,୨୬।୭(ସମିସ): ଭେଡେନ ବ୍ଲକ୍ ଅଧୀନ ବୁର୍ଦ୍ଦା ଗାଁର ଶିଶୁ ହୋତାଙ୍କ ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ନାଉରି ନାୟକ, ବିଜେପି ସଭାପତି ଅରୂପାନନ୍ଦ ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଅତାବିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା, ଭେଡେନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଶିକ୍ଷାବିତ ପଞ୍ଚାନନ ପୂଜାରୀ, ଚାଷୀନେତା ଲକ୍ଷ୍ମଣ ନନ୍ଦ, ଆଇନଜୀବୀ ଲିପ୍ସିତ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତ ହୋତାଙ୍କ ଭାଇ ଅଶୋକ ହୋତା, ଦୁଇ ପୁଅ ନିର୍ମଳ ହୋତା, ପୂର୍ବତନ ସରପଞ୍ଚ ଅରବିନ୍ଦ ହୋତା ଉପସ୍ଥିତ ଥିଲେ।

## ବିଜେପୁରରେ ପୋସ୍ ଆଇନ କର୍ମଶାଳା

ବିଜେପୁର,୨୬।୭(ସମିସ): ବରଗଡ଼ ଜିଲ୍ଲା ବିଜେପୁର ମହାବିଦ୍ୟାଳୟରେ ପୋସ ଆଇନ ସଂପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେରଙ୍କ ଆବାହକତ୍ୱ ତଥା ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ପୌରହିତ୍ୟରେ ଯୌନ ନିର୍ଯାତନା ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ବିଡିଓ ସରୋଜ ବିଶ୍ୱାଳ, ଆଇଆଇସି ସୁଶାନ୍ତମଣି ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବଡ଼ବାଉଁଶେନ ସିଆରସିସି ଦୁର୍ବାଦଳ ବଡଗୋଛିଆ କର୍ମଶାଳାକୁ ସଂଯୋଜନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ସିଆରସିସିଗଣ ପ୍ରଶିକ୍ଷଣ ନେଇଥିଲେ। ବିଜେପୁର ସିଆରସିସି ସୁଧାଂଶୁ ଶେଖର ଜାଲ ଧନ୍ୟବାଦ ଦେଇଥିଲେ।

## ଅପରାଧିକ ଆଇନ ସଚେତନତା

ପାଇକମାଲ,୨୬।୭(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାଇକମାଲ ଥାନା ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ତେଜରାଜ ସାହୁ, ବୈବସ୍ୱତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇଆଇସି ଶ୍ରୀ ପ୍ରଧାନ ସାଇବର କ୍ରାଇମ, ଯୌନ ଉତ୍ପୀଡନ, ସଡକ ସୁରକ୍ଷାର ନୂତନ ନିୟମାବଳୀ ସମ୍ପର୍କରେ ଅବଗତ କରିଥିଲେ। ଶେଷରେ ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଦେଇଥିଲେ।

# ଭୁଲିଆ ସମାଜର ନୂଆ କମିଟି



ସୋହେଲା,୨୬।୭(ସମିସ): ଶୁକ୍ରବାର ସୋହେଲା ଅଗ୍ରସେନ ଭବନରେ ସୋହେଲା ବ୍ଲକ୍ ଭୁଲିଆ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କମିଟି ଗଠିତ ହୋଇଯାଇଛି। ଏହି ସଭାରେ ନିଖିଳ ଓଡ଼ିଶା ମେହେର ଭୁଲିଆ ସମାଜର ସଂପାଦକ ଡ. ସୁବାସ ମେହେର ମୁଖ୍ୟ ଅତିଥି ଏବଂ ବରଗଡ ଜିଲ୍ଲା ଭୁଲିଆ ସମାଜର ସଭାପତି ରାମକୃଷ୍ଣ ମେହେର, ସଂଯୋଜକ ପ୍ରଦୀପ ମେହେର, ସମାଜ ସଂଗଠକ ଗୌର ମେହେର ଓ ତୁଳାରାମ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ସଭାରେ ସୋହେଲା ବ୍ଲକ୍ ଭୁଲିଆ ସମାଜର ତିରିଶ ଖଣ୍ଡ ଭୁଲିଆ ଗ୍ରାମର ଗ୍ରାମ୍ୟ କମିଟିର ସଭ୍ୟମାନେ ଯୋଗଦେଇଥିଲେ। ନୂତନ କମିଟିରେ ସଭାପତି ଭାବରେ ଗଜରାଜ ମେହେର, କାର୍ଯ୍ୟକାରୀ ସଭାପତି ରୋହିତ ମେହେର, ଉପସଭାପତି ଚନ୍ଦ୍ର ମେହେର ଓ ଗିରିଧାରି ମେହେର, ସଂପାଦକ ମକରଧ୍ୱଜ ମେହେର, ସହ ସଂପାଦକ ମଦନ ମେହେର ଓ ଶ୍ରୀଫଳ ମେହେର, ସଂଯୋଜକ ଲିଙ୍ଗରାଜ ମେହେର ସହସଂଯୋଜକ ଗୋବିନ୍ଦ ମେହେର, କୋଷାଧ୍ୟକ୍ଷ ତୁଳସୀ ମେହେରଙ୍କୁ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ । ଉପଦେଷ୍ଟା ଭାବରେ ଦେବରାଜ ମେହେର, ଶେବାରାମ ମେହେର, ସଚିନ୍ଦ୍ର ମେହେର, ଡମ୍ବୁରୁଧର ମେହେର, ସାରଥି ମେହେର, ହରିବୋଲ ମେହେର, ହାରାଧନ ମେହେର, ସୋମନାଥ ମେହେର, ରକ୍ଷଣ ମେହେର ଏବଂ ନିତ୍ୟାନନ୍ଦ ମେହେର ମନୋନୀତ ହୋଇଥିଲେ। କବି ଅନନ୍ତ ମେହେର ଧନ୍ୟବାଦ ଦେଇଥିବାବେଳେ ସଦାନନ୍ଦ ମେହେର, ସୁରେନ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଜେପିର ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ସୋହେଲା,୨୬।୭(ସମିସ): ଶୁକ୍ରବାର ସୋହେଲା ଗୌରୀ କଲ୍ୟାଣ ମଣ୍ଡପଠାରେ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ବିଜେପି ଜିଲ୍ଲା ସଭାପତି ଡାକ୍ତର ଅରୁପାନନ୍ଦ ସାହୁ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଜନତାଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମଣ୍ଡଳ ପ୍ରତିନିଧି ରଘୁବିର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବୈଜନାଥ ଅଗ୍ରୱାଲ, ପାରେଶ୍ୱର ସାହୁ, ଲିଙ୍ଗ ବାଗ, ରଜନୀକାନ୍ତ ଭୋଇ, କୈଳାସ ସାହୁ, ଚନ୍ଦ୍ରମଣୀ ଭଞ୍ଜ, ରମେଶ କୁମ୍ଭାର, ହରି ଦାସ, ସାଧୁ ବୁଢ଼ିଆ, ତସିଲ ରଣା, ବିବେକା ପଧାନଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବରଗଡ଼ ସୀମାନ୍ତ ହରିଶଙ୍କର ରାସ୍ତା ଶୋଚନୀୟ

**ପାଇକମାଳ, ୨୬।୭ (ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁ ଶେଷ ମୁଣ୍ଡରୁ ଏକ ରାସ୍ତା ରହିଛି ଯାହା ବଲାଙ୍ଗିର ଜିଲ୍ଲା ପ୍ରସିଦ୍ଧ ହରିଶଙ୍କର ପୀଠକୁ ସଂଯୋଗ କରୁଛି। ସେହି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇ ପଡ଼ିଛି। ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ନୃସିଂହନାଥ ଓ ହରିଶଙ୍କର ପୀଠ ସାରା ଓଡ଼ିଶାରେ ପରିଚିତ। ଏହି ମନ୍ଦିରକୁ କେବଳ ଓଡ଼ିଶା ନୁହେଁ ଛତିଶଗଡ଼, ମଧ୍ୟପ୍ରଦେଶ ସହ ଅନ୍ୟାନ୍ୟ ବହୁ ରାଜ୍ୟର ପର୍ଯ୍ୟଟକ ଆସିଥାନ୍ତି। ଏକା ସହ ଦୁଇଟି ମନ୍ଦିର ଦର୍ଶନ କରିବା ପାଇଁ ଗୋଟିଏ ରାସ୍ତା ରହିଛି। ଯାହା ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ସୀମାନ୍ତକୁ ସଂଯୋଗ କରୁଛି। ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁ ଶେଷ ମୁଣ୍ଡରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତର ଆମ୍ବବାହାଲି ଗାଁ ସୀମାନ୍ତ ଗାଁରେ ସଂଯୋଗ ହୋଇ ହରିଶଙ୍କର ମନ୍ଦିରକୁ ସିଧା ରାସ୍ତା ରହିଛି। ବହୁ ପର୍ଯ୍ୟଟକ ପ୍ରତିଦିନ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ହେଲେ ବର୍ଷା ସମୟରେ ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଏବେ ଶ୍ରାବଣ ମାସ ଯୋଗୁଁ ଶହ ଶହ କାଉଡିଆଙ୍କ ଭିଡ ଲାଗିରହିଛି। ପୁଣି ବହୁ ଗାଡିମଟର ଯିବାଆସିବା କରୁଛି। ହେଲେ ରାସ୍ତା ଅବସ୍ଥା କାଦୁଅ ପଚପଚ ହେଉଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ସ୍ଥାନେ ସ୍ଥାନେ ବର୍ଷା ପାଣି ଜମି ରହିଛି। ପୁଣି ଖାଲଖମା ଭରି ରହିଥିବାରୁ ଶ୍ରଦ୍ଧାଳୁ ତଥା ଜନସାଧାରଣ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଛନ୍ତି। ଏଣୁ ଦୁଇ ଜିଲ୍ଲା ଡିଏଫଓ ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ଡୁଡୁକିଝରିଆ ଜଙ୍ଗଲ ଆରମ୍ଭରୁ ଆମ୍ବବାହାଲି ଜଙ୍ଗଲ ଯାଏଁ ଦୁଇ ପାର୍ଶ୍ୱରେ ଡାଇଭରସନ କରି ପକ୍କା ରାସ୍ତା ତିଆରି କରାଗଲେ ଜନସାଧାରଣ ତଥା ପର୍ଯ୍ୟଟକମାନେ ଉପକୃତ ହୋଇପାରନ୍ତେ ବୋଲି ଦୁଇ ଜିଲ୍ଲାର ଜନସାଧାରଣ ଅନୁରୋଧ କରିଛନ୍ତି।



# ଫାଇନାନ୍ସ କମ୍ପାନୀ ଟଙ୍କା ହଡ଼ପ ଘଟଣା; ଫେରାର କର୍ମଚାରୀ ଗିରଫ

**ସୋହେଲା, ୨୬।୭ (ସମିସ):** ଫାଇନାନ୍ସ କମ୍ପାନୀର ଟଙ୍କା ହଡ଼ପ ଫେରାର ଥିବା କମ୍ପାନୀର ଜନୈକ ପୂର୍ବତନ କର୍ମଚାରୀକୁ ସୋହେଲା ପୁଲିସ ଆଜି ସମ୍ବଲପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ସୋହେଲାରେ ଥିବା ଭାରତ ଫାଇନାନ୍ସ କମ୍ପାନୀରେ ଫିଲ୍ଡ ଆସିଷ୍ଟାନ୍ସ ଭାବେ କାର୍ଯ୍ୟ କରୁଥିବା ସୋନପୁର ଜିଲ୍ଲା ତରଭା ଥାନା ପୋଲବନ୍ଧ ଗ୍ରାମର ଗୋପାଳ ନାଗ ଗତ ୨୦୨୨ ମେ ୧୭ ତାରିଖରେ କମ୍ପାନୀର ପ୍ରାୟ ୯ ଲକ୍ଷ ୮୯ ହଜାର ଋଣ ଟଙ୍କା ଅସୁଲି କରି ଫେରାର ହୋଇଯାଇଥିଲା। ଏ ଘଟଣା ସମ୍ପର୍କରେ କମ୍ପାନୀର ଶାଖା ପ୍ରବନ୍ଧକ ଭୋଜରାଜ ସାହୁ ସୋହେଲା ଥାନାରେ ଅଭିଯୋଗ କରିଥିଲେ। ସୋହେଲା ପୁଲିସ ଏ ସମ୍ପର୍କରେ ୯୨/୨୦୨୨ରେ ଆଇପିସିର ଧାରା ୪୨୦, ୪୦୮ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ। ଫେରାର ମୁଖ୍ୟ ଅଭିଯୁକ୍ତ ଗୋପାଳ ନାଗ ସମ୍ବଲପୁରରେ ଥିବା ନେଇ ସୋହେଲା ଥାନା ଆଇଆଇସି ହରିଶ କୁମାର ଭୋଇ ସୂଚନା ପାଇଥିଲେ। ଘଟଣାର ପ୍ରାୟ ତିନି ବର୍ଷ ପରେ ସୋହେଲା ପୁଲିସ ଅଭିଯୁକ୍ତକୁ ଆଜି ସମ୍ବଲପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋହେଲା ଥାନା ମହିଳା ସବ୍ ଇନ୍ସପେକ୍ଟର ଅନିମା ଏକ୍କା ତଦନ୍ତକାରୀ ଅଫିସର ଭାବେ ଅଧିକ ତଦନ୍ତ ଜାରି ରଖିଛନ୍ତି।



ଶିକ୍ଷୟିତ୍ରୀଙ୍କ ପରିବେଶ ପ୍ରେମ

# ହଜାର ହଜାର ଔଷଧୀୟ ଚାରା ଲଗାଇ ଚର୍ଚ୍ଚାରେ ସ୍ନିଗ୍ଧା

**ବରଗଡ଼, ୨୬।୭ (ସମିସ)**

ବରଗଡ଼ ସଦର ମହକୁମା ଠାରୁ ୬୫ କିମି ଦୂର ଗାଇସିଲେଟ ଗାଁର ସ୍ନିଗ୍ଧା ଦାଶ ହଜାରେ ଔଷଧୀୟ ଚାରା ଲଗାଇ ଚର୍ଚ୍ଚାକୁ ଆସିଛନ୍ତି। ପେଶାରେ ସେ ଜଣେ ଶିକ୍ଷୟିତ୍ରୀ। ଗାଇସିଲେଟ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ପାଠ ପଢ଼ାଇଥାନ୍ତି। ପିଲାଟି ଦିନରୁ ପରିବେଶ ପ୍ରତି ସଚେତନ ଥିବା ସ୍ନିଗ୍ଧା ନିଜ ଘର ବାଡିରେ ଥିବା ଚାରି ଡିସ୍‌ମିଲ ଜାଗାରେ ଗୋଟିଏ ଉଦ୍ୟାନ କରିଛନ୍ତି। ସେଥିରେ ଲଗାଇଛନ୍ତି ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ଗଛ ଚାରା। ସେଥି ମଧ୍ୟରେ ଅନେକ ଔଷଧୀୟ ବୃକ୍ଷ ରହିଛି। ବିନା ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ଜୈବିକ ପଦ୍ଧତିରେ ନିୟମିତ ବୃକ୍ଷର ଚାରା ଲଗାଇବା ସହିତ ତାର ଯତ୍ନ ନେଉଛନ୍ତି। କରୋନା ସମୟରେ ଅମ୍ଳଜାନ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ମାଗଣାରେ ମିଳୁଥିବା ଅମ୍ଳଜାନ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ପନ୍ଥା ବୋଲି ସେ କହନ୍ତି। ସ୍ନିଗ୍ଧା ଲଗାଇଥିବା ଗଛ ଗୁଡିକ ମଧ୍ୟରେ ଲବଙ୍ଗ, ଅଳେଇଚ, ଡାଲଚିନି, ତେଜପତ୍ର, ଗୋଲମରିଚ, ଅନାସଫୁଲ ମସଲା, ପଦ୍ମ, କଇଁ, ସ୍ୱର୍ଣ୍ଣ ଚମ୍ପା, ବିଭିନ୍ନରଙ୍ଗର ଅପରାଜିତା, ୨୫ ପ୍ରକାର ମନ୍ଦାର, ୩୦ ପ୍ରକାର ଗୋଲାପ, ୧୫ ପ୍ରକାର ଜରବେରା, ୫ ପ୍ରକାର କେଦାର ଗୌରୀ, ୧୦ ପ୍ରକାର କାଗିଜି, ଅନେକ ପ୍ରକାର ସେବତୀ, ଲିଲି, ଫୁଟବଲ ଲିଲି, ବହୁତ୍ କ୍ରାଇନମ ଲିଲି, ଧଳା, ହଳଦିଆ, ଗୋଲାପି, ଖଇରିଆ ରଜନୀଗନ୍ଧା, ୧୦ ପ୍ରକାର ଏଗ୍ଲୋନେମା, ବିଭିନ୍ନ ପ୍ରକାର ପାମ୍, ବୃଦ୍ଧ ବାମ୍ବୋ, କାଲାଥିଆ, କାଜୁରିନା, କାଲିଡିଅମ୍, କୋଲିଅସ, ସ୍ପାଇଡର ପ୍ଲାଣ୍ଟ, ସେନସିଭାରିଆ, ବ୍ରୋମିଲଏଡ ଇତ୍ୟାଦି ରହିଛି। ସ୍ନିଗ୍ଧା ତାଙ୍କ ଦରମାରୁ ଅର୍ଦ୍ଧେକ ଅଂଶ ଚାରାରୋପଣ ଓ ତାର ଯତ୍ନରେ ଖର୍ଚ୍ଚ କରୁଥିବା ସେ କହିଛନ୍ତି। ସମୟର ସଦୁପଯୋଗ କରି ସମସ୍ତେ କିଛି କିଛି ଚାରା ରୋପଣ କଲେ, ଅର୍ଥ ଏଥିରେ ବାଧକ ସାଜିବ ନାହିଁ ବୋଲି ସ୍ନିଗ୍ଧା କହନ୍ତି।



# ବ୍ଲକ୍‌ସ୍ତରୀୟ ମହିଳା ଯୌନ ଉତ୍ପୀଡ଼ନ ତାଲିମ ଶିବିର

**ବରଗଡ଼, ୨୬।୭ (ସମିସ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜ ପରିସରରେ ବ୍ଲକସ୍ତରୀୟ ମହିଳା ଉତ୍ପୀଡନ ନିବାରଣ ଆଇନ ସଚେତନ ତାଲିମ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ସିଡିପିଓ ସୁଷମା ପଟେଲ, ଜଗଦଳପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା, ଅଧକ୍ଷ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା କାର୍ଯ୍ୟାଳୟରେ ହେଉଥିବା ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ ତଥା ଅତ୍ୟାଚାରକୁ ଏହି ଆଇନ ଅନୁସାରେ କିପରି ଭାବେ ବନ୍ଦ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ମହିଳା ଯୌନ ଉତ୍ପୀଡନ ନିବାରଣ ଆଇନ-୨୦୧୩ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ତାଲିମ ପ୍ରଦାନ କରିଥିଲେ। ଝାରବନ୍ଧ କ୍ଲଷ୍ଟର ସିଆରସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିଲେ।

# କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛାଡ଼ିବାକୁ ଦାବି

**ରେଢ଼ାଖୋଲ, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ଚାଷୀମାନେ ଏକତ୍ରିତ ହୋଇ ରେଢ଼ାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛାଡିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଖରିଫ ଚାଷ ପାଇଁ ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ କେରାଣ୍ଡି ଜୋର ସଂଯୋଗୀ କେନାଲରେ ପାଣି ଛଡ଼ା ଯାଇନାହିଁ। ତେଣୁ ଅଞ୍ଚଳର ଚାଷୀମାନଙ୍କ ଚାଷ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିଛି। ଯେଉଁ ଚାଷୀ ଚାଷ କାର୍ଯ୍ୟ ସାରିଛନ୍ତି, ତାଙ୍କ ଚାଷ ଜମିରେ ପାଣି ନାହିଁ, ତେଣୁ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖା ଦେଇଛି। ଏଥିରେ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରି ତୁରନ୍ତ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି। ନଚେତ ବାଧ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ସରୋଜ କୁମାର ପୁରୋହିତ, ବସିଷ୍ଟ ରାଉତ, ନବରଞ୍ଜନ ମିରୀ, ନଟବର ମେହେର, ବଟ କିଶୋର ସାହୁ, ଲଳିତ ସାହୁ, ଜଳନ୍ଧର ପ୍ରଧାନ, କୃପାସିନ୍ଧୁ ପ୍ରଧାନ, ବୁଲୁ ପ୍ରମୁଖ ସମେତ ବହୁ ଚାଷୀ ସାମିଲ ଥିଲେ।

# 'ହେପାଟାଇଟିସ' ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା

**ବରଗଡ଼, ୨୬।୭ (ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରେ 'ହେପାଟାଇଟିସ ଦିବସ' ଉପଲକ୍ଷେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ଜିଲ୍ଲା ତଥ୍ୟ ପ୍ରବନ୍ଧକ ଅଜିତ ମେହେର ଓ ସ୍ୱାସ୍ଥ୍ୟ ପରିଦର୍ଶକ ତେଜ ଭାନୁ ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଡ. ଡୋଳା ମଣି ଶତପଥି, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସାଲିନି ସା ପ୍ରଥମ ସ୍ଥାନ ଓ ଦଶମ ଶ୍ରେଣୀ ଛାତ୍ରୀ ଧରିତ୍ରୀରାଉତ ଦ୍ୱିତୀୟ ଓ ଦଶମ ଶ୍ରେଣୀ ଛାତ୍ରୀ ପ୍ରାଚୀ ଭୋସାଗର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୮ ତାରିଖରେ ହେପାଟାଇଟିସ ଦିବସ ପାଳନ ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜନ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚାଯାଇଛି।

# ଗାନ୍ଧୀ ସ୍ମୃତି ପାଠାଗାରର ମାସିକ ଆଲୋଚନାଚକ୍ର

**ବରଗଡ଼, ୨୬।୭ (ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। 'ନାଟ୍ୟକାରଙ୍କ ସାମାଜିକ ଦାୟିତ୍ୱବୋଧ' ଶୀର୍ଷକ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ପାଠାଗାରର ସଭାପତି ଅରୁଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ କେଶରଞ୍ଜନ ପ୍ରଧାନ ନାଟକ ଏକ କାଳଜୟୀ ବୋଲି କହିବା ସହ ନାଟ୍ୟକାର ଯୁଗର ପରିବର୍ତନ ସହ ଖାପ ଖୁଆଇ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ନାଟକ ରରଚନା କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ବକ୍ତା ଭାବେ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅଶୋକ ବହିଦାର ଯୋଗଦେଇ ନାଟକ ଗୋଟିଏ ଅଞ୍ଚଳର ଭାଷା, ସଂସ୍କୃତି ପରମ୍ପରାକୁ ପ୍ରଦର୍ଶନ କରିବାର ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ପାଠାଗାରର ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମ୍ବଲପୁରରେ କାର୍‌ଗିଲ ବିଜୟ ଦିବସ




**ସମ୍ବଲପୁର, ୨୬।୭ (ସମିସ):** ହୀରାଖଣ୍ଡ ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଂଘ ପକ୍ଷରୁ ଆଜି ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ସୁବେଦାର ମେଜର ଶିବ ନାରାୟଣ ବେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କାର୍ତ୍ତିକ ପ୍ରସାଦ ବହିଦାର ପରିଚାଳନା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, କର୍ଣ୍ଣେଲ ନିର୍ମଳ ଚନ୍ଦ୍ର ପତି ମୁଖ୍ୟବକ୍ତା ଏବଂ କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଓ କର୍ଣ୍ଣେଲ ପ୍ରସାଦ କଦମ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ବୀର ନାରୀ ଦୈସେହ୍ରୀ ଟପ୍ପୋ, ଶୌର୍ଯ୍ୟଚକ୍ର କ୍ୟାପଟେନ ପ୍ରଦୀପ ବେଗ, କର୍ଣ୍ଣେଲ ପ୍ରଭାତ ପଣ୍ଡା, କ୍ୟାପଟେନ ନବୀନ ପ୍ରଧାନ, ସୁବେଦାର ମେଜର ଶିବ ନାରାୟଣ ବେହେରା, ବୀର ମାତା ବିନୋଦିନୀ ବାଗ, ବୀର ପିତା ଋଷି ବାଗ, ହାବିଲଦାର ସରୋଜ ଦେଓ ପ୍ରମୁଖଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଅଙ୍କନ ସ୍କୁଲ ଓ ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ଲିଙ୍କିତା ଓ ଅମ୍ରିତା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ସୁବେଦାର ମେଜର ବିକାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସହ-ସମ୍ପାଦକ ପ୍ରବୀଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବୀରକିଶୋର ବେହେରା, ହୃଷିକେଶ ପାଢ଼ୀ, ଅନିଲ ମିଶ୍ର, ସୁକୁମାର ପାଢ଼ୀ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କାରଗିଲ ବିଜୟ ଦିବସ ସମାରୋହରେ ପଶ୍ଚିମ ଓଡ଼ିଶାର ଶହ ଶହ ପୂର୍ବତନ ସୈନିକ ଓ ପରିବାର ଯୋଗ ଦେଇଥିଲେ।

**ନାକଟିଦେଉଳ:** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବା ଭାରତ ସମ୍ବଲପୁର ପକ୍ଷରୁ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶୌରଚକ୍ର ବିଜେତା ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ, ନାକଟିଦେଉଳ ଥାନା ସବ ଇନିସପେକ୍ଟର ହୀରାଧର ବେହେରା, ସିଆଇ ହାବିଲଦାର ପ୍ରକାଶ ଚନ୍ଦ୍ର ବାରିକ, ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ, ଅଧ୍ୟାପକ ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାରଗିଲ ଯୁଦ୍ଧରେ ଦେଶ ପାଇଁ ବଳିଦାନ ଦେଇ ଥିବା ସହିଦ ଯବାନ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦେଶର ସୁରକ୍ଷା ପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ସାଗରିକା ଧଳ ପ୍ରଥମ, ମନୀଷା ବାନାର୍ଜୀ ଦିତୀୟ ଓ ବଂଶୀକା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ପୁରୁଷୋତ୍ତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ବଲପୁର:** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଏବିଭିପି ଶାଖା ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ହରିପାଲ, ଇତିହାସ ବିଭାଗର ମୁଖ୍ୟ ଦୁର୍ଲଭ କୁମାର ସା, ଓଡ଼ିଆ ବିଭାଗର ମୁଖ୍ୟ ଶ୍ୟାମ ଭୋଇ, ଇଂରାଜୀ ବିଭାଗର ମୁଖ୍ୟ ହରିହର ମଲ୍ଲିକ, ଏବିଭିପି ଶାଖା ସମ୍ପାଦକ ବି.ପୱନ୍ ତେଜା, କ୍ୟାମ୍ପସ କାର୍ଯ୍ୟକାରିଣୀ ସଦସ୍ୟ ଶୁଭମ୍ ପୃଷ୍ଟି, କ୍ୟାମ୍ପସ କର୍ମକର୍ତ୍ତା ସୁମିତ୍ ସୁନା, ଆକାଶ ଧାରୁଆ, ରଜନୀ କାନ୍ତ ମହାପାତ୍ର, ଜ୍ୟୋତି ପ୍ରକାଶ କର୍ଣ୍ଣ ଏବଂ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଯୌନ ଉତ୍ପୀଡ଼ନ ଆଇନ ସଚେତନତା କାର୍ଯ୍ୟକ୍ରମ

**ରେଢାଖୋଲ, ୨୬।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ବିଷୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଆଇନ ବିଷୟରେ ସଚେତନତା ବୃଦ୍ଧି କରିବା, ତାଙ୍କର ଅଧିକାର, ଦାୟିତ୍ୱ ଓ ତତ୍ ଅନ୍ତର୍ଗତ ପ୍ରତିକାର ପ୍ରଣାଳୀ ବିଷୟରେ ଆଲୋକପାତ କରିବା ଏବଂ ଏକ ସୁରକ୍ଷିତ, ସମ୍ମାନଜନକ ଓ ସମାବେଶ ମୂଳକ ପରିବେଶ ସୃଷ୍ଟି କରିବା ପାଇଁ ପ୍ରେରିତ କରିବା। ବୈଠକ ପ୍ରାରମ୍ଭରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅଧକ୍ଷା ଶ୍ରୀମତୀ ଏସକେ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେ ଆଇନର ମୂଳନୀତି, ଆଭିମୁଖ୍ୟ, କାର୍ଯ୍ୟସ୍ଥଳ ଓ ତାହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ କଲେଜର ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକାମାନେ ତାଙ୍କର ଅଭିଜ୍ଞତା ଓ ମତାମତ ଦେଇଥିଲେ। ଆଇନ ଅନୁଯାୟୀ ଯୌନ ଉତ୍ପୀଡ଼ନର ଅର୍ଥ, ଅଭିଯୋଗ କରିବା ଓ ତାହାର ପ୍ରତିକାର ପ୍ରଣାଳୀ ବିଷୟରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। କଲେଜ ପରିବେଶରେ ଏହି ଆଇନ କେମିତି ପ୍ରୟୋଗ କରାଯାଇ ପାରିବ ଓ କେମିତି ଏକ ଆଦର୍ଶ ଓ ସୁରକ୍ଷିତ ପରିବେଶ ଗଢ଼ି ତୋଳାଯିବ ଅବଗତ କରିଥିଲେ। ଆଇନର ତିନିଟି ମୂଳଉଦ୍ଦେଶ୍ୟ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଥିଲା: ସେ ଗୁଡିକ ହେଲା ନିବାରଣ, ନିଷେଧ ଓ ପ୍ରତିକାର। କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ଆଇନ ୨୦୧୩ ବିଷୟରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ, କେଉଁଠି ଯୌନ ଉତ୍ପୀଡ଼ନ ହୁଏ, କିପରି ଚିହ୍ନଟ କରିବେ, ଅଭିଯୋଗ କରିବା ଓ ସୁରକ୍ଷା ମିଳିବା ବିଷୟରେ ଅବଗତ କରାଯିବା ଏବଂ ସମ୍ମାନ, ସମତା ଓ ନ୍ୟାୟ ରେ ଆଧାରିତ ପରିବେଶ ସୃଷ୍ଟି କରିବ। ଅନ୍ତିମ ଚରଣରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ମିଶି ଆଇନ ଅନୁଯାୟୀ ଶପଥ ଗ୍ରହଣ କରିଥିଲେ। ପରିଶେଷରେ ଅଧ୍ୟାପକ ଡ. ଦିବ୍ୟଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ତିଜ ମେଳା

**ସମ୍ବଲପୁର, ୨୬।୭ (ସମିସ):** ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ସମ୍ବଲପୁର ଶାଖା ଓଡ଼ିଶା ପ୍ରଦେଶ ପକ୍ଷରୁ ତିଜ ମେଳା ଆଜି ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଗୋଟିଏ ସ୍ଥାନରେ ବିଭିନ୍ନ ରାଜ୍ୟର ଘରୋଇକରଣ ବ୍ୟବହାରିକ ସାମଗ୍ରୀ ଉପଲବ୍ଧ କରାଇବା ସହ ମହିଳା ସଶକ୍ତିକରଣ ସହ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା। ଆୟୋଜିତ ତିଜ ମେଳାରେ ଓଡ଼ିଶା ତଥା ବାହାର ରାଜ୍ୟ କୋଲକାତା, ଜୟପୁର, ରାୟପୁର, ଝାଡ଼ଖଣ୍ଡ ଆଦି ରାଜ୍ୟର ବହୁ ମହିଳା ଯୋଗଦେଇ ନିଜ ନିଜ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ କରିଥିଲେ। ମେଳାକୁ ଅଧ୍ୟକ୍ଷା ପୂଜା ପଟୱାରୀ ପରିଚାଳନା କରିଥିବାବେଳେ ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ସମ୍ବଲପୁର ଶାଖାର ସଦସ୍ୟାମାନେ ସହଯୋଗ କରିଥିଲେ।



# ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଭେଡେନ, ୨୬।୭ (ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ରଷୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ଫକୀରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ସହଦେବ ରଥ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୁରୁଚରଣ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ

**ଭେଡେନ, ୨୬।୭ (ସମିସ):** ଭେଡେନ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ, ପ୍ରବେଶ ଓ ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୀତିନିୟମ ଓ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ସମ୍ପର୍କରେ ଅବଗତ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ପ୍ରେମପ୍ରକାଶ ପୁରୋହିତ, ଅଧ୍ୟାପକ ବିନୋଦ ବିହାରି ଭୋଇ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ସୁରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାଇବର ଅପରାଧ ସଚେତନତା ସେମିନାର

**ବରଗଡ଼, ୨୫।୭ (ସମିସ):** ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ପକ୍ଷରୁ ତୋରା ଜୁନିଅର କଲେଜରେ 'ଅନଲାଇନ୍ ସୁରକ୍ଷିତ ରୁହନ୍ତୁ: ସାଇବର ଅପରାଧ' ସଚେତନତା ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ତୋରା ଜୁନିଅର କଲେଜର ଅଧକ୍ଷ ଶ୍ରୀରାମ କର ଏବଂ ମୁଖ୍ୟବକ୍ତା ଭାବେ ଥିଲେ ଜିଲ୍ଲା ସାଇବର ସେଲ୍‌ଫ ବରଗଡ଼ର ପ୍ରଭାରୀ ସବ୍-ଇନ୍ସପେକ୍ଟର ମଙ୍ଗଳ କିସ୍କୁ ଯୋଗଦେଇ ସାଇବର ବିପଦର ବିଭିନ୍ନ ଦିଗ ଏବଂ ପ୍ରତିରୋଧକ ପଦକ୍ଷେପ ଉପରେ କହିଥିଲେ। ପ୍ରୋଜେକ୍ଟ ଅଧକ୍ଷା ମିନାକ୍ଷୀ କର ଏହି ସେମିନାରକୁ ସଂଯୋଜନା କରିଥିଲେ। ୧୧୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ କର, କ୍ଲବ୍ ସଭାପତି ଆଶିମା ବିସୋଇ, ପୂଜା ଅଗ୍ରୱାଲଙ୍କ ସଚିବ ଏବଂ ପୂର୍ବତନ ଜିଲ୍ଲା ଅଧକ୍ଷା ମମତା ପୁରୋହିତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସଦସ୍ୟ ରତ୍ନ ସାସନ, ପ୍ରତିଭା ବାରିକ, ଚେକୁରୀ ଦୁର୍ଗା ମଧ୍ୟ ଉପସ୍ଥିତ ଥିଲେ।

## ମହାନଗର ନିଗମ ଘୋଷଣାକୁ ୧୩ ବର୍ଷ ପୂର୍ତ୍ତି

# କେବେ ଅତ୍ୟାଧୁନିକ ହେବ ସମ୍ବଲପୁର ଟ୍ରାଫିକ୍ ସିଗନାଲ୍

**ସମ୍ବଲପୁର, ୨୬।୭ (ସମିସ)**

ସମ୍ବଲପୁର ଏକ ବିକଶିତ ସହର। କିନ୍ତୁ ହାତ ଦେଖାଇ ଟ୍ରାଫିକ ପରିଚାଳନା ଏବେ ମଧ୍ୟ ଚାଲିଛି। କିନ୍ତୁ ଅଧିକାଂଶ ସ୍ଥାନରେ ଟ୍ରାଫିକ୍ ପୋଷ୍ଟ ନାହିଁ କି କର୍ମଚାରୀଙ୍କ ଦେଖାନାହିଁ। ସୂଚନା ଅନୁସାରେ ସମ୍ବଲପୁର ସହର ମହାନଗର ନିଗମ ଭାବେ ଘୋଷଣା ହେବାକୁ ୧୩ ବର୍ଷ ଇତି ମଧ୍ୟରେ ବିତି ଗଲାଣି। ସହର ବିଭିନ୍ନ ଦିଗରେ ଉନ୍ନତି କଲାଣି। ବିଶେଷ ଭାବେ ପର୍ଯ୍ୟଟନ ଦିଗରେ ବେଶ ଲୋକପ୍ରିୟ ସାଉଁଟି ସାରିଛି। କିନ୍ତୁ ଟ୍ରାଫିକ ପରିଚାଳନାରେ ସୁଧାର ଆସିପାରି ନାହିଁ। ଲୋକେ ଏବେ ମଧ୍ୟ ଟ୍ରାଫିକ ପୁଲିସର ହାତକୁ ଦେଖି ଗାଡ଼ି ଚାଳନା କରୁଛନ୍ତି। ଜନଗହଳିପୂର୍ଣ୍ଣ ଲକ୍ଷ୍ମୀ ଟକିଜ୍‌ରେ ଟ୍ରାଫିକ ପୋଷ୍ଟ ଟିଏ ଥିଲା। ଲୋକଙ୍କୁ ହାତ ହଲାଇ ବାଟ ଦେଖାଉଥିଲେ ଟ୍ରାଫିକ ପୁଲିସ। କିନ୍ତୁ ଉକ୍ତ ପୋଷ୍ଟକୁ ଏସ୍‌ଏମ୍‌ସି ପକ୍ଷରୁ ବିକଶିତ କରାଗଲା। ଏବେ କର୍ମଚାରୀଙ୍କ ଛିଡା ହେବା ପାଇଁ ସ୍ଥାନ ଟିଏ ନାହିଁ। ଓଭର ବ୍ରିଜ୍ ତଳକୁ ଛିଡା ହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ଯାହା କିଛି ଲୋକଙ୍କୁ ଦେଖା ଯାଇ ଥାଏ। ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଚିତ୍ର ସାମ୍ନାକୁ ଆସିଛି।

ସହର ଦେଇ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡ଼ିକ ଯାଇଛି। ଅନେକ ସ୍ଥାନରେ ଜନଗହଳିପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ ଛକ ରହିଛି, ଯାହାକି ଜାତୀୟ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ତେଣୁ ପ୍ରାୟ ସମୟରେ ଟ୍ରାଫିକ୍ ସମସ୍ୟା ଲାଗିରହିଥାଏ। ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୧୦ବର୍ଷ ପୂର୍ବରୁ ଅଟୋମେଟିକ୍ ସିଗ୍‌ନାଲ ମେସିନ ଛକ ଗୁଡ଼ିକରେ ଖଞ୍ଜା ଯାଇଥିଲା। ପୁଲିସ କର୍ମଚାରୀଙ୍କୁ ସହାୟତା କରିବ ଓ କମ୍ କର୍ମଚାରୀରେ ଟ୍ରାଫିକ୍ ନିୟନ୍ତ୍ରଣ ହୋଇଯିବ ସେ ନେଇ ଲକ୍ଷ୍ୟ ରଖାଯାଇଥିଲା। ହେଲେ କିଛିମାସ ଚାଲିବା ପରେ ଏହି ସିଗ୍‌ନାଲ ପୋଷ୍ଟ ଗୁଡ଼ିକ କାମ ଦେଲାନାହିଁ। ଏବେ ମଧ୍ୟ ଟ୍ରାଫିକ୍ ପୁଲିସ୍ ହାତରେ ବାଡ଼ି ଓ ବୋର୍ଡ ଧରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ବ୍ୟବସ୍ଥାରେ ଏତେ ସୁଧାର ଆସିବା, ଜ୍ଞାନକୌଶଳ ଯୋଗାଇ ଦେବା ପରେ ମଧ୍ୟ ସ୍ୱ ପରିଚାଳନାରେ ଟ୍ରାଫିକ ବ୍ୟବସ୍ଥା ନାହିଁ। ସେହି ପରୁଣା ଢାଞ୍ଚାରେ ପୁଲିସ କର୍ମଚାରୀମାନେ ସିଗନାଲ ବୋର୍ଡ ଧରି ଛକରେ ଛିଡ଼ା ରହୁଛନ୍ତି। ଏଥିଯୋଗୁଁ କାର୍ଯ୍ୟରତ ଟ୍ରାଫିକ୍ କର୍ମଚାରୀଙ୍କୁ ସମସ୍ୟା ହେବା ସହ ଯାତ୍ରୀ ତଥା ଚାଳକ ମଧ୍ୟ ସମସ୍ୟାରେ ପଡୁଛନ୍ତି। ଏଭଳି ସ୍ଥିତିରେ ସହରର ଟ୍ରାଫିକ୍ ବ୍ୟବସ୍ଥା ଏକ ପ୍ରକାର ଫେଲ୍ ହୋଇଯାଇଛି। ସବୁଠି ଟ୍ରାଫିକ୍ ସମସ୍ୟା ଦେଖାଦେଇଛି।

 କର୍ମଚାରୀ କମ୍ ଥିବାରୁ ସବୁ ସ୍ଥାନରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣି ପାରୁ ନଥିବା ଅଭିଯୋଗ ହୋଇଛି। ବାରମ୍ବାର ରାସ୍ତା ଜାମ, ଦୁର୍ଘଟଣା ଘଟୁଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ଏହି ସମସ୍ୟାରେ ସୁଧାର ଆଣିବା ପାଇଁ ସର୍ଭେ ପରେ ସର୍ଭେ କରୁଛନ୍ତି। ହେଲେ ସେହି ପ୍ରକଳ୍ପ କେବଳ ଫାଇଲ୍ ତଳେ ହଜିଯାଉଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଥର ଜିଲ୍ଲା ରୋଡ୍ ସେଫ୍‌ଟି କମିଟି ବୈଠକ ବସିଛି। ଏଠାରେ ବି ଚିରାଚରିତ ଢଙ୍ଗରେ ସିସିଟିଭି, ସିଗନାଲ୍ ଲାଇଟ୍ ଆଦି ତମାମ୍ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ମାତ୍ର ସବୁଥର ବୈଠକରେ ହିଁ ଯୋଜନା ସୀମିତ ରହୁଥିବା ଅଭିଯୋଗ ହୋଇଛି।

ସମ୍ବଲପୁର ସହର ଦେଇ ୨ଟି ଜାତୀୟ ରାଜପଥ ଓ ୨ଟି ରାଜ୍ୟ ରାଜପଥ ଯାଇଛି। ଏହି ରାଜପଥଗୁଡ଼ିକରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। କିନ୍ତୁ ସୁବ୍ୟବସ୍ଥିତ ଟ୍ରାଫିକ୍ ବ୍ୟବସ୍ଥା ନଥିବାରୁ ଜାତୀୟ ରାଜପଥରେ ନିତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ନିକଟରେ ଲଗାତାର ଭାବେ ଅଇଁଠାପାଲି ଛକ, ରେମେଡ଼ ଛକରେ ଦୁର୍ଘଟଣା ଘଟି ଲୋକଙ୍କ ଅକାରଣେ ମୃତ୍ୟୁ ଘଟିଛି। କେବଳ ଯେ ଜାତୀୟ ରାଜପଥ ନୁହେଁ ବରଂ ସହରର ସମ୍ବେଦନଶୀଳ ତଥା ବ୍ୟସ୍ତବହୁଳ ଲକ୍ଷ୍ମୀଟକିଜ ଛକ, ଚର୍ଚ୍ଚ ଛକ, ଜେଲ୍ ଛକ, ଜିଲ୍ଲା ସ୍କୁଲ ଛକ, ଧନୁପାଲି ଛକରେ ବି ଅନୁରୂପ ଅବସ୍ଥା। କେଇବର୍ଷ ତଳେ ସହରର ଛକ ଜାଗାମାନଙ୍କରେ ସିଗନାଲ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ପ୍ରଶାସନର ଅବହେଳା ଯୋଗୁଁ ଉକ୍ତ ଲାଇଟ୍‌ଗୁଡ଼ିକ ଅଚଳ ହେବା ପରେ ତାକୁ ମରାମତି କରାଗଲାନି। ପରବର୍ତ୍ତୀ ସମୟରେ ଉକ୍ତ ଲାଇଟ୍ ଖୁଣ୍ଟ ସହ ବି କୁଆଡ଼େ ଗାଏବ୍ ହୋଇଗଲା। ସ୍ଥିତି ଏପରି ହୋଇଛି ଯେ ସହରର ଗୁରୁତ୍ୱପୂର୍ଣ୍ଣ ଛକ ଜାଗାମାନଙ୍କରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଥିବା ବେଳେ ଷ୍ଟପ୍ ପ୍ଲେଟ୍ ଧରି ପୁଲିସ୍ ଛିଡ଼ା ହେଲେ ଗାଡ଼ି ଚାଳକଙ୍କୁ ବି ଦିଶୁନି। ଏପରିସ୍ଥଳେ ସମସ୍ତ ପୁଲିସ୍‌ଙ୍କ ପାଇଁ ଆବଶ୍ୟକ କିଛି ହ୍ୟାଣ୍ଡ ଲାଇଟ୍ ବି ମିଳିପାରୁ ନଥିବା ଜଣାପଡ଼ିଛି।

ସେପଟେ ବରେଇପାଲି ଓ ଅଇଁଠାପାଲି ଛକ ସ୍ଥିତି ପୁରା ଜଟିଳ। ଟ୍ରାଫିକ ପୁଲିସ ରହିବା ପାଇଁ ସ୍ଥାନ ନାହିଁ। ଯେଉଁଠି ରହିଛି କର୍ମଚାରୀଙ୍କ ଦେଖା ନାହିଁ। ପ୍ରାୟ ସମୟରେ ଉଭୟ ଛକରେ ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ। ତେଣୁ ଖୁବ ଶୀଘ୍ର ଏଥିରେ ସୁଧାର ଆଣିବାକୁ ସାଧାରଣରେ ଦାବି ହୋଇଛି।



ଅଧିକାଂଶରେ ଟ୍ରାଫିକ୍ ପୋଷ୍ଟ ନାହିଁ

ଲକ୍ଷ୍ମୀଟକିଜ୍ ଛକରେ ଟ୍ରାଫିକ ପୁଲିସ ଛିଡ଼ା ହେବାକୁ ଜାଗା ନାହିଁ

## ଅନ୍‌ଲାଇନରେ ପତିତପାବନ ବାନା

# ବିକ୍ରି ପାଇଁ ଅନୁମତି ଦେଇଛି କିଏ ?

ପୁରୀ,୨୬।୭(ସମିସ): ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି କିଏ ଦେଇଛି ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନରେ ବିକ୍ରି ହେଲେ ଏହିସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନୀ କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ। ଏଠାରେ ପ୍ରଶ୍ନଉଠୁଛି ଅନ୍‌ଲାଇନରେ ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା




ଅନେକ ନଜିର ରହିଛି। ଏବେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଫ୍ଲିପ୍‌କାର୍ଟରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ଅନ୍ୟ କେଉଁଠାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବାବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଅନ୍ୟପକ୍ଷରେ ଚୁନରା ସେବକଙ୍କ ମତରେ ଯେ କେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛି କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏ ନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରିବ, କିନ୍ତୁ ମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

# ଡିଏସପି ନିଯୁକ୍ତିରେ ପାତରଅନ୍ତର

## ପଦୋନ୍ନତିର ୩ ମାସ ପରେ ବି ଥାନା ସମ୍ଭାଳିଛନ୍ତି

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଜବ ବ୍ୟବସ୍ଥା ଦେଖାଦେଇଛି। ପଦୋନ୍ନତି ପାଇଥିବା ୧୬୯ ଜଣ ଡିଏସପିଙ୍କ ମଧ୍ୟରୁ ୭୦ ଜଣଙ୍କର ପୋଷ୍ଟିଂ ହୋଇଥିଲେ ମଧ୍ୟ ୯୯ ଜଣ ଡିଏସପି ପୋଷ୍ଟିଂ ପାଇ ପାରିନାହାନ୍ତି। ଫଳରେ ସେମାନେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପୂର୍ବରୁ ଡିଏସପି ପୋଷ୍ଟିଂର କ୍ଷମତା ରାଜ୍ୟ ପୁଲିସ ମୁଖିଆଙ୍କ ପାଖରେ ରହିଥିବା ବେଳେ ଏବେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଛି। ଗୃହ ବିଭାଗ ପାଖରେ କ୍ଷମତା ଥାଇ ମଧ୍ୟ ଡିଏସ୍‌ପି

- ଡିଏସପିର କାମ; ଇନ୍ସପେକ୍ଟରର ଦରମା
- ପୁଲିସ ମହଲରେ ଅସନ୍ତୋଷ
- ପୋଷ୍ଟିଂ ଅପେକ୍ଷାରେ ୯୯ ଡିଏସପି

ପୋଷ୍ଟିଂରେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏଭଳି ପାତରଅନ୍ତର ପୁଲିସର ଅଧିକାରୀଙ୍କ ମନୋବଳକୁ ଆହୁରି ଆଘାତ ପହଞ୍ଚାଇଛି।

ଗତ ମାସ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି।

ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୩ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲା ସର୍ବନିମ୍ନ ଡିଏସପି ପାହ୍ୟାର ଅଧିକାରୀ କରିବାର ପ୍ରାବଧାନ ରହିଛି। ଥାନାରେ ଡିଏସ୍‌ପି ଇନ୍‌ଚାର୍ଜ ଭାବେ କାର୍ଯ୍ୟରତ ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି। ମୋଟାମୋଟି କହିବାକୁ ଗଲେ, ଇନ୍ସପେକ୍ଟର ପଦବୀରେ ଥାଇ ମଧ୍ୟ ଡିଏସପି ପାହ୍ୟାର ଅଧିକାରୀଙ୍କ କାମ କରୁଛନ୍ତି।

ଡିଏସପି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ଅନେକ ଅଧିକାରୀ ଏବେ ବି ଇନ୍ସପେକ୍ଟର୍ ପାହ୍ୟାର ଦରମା ପାଉଛନ୍ତି। ପୂର୍ବରୁ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସ୍‌ପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲାଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡିଏସପି ପଦବୀ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବମଞ୍ଜୁରୀ ପଦବୀ ଅନୁସାରେ ଦରମା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସ୍‌ପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ, ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି ବୋଲି କିଛି ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

# ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମୁହାଁମୁହିଁ; ୩ ମୃତ

ଗଣିଆ/ଦଶପଲ୍ଲା,୨୬।୭(ସମିସ): ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି। ଆଜି ସନ୍ଧ୍ୟା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଟାକରା ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ମାଲ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ। ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି।



ଆସନ୍ତାକାଲି ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରରୁ ଶବ ହସ୍ତାନ୍ତର କରାଯିବ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣାଗ୍ରସ୍ତ ୨ଟି ଟ୍ରକ୍‌କୁ ଜବତ କରିଛି ପୁଲିସ। ଗୋଟିଏ ଟ୍ରକ୍ ରାୟଗଡ଼ାରୁ ଆସିଥିବା ବେଳେ ସେଥିରେ ଦୁଇ ଜଣ ଥିଲେ। ସେଥିମଧ୍ୟରୁ ଡ୍ରାଇଭର ଦୀପକ ଚୌହ୍ୱାନ ମୃତ୍ୟୁବରଣ କରିଥିବା ବେଳେ ଜଣେ ଜୀବିତ ଅଛନ୍ତି। ଆଉ ଗୋଟିଏ ଟ୍ରକ୍ ଆନ୍ଧ୍ରପ୍ରଦେଶରୁ ଆସିଥିବା ବେଳେ ସେଥିରେ ୩ ଜଣ ଥିଲେ। ସେଥିମଧ୍ୟରୁ ଆପଲା ନାଇଡୁ ମୃତ୍ୟୁବରଣ କରିଥିବା ବେଳେ କୋୟା ମୋହନ ଜୀବିତ ଅଛନ୍ତି। ଆଉ ଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ।

- ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ

# ଟ୍ରାକ୍ଟରରେ ବୁହାହେଲା ଶବ

ନାକଟିଦେଉଳ, ୨୬।୭(ସମିସ): ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ। ମିଳିଲାନି ମହାପ୍ରୟାଣ ଗାଡ଼ି କି ଶବବାହକ ଗାଡ଼ି। ଶେଷରେ ଟ୍ରାକ୍ଟର ଡାଲାରେ ବୁହା ହେଲା ଶବ। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ବୁରୁବୁଡା ଗାଁରେ ଦେଖିବାକୁ ମିଳିଛି। ସୂଚନାନୁସାରେ, କିସିଣ୍ଡା ଗାଁର ୭୫ବର୍ଷୀୟ ବୃଦ୍ଧ ନାରାୟଣ ନାୟକ ପାଖ ବୁରୁବୁଡ଼ା ଗାଁରେ ଜଣଙ୍କ ଘରେ ରହି ମୁଢ଼ି ବିକ୍ରି କରିଚଳୁଥିଲେ। ହଠାତ ଘରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡାଗାଁରୁ ନାରାୟଣଙ୍କ



ପରିବାରଲୋକେ ବୁରୁବୁଡା ଗାଁକୁ ଆସିଥିଲେ। ହେଲେ ବୁରୁବୁଡା ଗାଁରେ ଶବଦାହ ପାଇଁ ସମସ୍ୟା ହେବାରୁ ୫ କି.ମି ଦୂର ନିଜ ଗାଁ କିସଣ୍ଡାରେ ଶବ ସତ୍କାର ପାଇଁ ପରିବାରଲୋକେ ଚାହିଁଲେ। ସ୍ଥାନୀୟ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ମହାପରାୟଣ ଗାଡ଼ି , ଶବବାହାକ ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ମହାପ୍ରୟାଣ ଗାଡ଼ି ମିଳିନଥିଲା। ଶେଷରେ ମୃତକଙ୍କ ପରିବାରଲୋକ ଏକ ଟ୍ରାକ୍ଟର ଡାଲାରେ ମୃତଦେହକୁ ପକାଇ ୫କି.ମି ଦୂରରେ ଥିବା କିସିଣ୍ଡା ଗାଁ ଶ୍ମଶାନ ଘାଟରେ ଶବ ଦାହ କରିଥିଲେ। ଏହି ଅଞ୍ଚଳ ସମ୍ବଲପୁର ଓ ରେଢାଖୋଲ ଠାରୁ ଦୂରରେ ରହୁଥିବାରୁ ଏଠାରେ ଏକ ଶବ ବାହାକ ଗାଡିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏଭଳି ଘଟଣା ଦୁଃଖଦାୟକ ବହୁ ଚେଷ୍ଟା ସତ୍ତ୍ୱେ ଶବବାହାକ ଗାଡ଼ି ମିଳିଲାନି ବୋଲି କହିଛନ୍ତି ଗରିଶ୍ଚନ୍ଦ୍ରପୁର ସରପଞ୍ଚ।

# ହତ୍ୟାକାରୀକୁ ଆଜୀବନ

ଟିଟିଲାଗଡ଼, ୨୬।୭ (ସମିସ): ୨୦୧୭ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ସନ୍ଦୀପ କୁମାର ପଟ୍ଟନାୟକ ଆଜି ଅଭିଯୁକ୍ତ ଲକ୍ଷ୍ମଣ ଖରସେଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଲକ୍ଷ୍ମଣର ଘର ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମୁଡ଼ା ଗ୍ରାମରେ। ଅପରପକ୍ଷେ, ଏହି ମାମଲାରେ ଜଡ଼ିତ ଅନ୍ୟତମ ଅଭିଯୁକ୍ତ ଧନେଶ୍ୱର ବାଗ ଓରଫ୍ ରାହୁଲ ପୂର୍ବରୁ ଜାମିନରେ ଥିବା ବେଳେ ବର୍ତ୍ତମାନ ଫେରାର୍ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୬୧ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଠେଙ୍ଗା ଆଦି ୯ଟି ପ୍ରମାଣକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ଜୁନ୍ ୩ ତାରିଖରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଅଭିଯୁକ୍ତଦ୍ୱୟ ଗ୍ରାମର ରୋମାଞ୍ଚ ଖରସେଲଙ୍କୁ ହତ୍ୟା କରିଥିଲେ। ଉକ୍ତ ଦିନ ରୋମାଞ୍ଚଙ୍କ ଭଉଣୀ ଚମ୍ପାଙ୍କୁ ଲକ୍ଷ୍ମଣର ପତ୍ନୀ, ମା', ଝିଅ ଓ ଝିଆରୀ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ସେହି ରାତିରେ ରୋମାଞ୍ଚଙ୍କୁ ଅଭିଯୁକ୍ତ ରାହୁଲ ଏକ ଠେଙ୍ଗା ଏବଂ ଲକ୍ଷ୍ମଣ ପଥରରେ ଆକ୍ରମଣ କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୮ ତାରିଖରେ ରୋମାଞ୍ଚଙ୍କର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବାରୁ ପୁଲିସ୍ ଲକ୍ଷ୍ମଣ ଓ ରାହୁଲକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରାଧାକାନ୍ତ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

# ଜେଲ୍ ଗଲେ କୁବେର ଡେପୁଟୀ ରେଞ୍ଜର୍

ଜୟପୁର/ଭୁବନେଶ୍ୱର, ୨୬।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ

- ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତି
- ଘରୁ ଜବତ ହୋଇଥିଲା ୧.୪୩ କୋଟି ଟଙ୍କା

ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ନେପାକ ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତିର ମାଲିକ ବୋଲି ଭିଜିଲାନ୍ସ କହିଛି।

ସୂଚନାନୁଯାୟୀ, ଶୁକ୍ରବାର ଡେପୁଟି ରେଞ୍ଜର୍ ଶ୍ରୀ ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଜୟପୁର ଏନ୍‌କେଟି ରୋଡ୍‌ରେ ଥିବା ୪୦୦୦ ବର୍ଗଫୁଟର ୩ ମହଲା କୋଠା ଓ ଜୟପୁର ଗୋଲଡେନ୍ ହାଇଟ୍ସ ଆପାର୍ଟମେଣ୍ଟରେ ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଜଳକା ହୋଇଯାଇଥିଲେ। ଆପାର୍ଟମେଣ୍ଟର ୫୧୦ ନଂ ରୁମରୁ ଭିଜିଲାନ୍ସକୁ ଏକ ଗୁପ୍ତ ଟ୍ରେଜେରୀ ମିଳିଥିଲା। ସେଥିରେ ୧.୪୩ କୋଟି ନଗଦ ଟଙ୍କା ରହିଥିଲା। ପୁଳାପୁଳା ଟଙ୍କାବିଡ଼ା ସହିତ ୪ଟି ସୁନା ବିସ୍କୁଟ, ୧୦ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍, ସୁନା ହାର, ଚୁଡ଼ି, ମାଳି, ମଙ୍ଗଳସୂତ୍ର ଭଳି ବହୁ ଦାମୀ ଅଳଙ୍କାର ସାମଗ୍ରୀ ମିଳିଥିଲା। ଏହାବ୍ୟତୀତ ଜୟପୁର ସହରାଞ୍ଚଳରେ ୨ଟି ମୂଲ୍ୟବାନ ଜମି, ଭୁବନେଶ୍ୱର ପଟିଆ ରଘୁନାଥପୁରରେ ୧୮୦୦ ବର୍ଗଫୁଟର ୩ ବିଏଚ୍‌କେ ଫ୍ଲାଟ୍ ତାଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେହିପରି ଘରେ ଥିବା ସାମଗ୍ରୀର ଦାମ ୧୫.୫୦ଲକ୍ଷ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଭୁବନେଶ୍ୱର ଫ୍ଲାଟ୍, ନେପାକଙ୍କ ସମ୍ପର୍କୀୟ ଓ ଶ୍ୱଶୁର ଘରେ ଚଢ଼ଉ ହୋଇଥିଲେ ମଧ୍ୟ ସେଠାରୁ କିଛି ଟଙ୍କା ମିଳିନାହିଁ। ୬ଟି



ସ୍ଥାନରେ ହୋଇଥିବା ଚଢ଼ଉରେ ଜୟପୁର, ନବରଙ୍ଗପୁର, ମାଲକାନଗିରି ଭିଜିଲାନ୍ସ କାର୍ଯ୍ୟାଳୟର ୬ଡିଏସ୍‌ପି, ୫ ଇନ୍ସପେକ୍ଟର, ୯ ଏଏସଆଇ ଏବଂ ଏକାଧିକ କର୍ମଚାରୀ ସାମିଲ୍ ହୋଇଥିଲେ।

# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ: ଓଷ୍ଟା

ଭୁବନେଶ୍ୱର,୨୬।୭(ସମିସ): ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟା ତୀବ୍ର ବିରୋଧ କରିଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଭଳି ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରିବା ପରେ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି।

ଓଷ୍ଟା ପକ୍ଷରୁ କୁହାଯାଇଛି ଯେ ୟୁଏଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନ ମନ୍ୟତା ସୃଷ୍ଟି କରିବ। ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରା ନ ଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ସରକାରଙ୍କ ବାଛବିଚାର ମନୋବୃତ୍ତି। ଏହା ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ନିର୍ଦ୍ଦିଷ୍ଟ ସମୟରେ ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା କେତେ ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ଉପରିସ୍ଥ ସମସ୍ତ ଦାବିକୁ ବିଚାର କରିବା ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ପୋଡ଼ି ଘଟଣାର

# ୮ ଦିନ ପରେ ମୁହଁ ଖୋଲିଲେ ଏସ୍‌ପି

ବଳଙ୍ଗା,୨୬।୭(ସମିସ): ବଳଙ୍ଗା ଘଟଣାରେ ମୁହଁ ଖୋଲିଛନ୍ତି ଏସ୍‌ପି ପିନାକ୍ ମିଶ୍ର। ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ଏ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁ ଆଉ ଟିକେ ସମୟ ଲାଗୁଛି। ତଦନ୍ତ

- 'କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ'
- ୪ ଜଣଙ୍କ ବୟାନ ରେକର୍ଡ

ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି। ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡୁ, ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ। ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ। ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି।



ଏପଟେ ଶୁକ୍ରବାର ବଳଙ୍ଗା ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ବର୍ତ୍ତମାନ ପୁରୀ ଏସ୍‌ପିଙ୍କ ବୟାନ ଘଟଣାରେ ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି ପୁଲିସର ନିଷ୍କ୍ରିୟତା। ସେପଟେ ଏହି ଘଟଣାରେ ପୁରୀ ହେଡ୍‌କ୍ୱାର୍ଟର ଏସ୍‌ଡିପିଓଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ପ୍ରମୁଖ ୪ ଜଣଙ୍କ ଶନିବାର ସନ୍ଧ୍ୟାରେ ନିମାପଡ଼ା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଏହି ୪ଜଣଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା।

# ୪ ମାଓବାଦୀ ନିହତ; ବିସ୍ଫୋରକ ଜବତ

ମାଲକାନଗିରି,୨୬।୭(ସମିସ): ମାଓଦମନ ଲାଗି ଆରମ୍ଭ ହୋଇଥିବା ଅପରେସନ୍ 'ମନସୁନ୍'କୁ ବଡ଼ଧରଣର ସଫଳତା ମିଳିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନକାଉଣ୍ଟର୍‌ରେ ୪ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ଅନ୍ତର୍ଗତ ଗଙ୍ଗାଲୁର ଜଙ୍ଗଲରେ ସୁରକ୍ଷାକର୍ମୀମାନେ ଅପରେସନ୍ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଆଉ କିଛି ମାଓବାଦୀ ଆତ୍ମଗୋପନ କରିଥିବା ସନ୍ଦେହରେ ପୁଲିସ୍ ପକ୍ଷରୁ ଅଭିଯାନକୁ ଜୋରଦାର୍ କରାଯାଇଛି।

## ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ

କଟକ,୨୬।୭(ସମିସ): ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଭୂମିକା ପ୍ରଶଂସନୀୟ। ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ଭାଷା-ସାହିତ୍ୟର ଯେପରି ସେବା କରିଆସୁଛି, ତାହା ଅନନ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି।

'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ରାଜ୍ୟପାଳ ଡକ୍ଟର କମ୍ଭମ୍‌ପାଟି ଶ୍ରୀ ହରିଚନ୍ଦନଙ୍କୁ ଅନୁଷ୍ଠାନର ରୁପାର ସ୍ମାରକୀ ଚିହ୍ନ, ତାମ୍ର ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।




ସମ୍ମାନ ଗ୍ରହଣ କରି ଶ୍ରୀଯୁକ୍ତ ହରିଚନ୍ଦନ କହିଲେ ଯେ ଜାତିକୁ ଜାଗ୍ରତ କରିବା ପାଇଁ ସାହିତ୍ୟିକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ମାଟି, ମାଆ ଓ ମଣିଷର ସମ୍ମାନ ପାଇଁ ଲେଖକମାନଙ୍କର ବିଶେଷ ଭୂମିକା ରହିଛି। ଉତ୍ସବରେ ମୁଖ୍ୟବକ୍ତା ଭାବରେ 'ଉତ୍କଳ ସାହିତ୍ୟ ସମାଜ'ର ପୂର୍ବତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଯେଉଁ ଅବଦାନ ରଖିଛି, ତାହା ଅବିସ୍ମରଣୀୟ ବୋଲି କହିଥିଲେ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ମନୋଜ ପଟ୍ଟନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କର,ଆଦିତ୍ୟ ପ୍ରତାପ ବାଘସିଂହ, ଶ୍ରୀମତୀ ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡକ୍ଟର ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗ ଦେଇଥିଲେ।

# ବର୍ଷାଦିନେ ପାଦର ଯତ୍ନ



**କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।**

- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନ୍‌ରେ ପାଦ ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଙ୍ଗଲ୍ ପାଉଡର ସ୍ପ୍ରେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁୟର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥିରେ ପାଦର ଅଙ୍ଗୁଳିଗୁଡ଼ିକୁ ସଫା କରିବା ସହ ପାଦକୁ ମସାଜ୍ ମଧ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ଭ ସେପ୍‌ରେ କାଟିବା ଆବଶ୍ୟକ । ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ୍ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କମିଥାଏ ।

# ରାକ୍ଷୀରୁ ସ୍ୱାବଲମ୍ବୀ ମହିଳା

**ପାଖେଇ ଆସୁଛି ରାକ୍ଷୀ ପୂର୍ଣ୍ଣିମା । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ନିଜ ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଥିପାଇଁ ବଜାରରେ ବିଭିନ୍ନ ଡିଜାଇନ୍‌ର ଭଳିକି ଭଳି ରାକ୍ଷୀ ସବୁ ଦେଖିବାକୁ ମିଳିଥାଏ । ହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ରାକ୍ଷୀ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ ଏବଂ ଏହା ପରିବେଶକୁ ଦୂଷିତ କରିଥାଏ । ତେଣୁ ଧାନ, ଚାଉଳ, ମାଟି, ଗହମ, କଉଡ଼ି, କୁଲା ଭଳି ପ୍ରାକୃତିକ ଜିନିଷକୁ ଉପଯୋଗ କରି ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି, ଖୋର୍ଦ୍ଧା ଜିଲ୍ଲା ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଏହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ।**







ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥିମ୍ ଅନୁଯାୟୀ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପ୍ରସ୍ତୁତି । ଧାନ, ଗହମ, ଚାଉଳ, ମାଟି, କୁଲା, ମୁଦ୍ରା, ବାଉଁଶ ଆଦିକୁ ବ୍ୟବହାର କରି ଭଳିକି ଭଳି ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଜଗନ୍ନାଥ, କଉଡ଼ି, କାର୍ଟୁନ, ଗଣେଶ ଓ କୁଲା ଆଦି ଡିଜାଇନର ରାକ୍ଷୀ ତିଆରି କରନ୍ତି । ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମା ପରେ ଲୋକେ ରାକ୍ଷୀକୁ ଏଣେତେଣେ ଫୋପାଡ଼ି ଦିଅନ୍ତି । ଏହାଦ୍ୱାରା ପ୍ଲାଷ୍ଟିକ୍ ଜିନିଷ ମାଟିରେ ପଡ଼ି ପରିବେଶକୁ ଦୂଷିତ କରିଥାଏ । ଏପରି ସ୍ଥଳେ ପରିବେଶ ଅନୁକୂଳ ରାକ୍ଷୀ ଖୁବ୍ ଲାଭଦାୟକ ହୋଇଥାଏ । ରାକ୍ଷୀରେ ବ୍ୟବହୃତ ଧାନ, ଗହମ, ଚାଉଳ ଆଦି ସହଜରେ ମାଟିରେ ମିଳେଇଯାଏ । ଏଥିସହ ଏହି ରାକ୍ଷୀ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହା ତ୍ୱଚାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

ଗୋଷ୍ଠୀର ସଭାପତି ସ୍ୱପ୍ନା ମହାନ୍ତିଙ୍କ କହିବାନୁଯାୟୀ, ଆଧୁନିକ ଛାପ ଥିବା ଷ୍ଟୋନ୍, ଚେନ୍, ପ୍ଲାଷ୍ଟିକ୍ ରାକ୍ଷୀ ବଦଳରେ ଲୋକେ ଆକାରରେ ଛୋଟ, ନାଲିକଳା ରଙ୍ଗର ହାତ ତିଆରି ଜଗନ୍ନାଥ ରାକ୍ଷୀକୁ ବେଶି ପସନ୍ଦ କରୁଛନ୍ତି । ଏହା ତୁଳସୀ, କଉଡ଼ି ଧାନରେ ନିର୍ମିତ ହୋଇଥିବାରୁ ଏହା ଅଧିକ ସଂଖ୍ୟାରେ ଅର୍ଡର ମଧ ଆସୁଛି । ଏଥିସହ ଲୋକଙ୍କ ଆକର୍ଷଣ ସାଜିଛି କୁଲା ରାକ୍ଷୀ । ଗୋଟିଏ ଛୋଟ କୁଲାକୁ ସଜେଇ ସେଥିରେ ରାକ୍ଷୀ, ସିନ୍ଦୂର, ଚାଉଳ ଆଦି ରଖି ପ୍ୟାକେଟ୍ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହି ସ୍ୱତନ୍ତ୍ର କୁଲା ରାକ୍ଷୀ ପ୍ରସ୍ତୁତ ହୋଇଛି ।

ମହିଳାମାନେ ବର୍ଷକ ବାରମାସ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏଥି ସହିତ ଲୋକଙ୍କ ଚାହିଦା, ପୂଜା, ଉତ୍ସବ ଆଦି ଦିନଗୁଡ଼ିକୁ ଧ୍ୟାନରେ ରଖି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ସେହିପରି ବାକି ଦିନଗୁଡ଼ିକରେ ସମ୍ବଲପୁରୀ କପଡ଼ାରୁ କାନଫୁଲ, ଚାବିରିଙ୍ଗ, କ୍ଲିପ୍, ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରିଥାନ୍ତି । ବଜାରରେ ଏହି ଜିନିଷର ଚାହିଦା ମଧ ରହିଛି । ସେହିପରି ଦୀପାବଳିରେ ମଧ ଭଳିକି ଭଳି କ୍ୟାଣ୍ଡେଲ ପ୍ରସ୍ତୁତ କରିଥାନ୍ତି । ସେହିପରି ରାକ୍ଷୀ ପୂର୍ଣ୍ଣିମାର ଦୁଇମାସ ପୂର୍ବରୁ ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି ।

# କ୍ଲେ ମାସ୍କ



**ସାଧାରଣତଃ ଧୂଳି, ପ୍ରଦୂଷଣ ତେଲ ଆଦି ମୁହଁରେ ଜମି ତ୍ୱଚାକୁ କଳା କରିଥାଏ । ଏହାଦ୍ୱାରା ମୁହଁର ଉଜ୍ଜ୍ୱଳତା କମିଯାଏ । ଏପରି ସ୍ଥଳେ କ୍ଲେ ମାସ୍କ ତ୍ୱଚା ପାଇଁ ଏକ ବରଦାନ । ଏହା ତ୍ୱଚାର ଅତିରିକ୍ତ ତେଲକୁ ଅବଶୋଷିତ କରିଥାଏ । ବିଶେଷ କରି ତେଲିଆ ଏବଂ ବ୍ରଣତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

## ପ୍ରସ୍ତୁତି

- ଗୋଟିଏ ପାତ୍ରରେ ମୁଲ୍‌ତାନୀ ମାଟି, ଗୋଲାପଜଳ, ଆଲୋଭେରା ଜେଲ୍, ଅଳ୍ପ ହଳଦୀଗୁଣ୍ଡ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।
- ସେହିପରି ତ୍ୱଚା ଶୁଷ୍କ ଥିଲେ ଅଳ୍ପ ମହୁ ଓ କ୍ଷୀର ମିଶାଇପାରିବେ । ଏହା ତ୍ୱଚାରେ ଆଦ୍ରତା ବଜାୟ ରଖିଥାଏ ।
- ସପ୍ତାହରେ ଥରେ ଦୁଇଥର ଏହି ମାସ୍କକୁ ବ୍ୟବହାର କଲେ, ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।




## ଧ୍ୟାନ ଦିଅନ୍ତୁ

- ଏହା ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲକରି ସଫା କରନ୍ତୁ ।
- ମାସ୍କ ଲଗାଇବା ପରେ ତ୍ୱଚାକୁ ଦୀର୍ଘ ସମୟ ଶୁଖାନ୍ତୁ ନାହିଁ ।
- ମାସ୍କ ଶୁଖିଗଲା ପରେ ତ୍ୱଚାକୁ ସଫା କରି ମଏଶ୍ଚରାଇଜର୍ ଲଗାନ୍ତୁ ।
- ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ । ପରେ ଯାଇ ଏହାକୁ ତ୍ୱଚାରେ ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ, ରାସାୟନିକ ପଦାର୍ଥଯୁକ୍ତ ପ୍ରସାଧନ ଲଗାଇବାରୁ ଦୂରେଇ ରୁହନ୍ତୁ । କ୍ଲେ ମାସ୍କକୁ ରୁଟିନ୍‌ରେ ସାମିଲ କରନ୍ତୁ ।
- ଏହା ତ୍ୱଚାକୁ ଗଭୀରରୁ ସଫା କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

# ବିନା ବିଜୁଳିରେ ଇସ୍ତ୍ରୀ

**ଅନେକ ସମୟରେ ପୋଷାକ ଇସ୍ତ୍ରୀ କରୁଥିବା ସମୟରେ ବିଜୁଳି କଟିଯାଏ । ଫଳରେ ଇସ୍ତ୍ରୀ ଅଧା ରହିଯାଏ । କିନ୍ତୁ କିଛି ଘରୋଇ ଟିପ୍‌ସ ଆପଣାଇ ବିଦ୍ୟୁତ୍ କଟିଗଲେ ମଧ ପୋଷାକକୁ ଇସ୍ତ୍ରୀ କରିପାରିବେ, ଜାଣିବା ସେ ବିଷୟରେ...**

- ଗୋଟିଏ କଡ଼େଇରେ ପାଣି ନେଇ ଗରମ କରନ୍ତୁ । ଗରମପାଣିକୁ ଏକ ପ୍ୟାନ୍‌ରେ କାଢ଼ି ଦିଅନ୍ତୁ । ଏହା ଉପରେ ଏକ ଢାଙ୍କୁଣି ଘୋଡ଼ାଇ ପୋଷାକ ଉପରେ ଧୀରେ ଧୀରେ ଘସି ଇସ୍ତ୍ରୀ କରିପାରିବେ । ଏହାଦ୍ୱାରା ଲୋଚାକୋଚା କପଡ଼ା ସିଧା ହୋଇଯାଏ ।
- ସେହିପରି ଘରେ କୋଇଲା ଥିଲେ ଏହାକୁ ମଧ ବ୍ୟବହାର କରିପାରିବେ । ଏକ ଷ୍ଟିଲ୍ ପାତ୍ର ନେଇ ସେଥିରେ କୋଇଲାକୁ ଦେଇ ଗରମକରନ୍ତୁ । ଏହାପରେ ଏହାକୁ ଗୋଟିଏ କପଡ଼ାରେ ଧରି ଧୀରେ ଧୀରେ ପୋଷାକ ଉପରେ ଘଷନ୍ତୁ । ଏହାଦ୍ୱାରା ଇସ୍ତ୍ରୀ ଭଲ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପନିର୍ ଟିକି



## ଆବଶ୍ୟକ ସାମଗ୍ରୀ

ରସୁଣ- ଏକ କୋଳା, କଞ୍ଚା ଲଙ୍କା – ତିନି, ଚାରୋଟି, ବାଦାମ – ଅଧା କପ୍, ଜିରା – ଏକ ଚାମଚ, ରାଶି- ଏକ ଚାମଚ, ପନିର୍ – ୨୦୦ ଗ୍ରାମ୍, ଧନିଆପତ୍ର – ଏକ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ତାୱା ଗରମ ହୋଇଗଲେ, ରସୁଣ ପକାନ୍ତୁ । ପରେ ସେଥିରେ କଞ୍ଚାଲଙ୍କା, ଚିନାବାଦାମ, ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲେ ଜିରା, ରାଶି ଓ ସାମାନ୍ୟ ଲୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାର୍‌ରେ ପୂରାଇ ଅଳ୍ପ ଧନିଆ ପତ୍ର ଦେଇ ବାଟି ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ପନିର୍‌କୁ ଗ୍ରେଡେଟ୍ କରି ଦିଅନ୍ତୁ । ସେଥିରେ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବାଦାମ ଧନିଆପତ୍ର ବଟାକୁ ଦେଇ ଭଲଭାବେ ଗୋଳାଇ ଦିଅନ୍ତୁ । ସେଥିରୁ କିଛି ହାତରେ ନେଇ ଥାପି ଟିକି ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ପନିର୍ ଟିକି ସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର ଟିକି' ।

# ସ୍କର୍ଟ ପାଇଁ ଟପ୍‌ସ



**ବର୍ଷାଦିନ ପାଇଁ ସ୍କର୍ଟ ଭଲ ବିକଳ୍ପ । ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ମଧ ସେତିକି ଆରାମଦାୟକ ହୋଇଥାଏ । କିନ୍ତୁ ସ୍କର୍ଟ ସହ କେଉଁ ପ୍ରକାର ଟପ୍‌ସ ପିନ୍ଧିଲେ ଭଲ ମାନିବ, ତାକୁ ନେଇ ଅନେକ ମହିଳା ଦ୍ୱନ୍ଦରେ ଥାଆନ୍ତି । ତେଣୁ ସ୍କର୍ଟରେ ସ୍ଲିମ୍ ଓ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍‌ସ ।**

## ବଟନ୍ – ଡାଉନ୍

ବଟନ୍ – ଡାଉନ୍ ଟପ୍ସ ପିନ୍ଧିଲେ ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଏହାକୁ ମିଡି ସ୍କର୍ଟ କିମ୍ବା ପେନ୍‌ସିଲ୍ ସ୍କର୍ଟ ସହ ପିନ୍ଧିପାରିବେ । ଏଥିରେ ଲାଗିଥିବା ସ୍ଲିଭସ୍‌କୁ ମୋଡ଼ିପାରିବେ । ଏଥିସହ ଚାହିଁଲେ ବ୍ରେସ୍‌ଲେଟ୍ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

## ଫିଟେଡ୍ କ୍ରପ୍

ଫିଟେଡ୍ କ୍ରପ ଟପ୍ ପିନ୍ଧିବା ଦ୍ୱାରା ଅଣ୍ଟା ପତଳା ଦେଖାଯାଏ । ଏହି ଟପ୍‌ସ ହାଇୱେଷ୍ଟ ସ୍କର୍ଟ୍‌ସକୁ ଭଲ ମାନିଥାଏ । ଏହାଦ୍ୱାରା ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ସେହିପରି ପତଳା ଦିଶିବାକୁ ଚାହୁଁଥିଲେ, ସ୍କର୍ଟ ଓ ଟପ୍‌ସ ସମାନ ରଙ୍ଗର ପିନ୍ଧିପାରିବେ । ଏହାଦ୍ୱାରା ଲମ୍ବା ଓ ପତଳା ଦିଶିଥାଏ ।

## ଭି-ନେକ୍ ଟପ୍‌ସ

ଭି-ନେକ୍ ଟି ସାର୍ଟ ପିନ୍ଧିବା ଦ୍ୱାରା ବେକ ଲମ୍ବା ଦିଶିଥାଏ । ଏଥିସହ ଚେହେରା ମଧ ପତଳା ଦିଶିଥାଏ । ତେବେ ଏହି ଟି-ସାର୍ଟ ହାଲୁକା ଫିଟିଙ୍ଗ୍ ହେବା ଜରୁରୀ । ଏହାକୁ ଡେନିମ୍ ସ୍କର୍ଟ କିମ୍ବା ମିଡି ସ୍କର୍ଟ ସହ ପିନ୍ଧିପାରିବେ । ସେହିପରି ଚାହିଁଲେ ସ୍କର୍ଟରେ ଟପ୍‌ସକୁ ଟ୍ୟାଙ୍କ୍ କରି ଏକ ବେଲ୍ଟ ଲଗାଇପାରିବେ ।

## ପେପ୍ଲମ୍

ସେହିପରି ପେଟ ବଡ଼ ଥିଲେ ଏହାକୁ ଲୁଚାଇବା ପାଇଁ ପେପ୍ଲମ୍ ଟପ୍‌ସ ପିନ୍ଧିପାରିବେ । ଏହା ଅଣ୍ଟାପାଖରୁ ଫ୍ଲେୟାର ଥାଏ । ଏହା ଶରୀରକୁ ଏକ ସୁନ୍ଦର ଆକାର ଦେଇଥାଏ । ଚାହିଁଲେ ପ୍ରିଣ୍ଟେଡ୍ ଟପ୍ସ ମଧ ପିନ୍ଧିପାରିବେ ।

## ଅଫ୍ ସୋଲଡର୍

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଅଫ୍‌ସୋଲଡର ଟପ୍ସ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦେଖାଯାଏ । ଏଥିସହ ସହ ଆସେସରିଜ୍ ମଧ ପରିଧାନ କରିପାରିବେ ।

## ଜୋ ରୁଟ୍ ୧୫୦, ବେନ୍ ଷ୍ଟୋକ୍ସ ୧୪୧; ଇଂଲଣ୍ଡ ୬୬୯

# ମ୍ୟାଚ୍ ବଞ୍ଚାଇବାକୁ ଭାରତର ସଂଘର୍ଷ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି): ଜୋ ରୁଟ୍ (୧୫୦) ଓ ବେନ୍ ଷ୍ଟୋକ୍ସ (୧୪୧)ଙ୍କ ଦମ୍‌ଦାର ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ଶେଷ ହୋଇଛି। ଏହା ଫଳରେ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିବା ଭାରତ ୩୧୧ ରନ୍‌ରେ ପଛୁଆ ରହିଛି। ଏତେ ବଡ଼ ରନ୍ ବ୍ୟବଧାନରେ ପଛୁଆ ରହିଥିବା ଭାରତ ତାହାର ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୫୦ ରନ୍‌ରେ ୨ ୱିକେଟ ହରାଇଛି। ଫଳରେ ଏହି ଟେଷ୍ଟରେ ପରାଜୟ ଏଡାଇବାକୁ ଭାରତ ସଂଘର୍ଷ ଅବ୍ୟାହତ ରଖିଛି। ରିପୋର୍ଟ ଲେଖା ହେଲା ବେଳକୁ ଲୋକେଶ ରାହୁଲ ୭୪ ଓ ଅଧିନାୟକ ଶୁବମନ ଗିଲ ୭୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଦୁଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନ ଖାତା ଖୋଲିବା ପୂର୍ବରୁ କ୍ରିସ୍ ଓକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ବିନା ରନ୍‌ରେ ୨ ୱିକେଟ ହରାଇବା ପରେ ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ୱିକେଟରେ ୧୫୦ ରନ୍ ଉଠାଇ ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ।



### ଅଧିନାୟକ ବେନ୍‌ଙ୍କ ଶତକ

ଏହି ମ୍ୟାଚ୍‌ର ଶନିବାର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୫୪୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ବେନ୍ ଷ୍ଟୋକ୍ସ ଏକାକୀ ଭାରତୀୟ ବୋଲରଙ୍କୁ ଚୌକା ଛକା ମାଧ୍ୟମରେ ନିଷ୍ପ୍ରଭ କରିଦେଇଥିଲେ। ଗତକାଲି ୬୬ ରନ୍‌ରେ ରିଟାୟର୍ଡ ହୋଇଥିବା ଷ୍ଟୋକ୍ସ ପରେ ବ୍ୟାଟିଂ କରିବାକୁ ଆସି ୭୭ ରନ୍‌ରେ ଅପରାଜିତ ରହିଥିଲେ। ଆଜି ସେ ଏହି ସ୍କୋରକୁ ଆଗକୁ ବଢ଼ାଇବା ସହ ଇଂଲଣ୍ଡକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ସେ ଓ ବ୍ରାଇଡନ କାର୍ସ ୯ମ ୱିକେଟରେ ୯୭ ବଲ୍‌ରୁ ୯୫ ରନ୍ ଉଠାଇ ଭାରତକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ। ଏହା ମଧ୍ୟରେ କାର୍ସ ୩୯ ଓ ଷ୍ଟୋକ୍ସ ୫୦ ରନ୍ ଯୋଡିଥିଲେ। ଏହି ପାର୍ଟନରସିପ୍ ଯୋଗୁଁ ଇଂଲଣ୍ଡ ୬୬୯ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଏହା ଓଲ୍ଡ ଟ୍ରାଫୋର୍ଡରେ ସର୍ବାଧିକ ହୋଇଥିଲାବେଳେ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର। ଭାରତୀୟ ବୋଲରଙ୍କୁ ନିରାଶ କରିବା ପରେ ଷ୍ଟୋକ୍ସ ଏକାଧିକ ରେକର୍ଡ କରି ୧୪୧ ରନ୍‌ରେ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସ୍କୋର ଲାଗି ସେ ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୩ ଛକା ମାରିଥିଲେ। ଟେଷ୍ଟ କ୍ରିକେଟରେ ଷ୍ଟୋକ୍ସର ଏହା ୧୪ତମ ଶତକ ଥିଲା। ଅନ୍ୟପକ୍ଷରେ କାର୍ସ ୪୭ ରନ୍ କରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ।

### ପ୍ରଥମଥର ବୁମରା ଖର୍ଚ୍ଚ କଲେ ୧୦୦+ ରନ୍

ଏହି ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସବୁଠାରୁ ନିକୃଷ୍ଟ ଥିଲା। ଇଂଲଣ୍ଡ ୧୫୭.୧ ଓଭର ଭାରତୀୟଙ୍କୁ ପଡ଼ିଆରେ ରଖିଥିଲା। ଏଥିରେ ବୁମ୍‌ରା ୩୩ ଓଭର ବୋଲିଂ କରି ୧୧୨ ରନ୍ ଦେଇଥିଲେ। ଟେଷ୍ଟ କ୍ରିକେଟ କ୍ୟାରିୟରରେ ବୁମ୍‌ରା ପ୍ରଥମଥର ଗୋଟିଏ ଇନିଂସରେ ୧୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ତାଙ୍କ ବ୍ୟତୀତ ଆଉ ୪ଜଣ ବୋଲର ମହମ୍ମଦ୍ ସିରାଜ ୩୦ ଓଭରରେ ୧୪୦, ରବୀନ୍ଦ୍ର ଜାଡେଜା ୩୭.୧ ଓଭରରେ ୧୪୩ ଓ ୱାଶିଂଟନ ସୁନ୍ଦର ୨୮ ଓଭରରେ ୧୦୭ ରନ୍ ବ୍ୟୟ କରିଥିଲେ। ଏହା ୨୫ତମ ଅବସର ଯେଉଁଥିରେ ଭାରତର ୪ଜଣ ବୋଲର ୧୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଥିଲେ। ଜାଡେଜାଙ୍କୁ ସର୍ବାଧିକ ୪ଟି, ବୁମ୍‌ରା ଓ ସୁନ୍ଦରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୩୫୮/୧୦, ୧୧୪.୧ ଓଭର** (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/୧୦, ୧୫୭.୧ ଓଭର** (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଡକେଟ-୯୪, କ୍ରାଲୀ-୮୪, ପୋପ୍-୭୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ: ୧୫୦/୨, ୫୬ ଓଭର** (ଲୋକେଶ ରାହୁଲ-ବ୍ୟାଟିଂ-୭୪, ଶୁବମନ ଗିଲ-ବ୍ୟାଟିଂ-୭୧, ଜୟସ୍ୱାଲ-୦, ସୁଦର୍ଶନ-୦, କ୍ରିସ୍ ଓକ୍ସ-୨/୩୫)।

# ଷ୍ଟୋକ୍ସଙ୍କ ବିରଳ କୀର୍ତ୍ତିମାନ

### ଟେଷ୍ଟରେ ୭୦୦୦ ରନ୍ ଓ ୨୦୦ ୱିକେଟ ନେବାରେ ତୃତୀୟ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଏକ ବିରଳ ସଫଳତା ପାଇଛନ୍ତି। ଏହି ଟେଷ୍ଟରେ ସେ ୫ ୱିକେଟ ଓ ୧୪୧ ରନ୍ କରିଛନ୍ତି। ଏହି ଟେଷ୍ଟରେ ସେ ଇଂଲଣ୍ଡର ଚତୁର୍ଥ ଖେଳାଳି ତଥା ବିଶ୍ୱର ୫ମ ଅଧିନାୟକ ଭାବେ ଗୋଟିଏ ଟେଷ୍ଟରେ ୫ ୱିକେଟ ନେବା ସହ ଶତକ ହାସଲ କରିଛନ୍ତି। ଏହି ସଫଳତା ବଳରେ ଏଠାରେ ୧୧୫ତମ ଟେଷ୍ଟ ଖେଳୁଥିବା ଷ୍ଟୋକ୍ସ ଟେଷ୍ଟ କ୍ରିକେଟରେ ୭୦୦୦ ରନ୍ ପୂରଣ କରିବା ସହ ଦୁଇଶହ ୱିକେଟ ନେବାରେ ସଫଳ ହୋଇଛନ୍ତି। ଏହି ବିରଳ ସଫଳତା ପାଇବାରେ ସେ ବିଶ୍ୱର ମାତ୍ର ତୃତୀୟ ଅଲରାଉଣ୍ଡର। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ (୧୩୨୮୯ ରନ୍ ଓ ୨୯୨ ୱିକେଟ) ଓ ୱେଷ୍ଟଇଣ୍ଡିଜ୍‌ର ଗ୍ୟାରୀ ସୋବର୍ସ (୮୦୩୨ ରନ୍ ଓ ୨୩୫ ୱିକେଟ) ଏହି କ୍ଲବ୍‌ର ସଦସ୍ୟ ହୋଇଥିଲେ। ଷ୍ଟୋକ୍ସ ୧୧୫ତମ ଟେଷ୍ଟରେ ମୋଟ ୭୦୩୨ ରନ୍ କରିବା ସହ ୨୨୯ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ରହିଥିଲାବେଳେ ଗୋଟିଏ ଇନିଂସରେ ୫ମଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ସୀମିତ ରହିବା ଫଳରେ ଭାରତ ବିପକ୍ଷରେ ଘରୋଇ ଦଳ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ୨୦୧୧ ବର୍ମିଂହାମ ଟେଷ୍ଟରେ ଇଂଲଣ୍ଡ ୭ ୱିକେଟରେ ୭୧୦ ରନ୍ କରି ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଥିଲା। ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ୫ମ ସର୍ବାଧିକ ସ୍କୋର। ୨୦୧୪ରେ ଶେଷଥର ଭାରତ ବିପକ୍ଷରେ ପ୍ରତିପକ୍ଷ ଦଳ ୬୦୦ (ନ୍ୟୁଜିଲାଣ୍ଡ, ୬୮୦/୮) ରନ୍ କରିଥିଲା।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ହରାରେ, ୨୬।୭ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩ ରନରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଚାମ୍ପିଅନ ହୋଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୧୮୦ ରନ କରିଥିଲା। ଡେଭିଡ୍ କନୱେ ଓ ରାଚିନ ରବୀନ୍ଦ୍ର ୪୭ ରନ ଲେଖାଏ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଓପନର୍ ଲୁଆନ ଡ୍ରି-ପ୍ରିଟୋରିୟସ (୫୧ ରନ), ରିଜା ହେଣ୍ଡ୍ରିକ୍ସ (୩୭) ଓ ଡେୱାଲ୍ଡ ବ୍ରେଭିସ (୩୧)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୬ ୱିକେଟ୍‌ରେ ୧୭୭ ରନ କରିପାରିଥିଲା। ଶେଷ ଓଭରରେ ଜିତିବାକୁ ୭ ରନ ଆବଶ୍ୟକ ହେଉଥିବାବେଳେ ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରୀ ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଥିଲେ।

## ଡେଭିଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ସିରିଜ୍ କବ୍‌ଜା

ସେଣ୍ଟ କିଟ୍ସ, ୨୬।୭ (ଏଜେନ୍ସି): ଟିମ୍ ଡେଭିଡ୍‌ଙ୍କ ୩୭ ବଲ୍‌ରେ ଅପରାଜିତ ୧୦୨ ଓ ଅବିଭକ୍ତ ୫ମ ୱିକେଟ ଯୋଡିରେ ମିଚେଲ ଓଏନ୍(୩୬)ଙ୍କ ସହ ୧୨୮ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୬ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି। ଇଣ୍ଡିଜ୍‌ର ସାଇ ହୋପ୍ ଅପରାଜିତ ୧୦୨ ରନ୍ କରିଥିଲେ।

## ଦ୍ୱିତୀୟଥର ଲାଗି ସ୍ଥଗିତ ରହିଲା କବାଡ଼ି ବିଶ୍ୱକପ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ର ଗାଛିବୋଲି ଇଣ୍ଡୋର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିଲା। କିନ୍ତୁ ପ୍ରଶାସନିକ ସମସ୍ୟା ଯୋଗୁ ଅନିର୍ଦ୍ଦିଷ୍ଟକାଳ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା ଭାରତୀୟ ଆମେଚର କବାଡ଼ି ମହାସଂଘ (ଏକେଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଫଳରେ ମହିଳା କବାଡ଼ି ବିଶ୍ୱକପ୍ ୨ୟଥର ଲାଗି ସ୍ଥଗିତ ହୋଇଛି। ଏଥିପୂର୍ବରୁ ମହିଳା କବାଡ଼ି ବିଶ୍ୱକପ୍ ଜୁନରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ସରକାର ପରେ ଆୟୋଜନ ନେଇ ଅସମର୍ଥ ପ୍ରକାଶ କରିଥିଲେ।

## ୟୁଏଇରେ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮

# ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୨୬।୭ (ଏଜେନ୍ସି): ୟୁଏଇ ବା ୟୁନାଇଟେଡ ଆରବ ଏମିରେଟ୍ସରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୯ରୁ ୨୮ ତାରିଖ ଯାଏ ଏସିଆ କପ୍ ପୁରୁଷ କ୍ରିକେଟ ଖେଳାଯିବ। ଏ ସମ୍ପର୍କରେ ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଶନିବାର ବିଧିବଦ୍ଧ ଘୋଷଣା କରିଛି। ଟି-୨୦ ଫର୍ମାଟରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଏସିସିର ସଭାପତି ପାକିସ୍ତାନର ମୋହସିନ ନକ୍‌ଭି ଆଜି ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଥର ଏସିଆ କପ୍‌କୁ ସମାନ ଫର୍ମାଟରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ଖେଳସୂଚୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭାବେ ଭାରତ ରହିଛି। କିନ୍ତୁ ଏସିସିର ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନ ଯଦି ଆୟୋଜକ ହୁଅନ୍ତି, ତେବେ ଆସନ୍ତା ୩ ବର୍ଷ ଯାଏ ଏହି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ। ଏଥିଲାଗି ଏଥର ଟୁର୍ଣ୍ଣାମେଣ୍ଟ ୟୁଏଇରେ ଖେଳାଯିବ ବୋଲି ସ୍ଥିର ହୋଇଛି।

**ଭାରତର ଖେଳସୂଚୀ**

- ସେପ୍ଟେମ୍ବର ୯: ଭାରତ-ୟୁଏଇ
- ସେପ୍ଟେମ୍ବର ୧୪: ଭାରତ-ପାକିସ୍ତାନ
- ସେପ୍ଟେମ୍ବର ୧୯: ଭାରତ-ଓମାନ

## ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଜାକିର ଅଲି, ଶ୍ୟାମ ଅଗରୱାଲ, ଅଲ୍‌ତାଫ୍ ଅଲି, ସନ୍ଦୀପ ଅଗରୱାଲ, ଗୋବିନ୍ଦ ରାଓ, ଅଭିଲାଷ ମହାରଣା, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଚେତନ ଆନନ୍ଦ, ଆଦିତ୍ୟ ହାଲଦାର, ମିଶାଲ ସ୍ୱାଇଁ, ସାଗର ସ୍ୱାଇଁ, ଜ୍ଞାନ ଦାଶ, ଦେବୀ ପ୍ରସାଦ ସାହୁ ଓ ବରୁଣ ନାୟକ ବିଜୟୀ ହୋଇଛନ୍ତି। ମିଶାଲ, ଜ୍ଞାନ, ଜାକିର ଓ ଗୋବିନ୍ଦ ରାଓ ଏଥିସହ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରବିବାର ମୁକାବିଲା ପରେ ଅନ୍ୟ କେଉଁ ପ୍ରତିଯୋଗୀ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ମିଶାଲ ସ୍ୱାଇଁ, ଶ୍ୟାମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ନିଶାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## ଟ୍ୟାଲେଣ୍ଟ ଟେନିସ ସିରିଜ: ସୁତଭ୍ୟାଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ସୁତଭ୍ୟା କର୍ମାକର ଡବଲ୍ ଟାଇଟଲ୍ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସ୍ୱପ୍ନିଏ ଘୋଷ ଟାଇଟଲ୍ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ଆଇପିଏସ୍ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ପ୍ରିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୫ ଓ ୧୨ ଆଇଟା ପଏଣ୍ଟ ପାଇଛନ୍ତି। ଗତ ୨୧ ତାରିଖରୁ ଚାଲିଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମର ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ

## ତନ୍ୱି, ଭେନାଲାଙ୍କୁ କାଂସ୍ୟ ପଦକ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଇଣ୍ଡୋନେସିଆରେ ଶନିବାର ଶେଷ ହୋଇଛି ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ। ଏହି ପ୍ରତିଯୋଗିତାରେ ଭାରତର ମହିଳା ଦଳ ପ୍ରଥମଥର ଲାଗି ୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଭାରତ ପକ୍ଷରୁ ତନ୍ୱି ଶର୍ମା ଓ ଭେନାଲା କାଲାଗୋଟାଲା ମହିଳା ଏକକ ସେମିଫାଇନାଲରେ ପରାଜିତ ହେବା ଫଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଚୀନର ପ୍ରତିଯୋଗୀ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ତନ୍ୱି ଶର୍ମା ଏକାଧିକ ତ୍ରୁଟି କରିବା ଫଳରେ ଏହି ମ୍ୟାଚ୍ ହାରିଯାଇଥିଲେ।

# ସାହାଣୀ କପ୍ ଫାଇନାଲରେ କଟକ

ଭୁବନେଶ୍ୱର, ୨୬।୭ (ସମିସ): ପ୍ରଥମ ଦଳ ଭାବେ କଟକ ଚଳିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଜୋନରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଦୀନବନ୍ଧୁ ଦାସଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କଟକ ୫-୦ରେ ବିଜୟୀ ହୋଇ ଫାଇନାଲ ଟିକଟ୍ ହାସଲ କରିଥିଲା। ଦୀନବନ୍ଧୁ ମ୍ୟାଚର ପ୍ରଥମାର୍ଦ୍ଧ (୩୬ତମ, ୪୩ତମ ଓ ୪୫ତମ ମିନିଟ୍)ରେ ୩ଟି ଯାକ ଗୋଲ୍ ଦେଇଥିଲେ। ସେହିଭଳି ବାପୁନି ବିନ୍ଧାଣୀ ଅନ୍ୟ ୨ଟି ଗୋଲ୍ ଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବ୍ରହ୍ମପୁରର ମହାତ୍ମା ଗାନ୍ଧି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ କୋରାପୁଟ ଓ ସମ୍ବଲପୁର ସାମ୍ନାସାମ୍ନି ହେବେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS